

ନିୟନ୍ତ୍ରଣରେଖା ନିକଟରେ ପାକିସ୍ତାନ ସେନା ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ ଗୁଳିମାଡ଼ କରାଯିବାରୁ ଭାରତୀୟ ଯବାନ ଏହାର କଡ଼ା ଜବାବ ଦେଇଛନ୍ତି। ଫଳରେ ପାକିସ୍ତାନର ୩ ଯବାନ ଓ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ପାକ୍ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ ଗଫୁର ଭାରତୀୟ ବଙ୍କର ନଷ୍ଟକରିବା ସହ ପାକିସ୍ତାନୀ ସେନା ୫ ଭାରତୀୟ ଯବାନଙ୍କୁ ହତ୍ୟା କରିଥିବା ଦାବି କରିଛନ୍ତି।



## ସଂକ୍ଷେପରେ

### ନୀତି ଆୟୋଗ ବୈଠକ
## ଓଡ଼ିଶାରୁ ପ୍ରତିନିଧିତ୍ୱ କଲେ କୃଷିମନ୍ତ୍ରୀ ଅରୁଣ

ଭୁବନେଶ୍ୱର,୧୬।୮(ବ୍ୟୁରୋ): ନୀତିଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କୃଷି ମନ୍ତ୍ରୀ ଅରୁଣ ସାହୁ ରାଜ୍ୟର ପ୍ରତିନିଧିତ୍ୱ କରିଛନ୍ତି। ଏହି ବୈଠକକୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଭାରତୀୟ କୃଷି ବ୍ୟବସ୍ଥାର ପରିବର୍ତ୍ତିତ ରୂପରେଖ ପାଇଁ ଗଠିତ ହୋଇଥିବା ଉଚ୍ଚସ୍ତରୀୟ ମୁଖ୍ୟମନ୍ତ୍ରୀମାନଙ୍କ କମିଟିର ଏହା ବୈଠକ ଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଏହି କମିଟିର ମୁଖ୍ୟ ଅଛନ୍ତି। କୃଷି ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ସଫଳ ପ୍ରୟୋଗ ଓ କେତେକ ଗଠନଧର୍ମୀ ପ୍ରସ୍ତାବ ଓଡ଼ିଶା ପକ୍ଷରୁ ଦିଆଯାଇଥିବା ସୂତ୍ରରୁ ପ୍ରକାଶ। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ୟୁପି, ମଧ୍ୟପ୍ରଦେଶ, ହରିୟାଣା, କର୍ଣ୍ଣାଟକ, ଗୁଜରାଟ, ଅରୁଣାଚଳ ପ୍ରଦେଶ, ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ସେହିପରି କମିଟିରେ କେନ୍ଦ୍ର ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ତଥା କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରତିନିଧିତ୍ୱ କରୁଛନ୍ତି।

## କେନ୍ଦ୍ରୀୟ ରେଲୱେରେ ମରାମତି ଯୋଗୁ ଟ୍ରେନ ବାତିଲ

ଭୁବନେଶ୍ୱର, ୧୬।୮(ବ୍ୟୁରୋ): କେନ୍ଦ୍ରୀୟ ରେଲୱେରେ ସୁରକ୍ଷା ସମ୍ବନ୍ଧିତ ଉନ୍ନତୀକରଣ ମରାମତି ଚାଲୁଥିବାରୁ ବିଭିନ୍ନ ଟ୍ରେନଗୁଡ଼ିକୁ ବାତିଲ, ଆଂଶିକ ବାତିଲ ଓ ଗତିପଥ ବଦଳାଯାଇଛି। ସୋଲାପୁର-ୱାଡି ରେଳ ସେକ୍ସନରେ ୱାଡସିଙ୍ଗେ ଓ ଭଲୱାନି ଷ୍ଟେଶନ ମଧ୍ୟରେ ମରାମତି ଚାଲୁ ରହିଛି। ଏ ସକାଶେ ପୁନେ-ଭୁବନେଶ୍ୱର-ପୁନେ ଏକ୍ସପ୍ରେସ ଭୁବନେଶ୍ୱରରୁ ୨୦ରେ ଓ ପୁନେରୁ ୨୨ରେ ବାତିଲ୍ ରହିବ ବୋଲି ରେଲୱେ ପକ୍ଷରୁ ସୂଚନା ମିଳିଛି। ଏଲଟିଟି (ମୁମ୍ବାଇ)-ବିଶାଖାପାଟଣା ଏକ୍ସପ୍ରେସ ମୁମ୍ବାଇରୁ ୧୬ରୁ ୨୪ ଓ ବିଶାଖାପାଟଣାରୁ ୧୮ରୁ ୨୬ ଯାଏଁ ବିଶାଖାପାଟଣାରୁ ସୋଲାପୁର ଯାଏ ଚଳାଚଳ କରିବ। ସୋଲାପୁରରୁ ମୁମ୍ବାଇ ମଧ୍ୟରେ ଟ୍ରେନ ଚଳାଚଳ ବନ୍ଦ ରହିବ। ଅନ୍ୟପଟେ ରେଲଧାରଣା ଉପରେ ପାଣି ଜମି ରହିବାରୁ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରୁଥିବା କୋଣାର୍କ ଏକ୍ସପ୍ରେସର ଗତପଥ ବଦଳାଯାଇଛି। ପୁନେ-ମୁମ୍ବାଇ ମଧ୍ୟରେ ଅଧିକାଂଶ ସ୍ଥାନରେ ମାତ୍ରାଧିକ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ଉପୁଜି ଟ୍ରାକ ଉପରେ ପାଣି ଜମି ରହିଛି। ସେଥିପାଇଁ ଭୁବନେଶ୍ୱର-ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ କୋଣାର୍କ ଏକ୍ସପ୍ରେସ ୧୬ରୁ ୨୨ ତାରିଖ ମଧ୍ୟରେ ମନମାଡ-ଔରଙ୍ଗାବାଦ-ଲଛମୀପୁର-ପରଲି-ବୈଜନାଥ-ବିକାରାବାଦ ଦେଇ ଉଭୟ ପଟରୁ ଚଳାଚଳ କରିବ। ଏହା ବ୍ୟତୀତ ବିଶାଖାପାଟଣା-ଏଲଟିଟି/ହାଇଦ୍ରାବଦ-ନିଜାମୁଦ୍ଦିନ ଲିଙ୍କ ଏକ୍ସପ୍ରେସ ବଲବଗଡକୁ ୩୧ରୁ ଆସନ୍ତା ମାସ ୬ ଯାଏ ଫରିଦାବାଦ ନୂଆ ଟାଉନ୍ ଦେଇ ଯାତ୍ରା କରିବ।

## ମିଞ୍ଜିଆହୁରି ପାହାଡରୁ ନରକଙ୍କାଳ ଉଦ୍ଧାର

ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.): ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ପିଣ୍ଡିକି ପଞ୍ଚାୟତର ଲବେରମା ଗ୍ରାମ ନିକଟସ୍ଥ ମିଞ୍ଜିଆହୁରି ପାହାଡରୁ ଏକ ନରକଙ୍କାଳ ମୋହନା ପୋଲିସ ଜବତ କରିଛି। ଦୁର୍ଗମ ପାହାଡ ମଧ୍ୟରେ ଏକ ଗଛ ମୂଳରେ କଙ୍କାଳ ପଡିଥିଲା। ଏହି କଙ୍କାଳଟି ମାସେ ତଳେ ମୋହନା ଗ୍ରାମରୁ ନିଖୋଜ ଥିବା ଶ୍ୟାମ ସୁନ୍ଦରସିଂଙ୍କର ବୋଲି ଜଣାପଡିଛି। ସେ ମୋହନା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କମ୍ପ୍ୟୁଟର ପରିଚାଳକ ଭାବେ କାର୍ଯ୍ୟରତ ଥିଲେ। ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାରଙ୍କ ଉପସ୍ଥିତିରେ ଉକ୍ତ ନରକଙ୍କାଳ ଉଦ୍ଧାର କରି ବ୍ରହ୍ମପୁରସ୍ଥିତ ଏମ୍‌କେସିଜିକୁ ପଠାଇଛି। ତେବେ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି କହୁଥିବାବେଳେ ମୃତକଙ୍କ ପରିବାର ପକ୍ଷରୁ ଏହାକୁ ଏକ କପୋଳକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରାଯାଇଛି। ବର୍ତ୍ତମାନ ଘଟଣାର ତଦନ୍ତ ଜାରି ରହିଛି। ଏନେଇ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ତଦନ୍ତ ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ। ଲବେରମା ଗ୍ରାମର କେତେକ ଲୋକ ଗାଈ ଚରାଇବାକୁ ଯାଇଥିବା ବେଳେ ସେଠାରେ ସେମାନେ ନରକଙ୍କାଳ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଏହାକୁ ଉଦ୍ଧାର କରିଥିଲା।

# ଅଡୁଆରେ ଭିସା ଷ୍ଟିଲ୍

## କାରଖାନା ବନ୍ଦ ପାଇଁ ଏନ୍‌ଜିଟିର ନିର୍ଦ୍ଦେଶ

ଯାଜପୁର ଅଫିସ,୧୬।୮



ଯଖପୁରାସ୍ଥିତ ଭିସା ଷ୍ଟିଲ୍ ମୁଖ୍ୟ ଫାଟକ।

- ଗଣ୍ଡାନାଳା ଓ ଚାଷ ଜମିକୁ ବିଷାକ୍ତ ପାଣି ଛାଡୁଥିବା ଅଭିଯୋଗ
- ଏସ୍‌ପିସିବିକୁ ସମ୍ପୂର୍ଣ୍ଣ ଦାୟୀ କଲା ଏନ୍‌ଜିଟି
- ଶୁଣାଣିର ୨ମାସ ମଧ୍ୟରେ ପଦକ୍ଷେପ ନିଅ

କଳିଙ୍ଗନଗର ଭିସା ଷ୍ଟିଲ୍ କାରଖାନା ଦ୍ୱାରା ଉତ୍କଟ ବାୟୁ ଓ ଜଳ ପ୍ରଦୂଷଣ ହେଉଛି । ଏଥିପାଇଁ କାରଖାନା ବନ୍ଦ କରିବାକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛି। ଏନ୍‌ଜିଟିରେ ଆବେଦନ ସଂଖ୍ୟା ୧୯/୨୦୧୯ (ଇଜେଡ) ଉପରେ ଗତ ୯ ତାରିଖରେ ହୋଇଥିବା ଶୁଣାଣିରେ ଭିସା ଷ୍ଟିଲର ବର୍ଜ୍ୟଜଳ ଛାଡ଼ିବା ମାମଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)କୁ ସମ୍ପୂର୍ଣ୍ଣ ଦାୟୀ କରାଯାଇଛି। ଶୁଣାଣିର ୨ମାସ ମଧ୍ୟରେ କାରଖାନା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ପ୍ରାଣୀଜଗତ ପାଇଁ କାରଖାନାର ଏହି କାର୍ଯ୍ୟ ଅପରାଧ ବୋଲି ଏନ୍‌ଜିଟି ଅଭିହିତ କରିଛି। ମାଟି, ପାଣି ଆଦି ପରିବେଶଗତ କ୍ଷତିପୂରଣ ଆଦାୟ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛି। ଏଥିରେ ଏସ୍‌ପିସିବି ବିଫଳ ହେଲେ ଜରିମାନା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି।

ଭିସା ଷ୍ଟିଲ୍ କାରଖାନା ନିୟମିତ ଗଣ୍ଡାନାଳା ଓ ଚାଷ ଜମିକୁ ବିଷାକ୍ତ ପାଣି ଛାଡୁଥିବା ଅଭିଯୋଗରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲା। ମିଡ଼ିଆରେ ପ୍ରକାଶିତ ଖବର, ଏସ୍‌ପିସିବିର ନିର୍ଦ୍ଦେଶ, ଭିଡିଓ କ୍ଲିପିଂ ଆଦି ଅଭିଯୋଗରେ ସଂଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ସମିତି ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। କାରଖାନାର ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା, କାରଖାନାରୁ ବର୍ଜ୍ୟଜଳ ବାହାରକୁ ଛଡାଯାଉଥିବା ଆଦି ଟ୍ରିବ୍ୟୁନାଲ ଅନୁଭବ କରିଥିଲା। ଏହାପରେ ଟ୍ରିବ୍ୟୁନାଲ ଏପ୍ରିଲ ୯ରେ ଏସ୍‌ପିସିବିକୁ ତଦନ୍ତ କରି ୧୦।୬।୨୦୧୯ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ସହ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏସ୍‌ପିସିବି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ନ ମାନି ନୀରବ ରହିଥିଲା। ଏଥିଯୋଗୁ ଏନ୍‌ଜିଟି ଏସ୍‌ପିସିବି ଉପରେ ଅସନ୍ତୋଷ ପ୍ରକାଶ କରିଛି। ତେବେ ଗତ ୨୪।୭।୨୦୧୮ରେ ଏସ୍‌ପିସିବି ତଦନ୍ତ ରିପୋର୍ଟରେ ଭିସା କାରଖାନା ପଛପଟ ଦେଇ ଏକ କଲଭର୍ଟ ଜରିଆରେ ବର୍ଜ୍ୟଜଳ ବାହାରକୁ ନିର୍ଗତ ହେଉଥିବା ଜାଣିବାକୁ ପାଇଥିଲା। ବର୍ଜ୍ୟପାଣି ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ସେଥିରେ ସାଇନାଏଡ, କ୍ରୋମିୟମ, ଫେନଲ ଆଦି ରାସାୟନିକ ପଦାର୍ଥ ମିଳିଥିଲା। ଏମ୍ବିଏଣ୍ଟ ଏୟାର କ୍ୱାଲିଟି ସିଷ୍ଟମ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ବିଷାକ୍ତ ଧୂଳି ଓ ଧୂଆଁ ବାହାରୁଥିବା ଏସ୍‌ପିସିବି ଲକ୍ଷ୍ୟ କରିଥିଲା। କିନ୍ତୁ କୌଣସି ବିହିତ ପଦକ୍ଷେପ ନ ନେଇ ଏସ୍‌ପିସିବି ଗତ ୪।୮।୨୦୧୮ରେ ଏକ କାରଣ ଦର୍ଶାଅ ନୋଟିସ ଦେଇ ନୀରବ ରହିଥିଲା । ଏପରିକି କୌଣସି ସମସ୍ୟାର ସମାଧାନ ନ କରି ପୁଣି କାରଖାନା ଚଳାଇବାକୁ ଅନୁମତି ଦେଇଥିଲା ବୋଲି ଏନ୍‌ଜିଟି ନିର୍ଦ୍ଦେଶରେ ଉଲ୍ଲେଖ କରିଛି।

ଏହି କ୍ରମରେ ଏସ୍‌ପିସିବି ମୌଳିକ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଛି ବୋଲି ଏନ୍‌ଜିଟି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହାପରେ କାରଖାନା ନିୟମିତ ଭାବେ ବିଷାକ୍ତ ପାଣି ଚାଷଜମିକୁ ଛାଡୁଥିବା ସଂକ୍ରାନ୍ତରେ ଆବେଦନକାରୀ ପୁଣି ଅତିରିକ୍ତ ସତ୍ୟପାଠ ଦାଖଲ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଜିଟି ଭିସା ଷ୍ଟିଲ କାରଖାନା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ଆବଶ୍ୟକସ୍ଥଳେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅନୁଯାୟୀ କାରଖାନା ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ କାରଖାନାରୁ ଯେପରି ବର୍ଜ୍ୟଜଳ ବାହାରକୁ ନ ଯିବ ସେଥିପାଇଁ ଏସ୍‌ପିସ୍‌ବି ନିଶ୍ଚିତ ହେବା ଜରୁରୀ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଶଙ୍କରପ୍ରସାଦ ପାଣି ଓ ଏ.ଡି. ଭୋବେ ପରିଚାଳନା କରୁଥିଲେ। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ସଭାପତି ତଥା ଆବେଦନକାରୀ ଅଶ୍ୱିନୀ କୁମାର ଧଳ କୁହନ୍ତି, ଦୁର୍ଭାଗ୍ୟର ବିଷୟ ଯେ, ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଏସ୍‌ପିସିବିର କୌଣସି ମାଷ୍ଟର ପ୍ଲାନ ନାହିଁ। ଏନ୍‌ଜିଟିର ନିର୍ଦ୍ଦେଶକୁ ସେ ସ୍ୱାଗତ କରୁଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ ଖାରବେଳ ଭବନ



ଭୁବନେଶ୍ୱର, ୧୬।୮ (ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସ୍ୱାଧୀନତା ଦିବସରେ ୟୁନିଟ୍-୫ସ୍ଥିତ ଖାରବେଳ ଭବନକୁ ଉଦ୍‌ଘାଟନ କରିଛନ୍ତି। ୧୦ ତାଲା ବିଶିଷ୍ଟ ଏହି ଭବନକୁ ଲୋକସେବା ଭବନର ୧୧ଟି ବିଭାଗ ସ୍ଥାନାନ୍ତରିତ ହେବ। ଖାରବେଳ ଭବନରେ ବିଭାଗୀୟ ସଚିବମାନେ ବସିବେ। ୧୧ଟି ବିଭାଗର କାର୍ଯ୍ୟାଳୟ ସହ ମୁଖ୍ୟମନ୍ତ୍ରୀଙ୍କ ଲାଗି ଏଠାରେ ସ୍ୱତନ୍ତ୍ର କକ୍ଷ ରହିଛି। ଶିଳ୍ପ, ଏମ୍‌ଏସଏମଇ, ଶକ୍ତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ପରିବହନ, ଜଙ୍ଗଲ ଓ ପରିବେଶ, ଶ୍ରମ ଓ ଇଏସଆଇ, ବୟନ ଓ ହସ୍ତଶିଳ୍ପ, ଗୃହ ଓ ନଗରଉନ୍ନୟନ, ବୈଷୟିକ ଶିକ୍ଷା ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର କାର୍ଯ୍ୟାଳୟ ଏଠାରେ କାର୍ଯ୍ୟ କରିବ। ୨୦୧୬ରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ଭବନଟି ୨୪ ମାସରେ ସମ୍ପୂର୍ଣ୍ଣ ହୋଇଥିଲା। ଏଥିସକାଶେ ୧୩୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ମୁଖ୍ୟଯନ୍ତ୍ରୀ ସତ୍ୟରଞ୍ଜନ ସେଠୀ ସୂଚନା ଦେଇଛନ୍ତି। କୋଠାରେ ନ୍ୟାଶନାଲ ବିଲ୍ଡିଂ କୋଡ ଅଫ ଇଣ୍ଡିଆ ନିୟମ ଅନୁସାରେ ଅଗ୍ନି ନିର୍ବାପନ ବ୍ୟବସ୍ଥା କରାଯାଇଛି। ଏହି ଭବନର ପ୍ରଥମ ମହଲାର ପୂର୍ବ ଓ ପଶ୍ଚିମ ବ୍ଲକ୍‌ରେ ପ୍ରତୀକ୍ଷାଳୟ, ଅଭ୍ୟର୍ଥନା ପ୍ରକୋଷ୍ଠ, ସମ୍ମିଳନୀ କକ୍ଷ, କାଫେ ଓ କ୍ୟାଣ୍ଟିନ। ଦ୍ୱିତୀୟ ମହଲାରେ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନଶିଳ୍ପ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କାର୍ଯ୍ୟାଳୟ ବ୍ୟବସ୍ଥା କରାଯାଇଛି। ତୃତୀୟ ମହଲାରେ ଗୃହ ଓ ନଗର ଉନ୍ନୟନ, ଚତୁର୍ଥ ମହଲାରେ ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ ବ୍ୟବସ୍ଥା ହୋଇଛି। ପଞ୍ଚମ ମହଲାରେ ପୂର୍ବପଟେ ଶ୍ରମ ଓ ଇଏସଆଇ, ପଶ୍ଚିମ ବ୍ଲକ୍‌ରେ ବାଣିଜ୍ୟ ଓ ପରିବହନ, ଷଷ୍ଠ ମହଲାର ପୂର୍ବ ପଟେ ଶକ୍ତି ବିଭାଗ ଏବଂ ପଶ୍ଚିମ ବ୍ଲକ୍‌ରେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, ବିଜ୍ଞାନୀ ଓ କାରିଗରୀ ବିଭାଗ। ସପ୍ତମ ମହଲାର ପୂର୍ବ ବ୍ଲକ୍‌ରେ ଶିଳ୍ପ ବିଭାଗ ଏବଂ ପଶ୍ଚିମ ବ୍ଲକ୍‌ରେ ଏମଏସଏମଇ ବିଭାଗ ସହ ଅଷ୍ଟମ ମହଲାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କକ୍ଷ ବ୍ୟବସ୍ଥା ହୋଇଛି।

# ରାସ୍ତାରେ ଧାନ ତଳି ରୋଇଲେ ଗ୍ରାମବାସୀ



କାଦୁଅ ରାସ୍ତାରେ ଧାନ ରୋଉଛନ୍ତି ।

## ୧୭ ବର୍ଷ ହେବ ମରାମତି ହୋଇନି

ଜୁନାଗଡ଼,୧୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ ପଞ୍ଚାୟତ ସାନଫୁର୍ଲା-ବନ୍ଦପଡାକୁ ସଂଯୋଗ କରୁଥିବା ଦେଢ କି.ମି. ରାସ୍ତା ଗତ ୧୭ ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟିଛି। ବର୍ଷା ସମୟରେ ରାସ୍ତାରେ କାଦୁଅ ହେବା ସହ ବଡ ବଡ ଖାଲ ସୃଷ୍ଟି ହୋଇଛି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ସ୍ଥାନୀୟ ଲୋକେ ଯାତାୟାତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦୀର୍ଘ ବର୍ଷ ହେବ ଏହି ରାସ୍ତାକୁ ମରାମତି କରିବା ପାଇଁ ପ୍ରଶାସନ ଓ ରାଜନେତାଙ୍କ ପାଖରେ ସ୍ଥାନୀୟ ଅଧିବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଯାହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ବର୍ଷା ଲାଗିରହିଥିବାରୁ ଉକ୍ତ ରାସ୍ତାରେ ଏକ ଫୁଟ ଉଚ୍ଚର କାଦୁଅ ଜମା ହୋଇ ରହିଛି । ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିବାବେଳେ କେବଳ ଚାଲିଚାଲି ସ୍ଥାନୀୟ ଲୋକେ ଯାତାୟାତ କରୁଛନ୍ତି। ରାସ୍ତାର ଏପରି ବ୍ୟତିକ୍ରମକୁ ନେଇ ଗୁରୁବାର ସାନଫୁର୍ଲା ବନ୍ଦପଡା ଗ୍ରାମବାସୀ ସେହି କାଦୁଅରେ ଧାନତଳି ରୋଇ ଅଭିନବ ପ୍ରତିବାଦ ଜଣାଇଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରୁଥିବାବେଳେ ଉକ୍ତ ଘଟଣା ବାସ୍ତବିକ ଚିତ୍ରକୁ ସାମ୍ନାକୁ ଆଣିଛି । କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# ୫ ଟ୍ରିଲିୟନ ଅର୍ଥନୀତି ପାଇଁ ଉର୍ଜା ପ୍ରମୁଖ ଭୂମିକା ନେବ: ଧର୍ମେନ୍ଦ୍ର




ଭାରତ-ଆମେରିକା ଫୋରମ୍ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିଗଣ।

## ଭାରତ-ଆମେରିକା ଫୋରମ୍ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

୨୦୨୪ ସୁଦ୍ଧା ଭାରତ ୫ ଟ୍ରିଲିୟନ ଅର୍ଥନୀତି ହେବାର ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଦେଶର ଉର୍ଜା କ୍ଷେତ୍ର ଏହି ଲକ୍ଷ୍ୟକୁ ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ନୂଆଦିଲ୍ଲୀଠାରେ ଶୁକ୍ରବାର ଅନନ୍ତ ସେଣ୍ଟର ଦ୍ୱାରା ଆୟୋଜିତ ଭାରତ ଆମେରିକା ଫୋରମ୍ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ୨୦୩୫ ପର୍ଯ୍ୟନ୍ତ ଭାରତରେ ଉର୍ଜା ବ୍ୟବହାର ପ୍ରତିବର୍ଷ ୪.୨ ପ୍ରତିଶତ ବୃଦ୍ଧି ପାଇବାର ଅନୁମାନ କରାଯାଉଛି। ଏହା ବିଶ୍ୱର ସମସ୍ତ ପ୍ରମୁଖ ଅର୍ଥ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବ । ଭାରତର ଉର୍ଜା ଟ୍ରାନ୍‌ଜାକ୍ସନ ପ୍ରାକୃତିକ ଗ୍ୟାସ୍ ଏବଂ ନବୀକରଣ ବସ୍ତୁ ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଅନ୍ତଃରାଷ୍ଟ୍ରୀୟ ଉର୍ଜା ଏଜେନ୍ସିର ବିଶ୍ୱ ଉର୍ଜା ପୁଞ୍ଜି ନିବେଶ ୨୦୧୯ ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତରେ ବିଦେଶୀ ଉର୍ଜା ପୁଞ୍ଜି ନିବେଶ ୮୫ ବିଲିୟନ ବୃଦ୍ଧି ପାଇଛି। ବିଶ୍ୱର ଅନ୍ୟ ସ୍ଥାନଗୁଡିକଠାରୁ ଏହା ବେଶ୍ ଅଧିକ ବୋଲି ସେ କହିଛନ୍ତି । କେନ୍ଦ୍ର ସରକାର ଉର୍ଜା ଭିତ୍ତିଭୂମିର ବିସ୍ତାର ଦିଗରେ କାର୍ଯ୍ୟ କରୁଛନ୍ତି । ଗ୍ୟାସ୍ ଆଧାରିତ ଅର୍ଥ ବ୍ୟବସ୍ଥା ମଧ୍ୟ ସରକାର ଆରମ୍ଭ କରିଛନ୍ତି। ପ୍ରାଥମିକ ଉର୍ଜା ମିଶ୍ରଣରେ ପ୍ରାକୃତିକ ଗ୍ୟାସ୍‌ର ଭାଗ ୨୦୩୦ ସୁଦ୍ଧା ୬ ପ୍ରତିଶତରୁ ବଢି ୧୫ ପ୍ରତିଶତ ହୋଇଯିବ । ଏହି କ୍ଷେତ୍ରରେ କେନ୍ଦ୍ର ସରକାର ଅନେକ କାର୍ଯ୍ୟକ୍ରମ କରୁଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତରେ ତୈଳ,ଗ୍ୟାସ୍‌ର ସନ୍ଧାନ ଏବଂ ଉତ୍ପାଦନ ପାଇଁ ଆମେରିକାର ବଡବଡ ତୈଳ ଏବଂ ଗ୍ୟାସ କମ୍ପାନୀକୁ ନିମନ୍ତ୍ରଣ କରିଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ୩ ମେଡିକାଲ କଲେଜ ହୃଦ୍, ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗର ସମୀକ୍ଷା
# ଅତ୍ୟାଧୁନିକ ସେବା ଯୋଗାଇବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଏବଂ ବିଭାଗୀୟ ଅଧିକାରୀମାନେ।

ରାଜ୍ୟର ତିନି ପ୍ରମୁଖ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୟୁରୋଲୋଜି, ହୃଦ୍‌ରୋଗ, ନେଫ୍ରୋଲୋଜି ଚିକିତ୍ସା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଭିମ୍‌ସାର ବୁର୍ଲା ଏବଂ ବ୍ରହ୍ମପୁରସ୍ଥିତ ଏମ୍‌କେସିଜିର ଏହି ତିନି ବିଭାଗର ଚିକିତ୍ସା ସଂକ୍ରାନ୍ତରେ ସମୀକ୍ଷା କରିଥିଲେ। ସମ୍ପୃକ୍ତ ବିଭାଗଗୁଡ଼ିକର ବିଭିନ୍ନ ସୁବିଧା ଅସୁବିଧା ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସମ୍ପୃକ୍ତ ମେଡିକାଲ କଲେଜର ବିଭାଗୀୟ ମୁଖ୍ୟମାନେ ଦର୍ଶାଇଥିବା ମାନବସମ୍ବଳ, ଡାକ୍ତରୀ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆବଶ୍ୟକତାଗୁଡ଼ିକୁ ତର୍ଜମା କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତିନି ବିଭାଗକୁ ସମ୍ପୃକ୍ତ ମେଡିକାଲ କଲେଜର କର୍ତ୍ତୃପକ୍ଷ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପରିଣତ ପାଇଁ ଉଦ୍ୟମ କରିବାକୁ କୁହାଯାଇଛି। ଏସ୍‌ସିବି ମେଡିକାଲ କଲେଜର ୟୁରୋଲୋଜି ଏବଂ ରେନାଲ ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍‌ରେ ରୋବୋଟିକ ସର୍ଜରୀ ବ୍ୟବସ୍ଥା, ଟ୍ରାନ୍ସପ୍ଲାଣ୍ଟ ଆଇସିୟୁର ନବୀକରଣ ସହିତ ତୃତୀୟ ମହୁଲାର ଓଟି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଛି। ଉପରୋକ୍ତ ତିନି ବିଭାଗ ଉପରେ ଅଧିକରୁ ଅଧିକ ସଂଖ୍ୟାରେ ଗରିବ ଶ୍ରେଣୀର ରୋଗୀ ନିର୍ଭର କରୁଥିବା ବେଳେ ସେମାନେ ଘରୋଇ ଡାକ୍ତରଖାନାକୁ ଯିବା ସମ୍ଭବ ହୋଇପାରୁନାହିଁ। ତେଣୁ ମେଡିକାଲ କଲେଜଗୁଡ଼ିକରେ ସେମାନଙ୍କୁ ଯେଭଳି ଅତ୍ୟାଧୁନିକ ସେବା ଯୋଗାଯିବ ତାହା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ସେ କହିଛନ୍ତି। ୩ ମାସ ପରେ ପୁଣିଥରେ କାର୍ଯ୍ୟର ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ନିର୍ଦ୍ଦେଶିକା ୟାମିନୀ ଷଡ଼ଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ତିନି ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସପାଲ, ସୁପରିଣ୍ଟେଣ୍ଡେଣ୍ଟ, ସମ୍ପୃକ୍ତ ବିଭାଗର ମୁଖ୍ୟଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଧାଙ୍ଗଡ଼ି ଯୋରରେ ଭାସିଯାଇ ୨ ଶ୍ରମିକ ମୃତ

ସିନାପାଲି,୧୬।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ସହର ଉପକଣ୍ଠରେ ମହଗାଁ ଦେଇ ପ୍ରବାହିତ ଧାଙ୍ଗଡ଼ିଯୋର ନାଳରେ ଗୁରୁବାର ଭାସି ଧାଇ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକମାନେ ହେଲେ ଦିବ୍ୟ ବେରୁଆ (୨୯), ସୁଧୀର ବେରୁଆ (୨୬) । ଦିବ୍ୟଙ୍କ ବଡ଼ଭାଇ ଛୋଟରାୟ ବେରୁଆ (୨୫)ରକ୍ଷା ପାଇଯାଇଛନ୍ତି। ଏମାନେ ସମସ୍ତେ ଝାଡ଼ଖଣ୍ଡ ରାଜ୍ୟ ସିଂହଭୂମ ଜିଲାର ହାଟଗୁମୁରିଆ ଥାନା ଅଧୀନସ୍ତ ସରାନଡିଆ ଗ୍ରାମର ବାସିନ୍ଦା। ସେମାନେ ସିନାପାଲି ଥାନା ଅଞ୍ଚଳରେ ଚାଲିଥିବା ବିପିଏଲ ବିଦ୍ୟୁତ୍ କାମରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଗୁରୁବାର ସକାଳ ପ୍ରାୟ ୭ଟାରେ ଦିବ୍ୟ, ସୁଧୀର ଓ ଛୋଟରାୟ ଧାଙ୍ଗଡି ଯୋର ନାଳ ପୋଲ ନିକଟରେ ଗାଧୋଉ ଥିଲେ। ସୁଧୀର ହଠାତ୍ ଖସିଯାଇ ଜଳସ୍ରୋତରେ ଭାସିଯାଇଥିଲେ । ଦିବ୍ୟ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଭାସି ଯାଇଥିଲେ। ସେଠାରେ ଗାଧୋଉଥିବା ଦିବ୍ୟଙ୍କ ବଡ଼ଭାଇ ଛୋଟରାୟ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ହେଲେ ସେ ମଧ୍ୟ କିଛି ବାଟ ଜଳସ୍ରୋତରେ ଭାସିଯାଇଥିଲେ । ହେଲେ ସେ ଏକ ଖୁମ୍ବକୁ ଧରି ରକ୍ଷା ପାଇ ଯାଇଥିଲେ। କିନ୍ତୁ ସୁଧୀର ଓ ଦିବ୍ୟଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଖବର ପାଇ ସିନାପାଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଉଦ୍ଧାର କରିଥିଲେ। ସିନାପାଲି ପୋଲିସ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସିନାପାଲି ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି ।



କୃତଜ୍ଞତା ରୂପକ ଋଣକୁ ସୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେଣ୍ଟ୍ରାଲ ଭୁବନେଶ୍ୱର ଓ ଜୟ ଓଡ଼ିଶା ପକ୍ଷରୁ ବୃକ୍ଷରୋପଣ, ଏନ୍ଏଚ୍ ୫ ଶହୀଦ ନଗର, ସକାଳ ୮ଟା ୩୦।
- ଆଦିତ୍ୟ ମେମୋରିଆଲ କୁଇଜର ୯ମ ସଂସ୍କରଣ, ଏକ୍ସଆଇଏମ୍ବି ଅଡିଟୋରିୟମ, ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା, ସ୍କୁଲ ପରିସର, ଧର୍ମ ବିହାର, ଖଣ୍ଡଗିରି, ସକାଳ ୯ଟା ୩୦।
- ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ବିଜ୍ଞାନ, ଭୂଗୋଳ ଏବଂ ଲଳିତକଳା ମେଳା, ସ୍କୁଲ ପରିସର, ଫକୀର ମୋହନ ନଗର, ବରମୁଣ୍ଡା, ସକାଳ ୯ଟା ୩୦।
- ଦି ଇନଷ୍ଟିଚ୍ୟୁଟ ଅଫ ଚାର୍ଟର୍ଡ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ ପକ୍ଷରୁ ଜାତୀୟ ସିଏ କନଫରେନ୍ସ, ହୋଟେଲ ମେ ଫେୟାର, ସକାଳ ୯ଟା ୩୦।
- ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ଦ୍ୱିଦିବସୀୟ ସେମିନାର ଓ କର୍ମଶାଳା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ପିପୁଲ୍ସ ଫୋରମ ପକ୍ଷରୁ ମିଶନ ଆଶାଆଲୋକ, ଇଡକୋଲ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା।
- ଦି ସ୍ମାଇଲ ଟ୍ରେନ ପକ୍ଷରୁ ସ୍ମାଇଲ ଟର୍ଚ୍ଚ ଇଭେଣ୍ଟ, ଗୀତ ଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା। ୧୯ବର୍ଷ ପୂର୍ତ୍ତି ସ୍ମୃତି ଉତ୍ସବ, ରାଜ ଭବନ, ଅପରାହ୍ନ ୨ଟା ରୁ ୩ଟା। ଦି ସ୍ମାଇଲ ଟର୍ଚ୍ଚ, କିଟ ଆଦିବାସୀ ସ୍କୁଲ, ଅପରାହ୍ନ ୫ଟା।
- ଅଖିଳ ଭାରତ ହିନ୍ଦୁ ମହାସଭାର ସାଧାରଣ ବୈଠକ, ରେଟାରି କ୍ଲବ, ମଧ୍ୟାହ୍ନ ୧୨ଟା।
- ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ, ସୂଚନା ଭବନ, ଅପରାହ୍ନ ୩ଟା।
- ଜଗରନଟ ଆସୋସିଏଶନ ଅଫ ଏଣ୍ଟରପ୍ରିନିୟର୍ସ ପକ୍ଷରୁ ବାର୍ଷିକ ସାଧାରଣ ବୈଠକ, ଇନଷ୍ଟିଚ୍ୟୁଟ ଅଫ ଏଣ୍ଟରପ୍ରିନିୟର୍ସ ଡେଭେଲପମେଣ୍ଟ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ପ୍ଲଟ ନଂ ୧୨୩, ରେଲୱେ ଓଭରବ୍ରିଜ ନିକଟ, ଅପରାହ୍ନ ୩ଟା ୩୦।
- ଫ୍ରି ସୋଲ ଡ୍ୟାନ୍ସ କନଜରଭାଟୋରିର ବାର୍ଷିକ ଉତ୍ସବ 'ଦି ଶୋ'୧୯', ରେଲୱେ ଅଡିଟୋରିୟମ, ଓମଫେଡ ଛକ ନିକଟ, ସନ୍ଧ୍ୟା ୬ଟା।

**କଟକ**

- ସିଟି ହସ୍ପିଟାଲରେ ରୋଗୀସେବା ବିପର୍ଯ୍ୟସ୍ତ ନେଇ ସ୍ମାରକପତ୍ର ପ୍ରଦାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା ।
- 'ପଦ୍ମଶ୍ରୀ ଡକ୍ଟର ସଦାଶିବ ମିଶ୍ରଙ୍କ ସାରସ୍ୱତ ସୃଷ୍ଟି ସମ୍ଭାର' ସାମଗ୍ରୀକ ସଂକଳନର ଉନ୍ମୋଚନ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୫ଟା ୩୦।
- ସାରଳା ସାହିତ୍ୟ ସଂସଦ ଓ ଚେଲିତୋଳ କଲଚରାଲ ଏକାଡେମୀର ପକ୍ଷରୁ ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଡ. ଅରିଜିତ ପଶାୟତଙ୍କ ୭୫ତମ ଜନ୍ମବାର୍ଷିକୀ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ।

# ସୁବ୍ରତଙ୍କୁ ପ୍ରଥମ ଶାସ୍ତ୍ରୀୟ ଭାଷା ସମ୍ମାନ

- ଅନ୍ତର୍ଯ୍ୟାମୀ ମିଶ୍ର ପାଇବେ ସାର୍ଟିଫିକେଟ୍ ଅଫ୍ ଅନର
- ଡ. ହରେକୃଷ୍ଣ ଶତପଥୀ ସଂସ୍କୃତ ଭାଷାରେ ଗବେଷଣା ପାଇଁ ସମ୍ମାନିତ ହେବେ

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ଯୁବ ଭାଷା ଗବେଷକ ଡ. ସୁବ୍ରତ କୁମାର ପୃଷ୍ଟି ପାଇବେ ପ୍ରଥମ ଶାସ୍ତ୍ରୀୟ ଭାଷା ସମ୍ମାନ। ୭୩ତମ ସ୍ୱାଧୀନତା ଦିବସ ଅବସରରେ ଏନେଇ ରାଷ୍ଟ୍ରପତି ଭବନରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶାସ୍ତ୍ରୀୟ ମାନ୍ୟତା ପାଇବାର ୫ ବର୍ଷ ପରେ ପ୍ରଥମଥର ପାଇଁ କେନ୍ଦ୍ର ସରକାର ଓଡ଼ିଆ ଭାଷାରେ ଗବେଷଣା କରୁଥିବା ଜଣେ ଗବେଷକଙ୍କୁ ମହର୍ଷି ବାଦରାୟଣ ବ୍ୟାସ ସମ୍ମାନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିଲାଗି ତାଙ୍କୁ ରାଷ୍ଟ୍ରପତି ପଦକ ସହ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏବଂ ଓଡ଼ିଆ ଭାଷା ଉପରେ ବ୍ୟାପକ ଗବେଷଣା କରିବା ଲାଗି ପୃଷ୍ଟିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଗବେଷକ ଅନ୍ତର୍ଯ୍ୟାମୀ ମିଶ୍ର ରାଷ୍ଟ୍ରପତିଙ୍କଠାରୁ 'ସାର୍ଟିଫିକେଟ୍ ଅଫ୍ ଅନର' ପାଇବାକୁ ମନୋନୀତ ହୋଇଛନ୍ତି। ଏହାବ୍ୟତୀତ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ସଂସ୍କୃତ ଭାଷାରେ ଗବେଷଣା ପାଇଁ ସମ୍ମାନିତ ହେବେ।



ସୁବ୍ରତ କୁମାର ପୃଷ୍ଟି



ଅନ୍ତର୍ଯ୍ୟାମୀ ମିଶ୍ର

କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ପ୍ରତିବର୍ଷ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା ଉପରେ ଗବେଷଣା କରିଥିବା ୮ଜଣ ବିଦ୍ୱାନଙ୍କୁ ୩ଟି ବିଭାଗରେ ଆନ୍ତର୍ଜାତିକ ସ୍ତରର ପୁରସ୍କାର ପ୍ରଦାନ କରାଯାଇଥାଏ। ୩ଟି ବିଭାଗ ହେଲା ଶାସ୍ତ୍ରୀୟ ଭାଷାରେ ଜୀବନବ୍ୟାପୀ ସାଧନା (୬୦ବର୍ଷରୁ ଊର୍ଦ୍ଧ୍ୱ), ଭାଷାରେ ବ୍ୟାପକ ଗବେଷଣା(ବିଦେଶୀ କିମ୍ବା ଭାରତୀୟ) ଓ ଶାସ୍ତ୍ରୀୟ ଭାଷାରେ ଗବେଷଣାରତ ଯୁବ ଗବେଷକ(ମହର୍ଷି ବାଦରାୟଣ ବ୍ୟାସ ସମ୍ମାନ)। ଏହିକ୍ରମରେ 'ପ୍ରସଙ୍ଗ ଓଡ଼ିଆ ଭାଷା ଓ ସାହିତ୍ୟ', 'ଓଡ଼ିଆ ଭାଷା ସାହିତ୍ୟ ପରିଚୟ, ଭାଷା ଓ ଜାତୀୟତା', 'ଶାସ୍ତ୍ରୀୟ ଭାଷା ଓଡ଼ିଆ' ଭଳି ୧୧ରୁ ଊର୍ଦ୍ଧ୍ୱ ଭାଷାଭିତ୍ତିକ ପୁସ୍ତକର ରଚନା କରିଥିବା ଡ. ପୃଷ୍ଟିଙ୍କୁ ଯୁବ ଗବେଷକ ବିଭାଗରେ ପୁରସ୍କୃତ କରାଯିବ। ବର୍ତ୍ତମାନ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରାମର୍ଶଦାତା ଥିବା ଡ. ପୃଷ୍ଟି ଭାରତୀୟ ଲିପିର ଉତ୍ପତ୍ତି ଓ କ୍ରମବିକାଶ ଉପରେ ଗବେଷଣା କରୁଛନ୍ତି। ବିକ୍ରମଖୋଲ ଶିଳାଲେଖର ଲିପି ଚିହ୍ନଟ କରି ଏହାକୁ ପାଠ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଯାଜପୁର ଜିଲାରେ ଜନ୍ମଗ୍ରହଣ କରିଥିବା ଏହି ଯୁବ ଗବେଷକ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥିବା ୪ଟି ମାନଦଣ୍ଡ ଅନୁସାରେ ସମସ୍ତ ତଥ୍ୟ ଓ ଦସ୍ତାବିଜ୍ ଏକାଠି କରିଥିଲେ। ପ୍ରାଚୀନ ଓଡ଼ିଆ ଲିପି ଭାବରେ ୫ହଜାର ବର୍ଷ ତଳର ଯୋଗୀମଠ ଚିତ୍ରଲିପିରେ ଥିବା 'ଠ' ଲିପି ଭାରତ ବର୍ଣ୍ଣମାଳାର ସର୍ବପ୍ରାଚୀନ ଲିପି ବୋଲି ପ୍ରମାଣ କରିବାରେ ସେ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

ସେହିପରି ଅନ୍ତର୍ଯ୍ୟାମୀ ମିଶ୍ର ଜଣେ ଗବେଷକ, ଗ୍ରନ୍ଥକାର ଓ ଭାଷା ବିଜ୍ଞାନୀ। ୩୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ତନ୍ମଧ୍ୟରୁ ୯ଟି ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା, ଓଡ଼ିଶା ଭାଷା ଜାତି ଓ ଜାତୀୟତା, ଓଡ଼ିଆ ଭାଷାର ଇତିହାସ, ମୌଳିକ ଓଡ଼ିଆ ଭାଷାତତ୍ତ୍ୱ, ପ୍ରାଚୀନ ଓଡ଼ିଶା, ମଧ୍ୟଯୁଗୀୟ ଓଡ଼ିଶା, ଆଧୁନିକ ଓଡ଼ିଶା, ମୋ ଦୃଷ୍ଟିରେ ଓଡ଼ିଶା, ପୁଣ୍ୟପୀଠ କପିଳାସ ପ୍ରଭୃତି ତାଙ୍କ ଦ୍ୱାରା ଚରିତ ପୁସ୍ତକ ବିଭିନ୍ନ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। ଅନ୍ତର୍ଯ୍ୟାମୀ ୧୯୫୦ରେ ଢେଙ୍କାନାଳ ଜିଲା ପ୍ରାଚୀନ ମାର୍ଥାପୁର ଶାସନରେ ଜନ୍ମଗ୍ରହଣ କରିଥିଲେ।



ବିଏମ୍ପିଏସ୍ ତକ୍ଷଶୀଳା ବିଦ୍ୟାଳୟରେ ଗୁରୁବାର ଆୟୋଜିତ 'ଆବିଷ୍କାର-୨୦୧୯'ରେ ଜଣେ ଛାତ୍ରଙ୍କ ପ୍ରକଳ୍ପକୁ ମୁଖ୍ୟ ଅତିଥି ଉପେନ୍ଦ୍ରନାଥ ବେହେରା ବୁଲି ଦେଖୁଛନ୍ତି।

# ଅବ୍ୟବହୃତ ବସ୍ତୁରୁ ବିଜ୍ଞାନ ପ୍ରକଳ୍ପ

**ବିଏମ୍ପିଏସ୍ ତକ୍ଷଶୀଳା ବିଦ୍ୟାଳୟରେ 'ଆବିଷ୍କାର-୨୦୧୯'**

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ନବଜାଗରଣର ଅନୁଚିନ୍ତା ବିଦ୍ୟାର୍ଥୀଙ୍କ ମନରେ ସୃଜନଶୀଳତାର ପ୍ରରଣା ଆଣିଦିଏ, ଯଦ୍ୱାରା ସେ ପ୍ରତ୍ୟେକ ପ୍ରଚଳିତ ବସ୍ତୁକୁ ନୂତନ ସୃଜନୀରେ ପରିଭାଷିତ କରିପାରେ। ଏଭଳି ପରିକଳ୍ପନାକୁ ନେଇ ବିଏମ୍ପିଏସ୍ ତକ୍ଷଶିଳା ବିଦ୍ୟାଳୟରେ ଗୁରୁବାର ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ହୋଇଛି 'ଆବିଷ୍କାର-୨୦୧୯'। ପ୍ରଦର୍ଶନୀ ଓ ପ୍ରତିଯୋଗିତାମୂଳକ ଏହି ସମାରୋହରେ ସ୍ଥାନ ପାଇଛି ଲିବେରାଲ ଆର୍ଟ, ବିଜ୍ଞାନ ଓ କ୍ରିଏଟିଭ୍ ଆର୍ଟ। ଛାତ୍ରୀଛାତ୍ରମାନେ ଅବ୍ୟବହୃତ ବସ୍ତୁରୁ ବିଜ୍ଞାନ ଓ ପରିବେଶ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ତନ୍ମଧ୍ୟରେ କିପରି ଥର୍ମାଲ ପାୱାର ପ୍ଲାଣ୍ଟରୁ ପୃଥିବୀର ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ପବନ ଚକରୁ ବିଦ୍ୟୁତ୍ ଓ ନବୀକରଣ ବିଦ୍ୟୁତ୍ରୁ ଶକ୍ତି ସଂଗ୍ରହ ଆଦି ପ୍ରକଳ୍ପ ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଏଏସ୍ ଅଫିସର ଉପେନ୍ଦ୍ରନାଥ ବେହେରା ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ମେଧାବୀ ବିଦ୍ୟାର୍ଥୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ପୂର୍ବାହ୍ନରେ ବିଦ୍ୟାଳୟର ଚେୟାରମ୍ୟାନ ଚୁଚୁଲ କିଶୋର ଦାସ ପତାକା ଉତ୍ତୋଳନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଜଭବନକୁ ଯାଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ହାତରେ ତିଆରି ରାଖୀ ବାନ୍ଧିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ସିକତା ଦାସ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସିତା ମହାନ୍ତି ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମକର୍ତ୍ତା ଓ ବିଦ୍ୟାର୍ଥୀଙ୍କୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

# କୁଶଭଦ୍ରା ନଦୀଜଳରେ ଭାସିଗଲା ମିନାବଜାର



**ଗୋପ, ୧୬।୮ (ଡି.ଏନ୍.ଏ.)**

ଜଳ ସମ୍ପଦ ବିଭାଗର ପୂର୍ବ ସୂଚନା ଅନୁଯାୟୀ ଗୁରୁବାର କୁଶଭଦ୍ରା ନଦୀରେ ପ୍ରଥମ ବନ୍ୟାଜଳ ଆସିଯାଇଛି। ଗୋପ କୁଶଭଦ୍ରା ନଦୀ ତଟରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ଗତ ୧୫ଦିନ ହେବ ପଡ଼ିଥିବା ମିନା ବଜାରଟି ଏହି ବନ୍ୟାଜଳରେ କେତେକ ଜିନିଷ ଭାସିଯାଇଛି। ଫଳରେ ମିନାବଜାର ମାଲିକ ମଧ୍ୟ ଏ ପର୍ଯ୍ୟନ୍ତ ବନ୍ୟାଜଳରେ ଜମି ରହୁଥିବାରୁ ଅନ୍ୟ ଜିନିଷ ସବୁ ଉଦ୍ଧାର କରିପାରି ନାହିଁ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଅଞ୍ଚଳରୁ ଆସି ୧୫ଦିନ ତଳେ ଗୋପ କୁଶଭଦ୍ରା ନଦୀ ତଟରେ ଏକ ମିନା ବଜାର ପଡ଼ିଥିଲା। ଏଥିରେ ରାମଦୋଳି ସହ କୁନି ପିଲାଙ୍କ ଲାଗି ବିଭିନ୍ନ ପ୍ରକାରର ଦୋଳି, ଅନ୍ୟ ଖେଳ ସାମଗ୍ରୀ, ଦୋକାନ ବଜାର ଆଦି ପଡ଼ିଥିଲା। ମାତ୍ର କୁଶଭଦ୍ରା ନଦୀରେ ବନ୍ୟାଜଳ ଆସିବା ନେଇ ଏହି ମିନା ବଜାର ମାଲିକଙ୍କୁ ବୁଧବାର ଲୋକମାନେ କହିଥିଲେ ମଧ୍ୟ ସେ ଏହି କଥାକୁ ଅଣଦେଖା କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ କୁଶଭଦ୍ରା ନଦୀରେ ବନ୍ୟାଜଳ ଆସିବାରୁ ମିନା ବଜାରର କେତେକ ଜିନିଷ ଏଥିରେ ଭାସିଯାଇଥିବାବେଳେ ତରବରିଆ ଭାବେ କିଛି ସାମଗ୍ରୀକୁ ଉଦ୍ଧାର କରାଯାଇଛି। କିନ୍ତୁ ବନ୍ୟାଜଳ ଏ ପର୍ଯ୍ୟନ୍ତ କୁଶଭଦ୍ରା ନଦୀରେ ଥିବାରୁ ରାମଦୋଳି ସହିତ ଆଉ କେତେକ ଦୋଳି ଏବେ ମଧ୍ୟ ବନ୍ୟାଜଳରେ ଥିବା ଦେଖିବାକୁ ମିଳିଛି।

## ଆଜି ଆଦିତ୍ୟ ମେମୋରିଆଲ କୁଇଜ ପ୍ରତିଯୋଗିତା

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ):** ଲୟୋଲା ସ୍କୁଲ ଏବଂ ଆଦିତ୍ୟ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ନବମ ଆଦିତ୍ୟ ମେମୋରିଆଲ କୁଇଜ ପ୍ରତିଯୋଗିତା ଶନିବାର ଭୁବନେଶ୍ୱରସ୍ଥ ଜାଭିୟର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍ମେଣ୍ଟରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ବିହାରର ବିଭିନ୍ନ ସ୍କୁଲରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ। ଶୁକ୍ରବାର ସୁଦ୍ଧା ୨୬ଟି ସ୍କୁଲର ୨୧୨ ଛାତ୍ରୀଛାତ୍ର ନାମ ପଞ୍ଜୀକୃତ କରିଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବାବଦରେ ଅର୍ଥରାଶି ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ୨୦୧୦ରେ ଲୟୋଲା ସ୍କୁଲର ଛାତ୍ର ଆଦିତ୍ୟ କ୍ୟାନସର ରୋଗରେ ପ୍ରାଣ ହରାଇଥିଲେ। ଆଦିତ୍ୟ କୁଇଜରେ ପାରଙ୍ଗମ ଥିଲେ। ତେଣୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ୯ବର୍ଷ ହେବ ଆଦିତ୍ୟ ମେମୋରିଆଲ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି।



ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରରେ ହୋଇଥିବା ପ୍ରବଳ ବର୍ଷା ସମୟର ଦୃଶ୍ୟ।



ଶୁକ୍ରବାର ପ୍ରବଳ ବର୍ଷାଯୋଗୁ ଭୁବନେଶ୍ୱର ବମିଖାଲ ରାସ୍ତା ଉପରେ ଜମି ରହିଥିବା ପାଣି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ଦେବୀ



ବାଦଲ



ତାପସ



ଅଙ୍କିତ



ସ୍ୱର୍ଣ୍ଣପ୍ରଭା



ଜୀବନ



ଶୁଭଦର୍ଶିନୀ



ପୂର୍ଣ୍ଣଚନ୍ଦ୍ର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।
- ଗୌତମବୁଦ୍ଧ



## ବଢୁଛି ବନ୍ୟାଜଳ, ସ୍ରୋତ ପ୍ରଖର

# ବାହ୍ୟଜଗତରୁ ୭ ଗାଁ ବିଚ୍ଛିନ୍ନ



■ ହିରିମୂଳ ଗାଁ ଦାଣ୍ଡରେ ସାଢ଼େ ୩ ଫୁଟ ପାଣି
■ ଧାନ ଫସଲ ଉପରେ ୬ଫୁଟର ବନ୍ୟାଜଳ



**ଖୋର୍ଦ୍ଧା ଅଫିସ,୧୬।୮**

ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦରେ ଗେଟ୍ ଖୋଲିବା ଦ୍ୱାରା ମହାନଦୀର ଶାଖାନଦୀ ରାଜୁଆରେ ବନ୍ୟାଜଳ ବଢୁଥିବାବେଳେ ସ୍ରୋତ ପ୍ରଖର ରହିଛି। ରାଜୁଆ ନଦୀର ଜଳ ମହାନଦୀ ଓ ଚିଲିକାକୁ ନିଷ୍କାସନ ହୋଇପାରୁ ନ ଥିବାରୁ ଖୋର୍ଦ୍ଧା ଜିଲାର ଓରବରସିଂହ ଓ ନରଣଗଡ ପଞ୍ଚାୟତର ୭ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଓରବରସିଂହ ପଞ୍ଚାୟତର ହିରିମୂଳ ଗାଁ ଦାଣ୍ଡରେ ସାଢ଼େ ୩ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଡିହଖଳା, ଦୁର୍ଗାପୁର ଓ ଓରବରସିଂହରେ ଗାଁ ଦାଣ୍ଡରେ ୨ରୁ ୩ ଫୁଟ ପାଣି ଚାଲୁ ରହିଛି। ସେହିଭଳି ନରଣଗଡ ପଞ୍ଚାୟତର ଓରିମି, ମାନପୁର ଓ ଧବଳପୁର ଗାଁରେ ସାଢ଼େ ୨ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଧବଳପୁର, କୃଷ୍ଣପୁର ଓ ବଳପୁର ଗାଁକୁ ପାଣି ପଶିବା ଆରମ୍ଭ ହୋଇଛି। ଅନ୍ୟପକ୍ଷେ ନରଣଗଡ, ଓରବରସିଂ, ଗୋଳବାଇ, ଶରଧାପୁର ବ୍ରଜମୋହନପୁର ପଞ୍ଚାୟତର ଚତୁଃପାର୍ଶ୍ୱରେ ଥିବା ଜମି ଉପରେ ୫ରୁ ୬ ଫୁଟର ବନ୍ୟା ଜଳ ଲହଡି ମାରୁଛି। ହିରିମୂଳ ଗାଁରେ ମୋଟର ବୋଟ ଭାଙ୍ଗିଯିବାରୁ ଯାତାୟାତରେ ଅସୁବିଧା ହୋଇଥିଲା। ସ୍ଥାନୀୟ ଲୋକ ଖୋର୍ଦ୍ଧା ବିଡିଓଙ୍କ ସହ ଯୋଗାଯୋଗ କରିବା ପରେ ଏକ ଦେଶୀ ଡଙ୍ଗା ବିଳମ୍ବରେ ପହଞ୍ଚିଛି। ବିପନ୍ନ ପରିବାରଙ୍କୁ ଶୁଖିଲା କି ରନ୍ଧାଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଣ ହୋଇନି। ହିରିମୂଳ ଗାଁର ଜଣେ ବ୍ୟକ୍ତି ସାପ କାମୁଡାରେ ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପାଣିରେ ସାପ ଆସିଥିବାରୁ ଭୟ ବଢ଼ିଛି। ସ୍ରୋତ ପ୍ରଖର ଯୋଗୁ ଘର ଭାଙ୍ଗିଯିବା ସମ୍ଭାବନା ରହିଛି। ଏ ନେଇ ଖୋର୍ଦ୍ଧା ବିଡିଓ ପ୍ରଶାନ୍ତ କୁମାର ନାୟକ କୁହନ୍ତି, ବନ୍ୟା ଅଞ୍ଚଳରେ ୨ଟି ଡଙ୍ଗା ନିୟୋଜିତ ହୋଇଛି। ଓଡ୍ରାଫ ଟିମ୍ ପହଞ୍ଚିଛି। ରାତିରେ ରନ୍ଧାଖାଦ୍ୟ ଦିଆଯିବ। ଉପଜିଲାପାଳ ଶୁଭେନ୍ଦ୍ର ସାମଲ କୁହନ୍ତି, ବାତ୍ୟା ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇଛି। ରନ୍ଧାଖାଦ୍ୟ ଦେବା ପାଇଁ ବିଡିଓଙ୍କୁ କୁହାଯାଇଛି। ପ୍ରଶାସନ ସଜାଗ ଅଛି।

### ଉଦ୍‌ବୃତ୍ତ ବନ୍ୟାଜଳ ଚିନ୍ତାର କାରଣ

ବର୍ଷାଋତୁରେ ଖୋର୍ଦ୍ଧା ଏବଂ ପୁରୀ ଜିଲାର କଣାସ ବ୍ଲକ ଅଞ୍ଚଳର ଚାଷୀଙ୍କ ଲାଗି ଦୟା ଉପନଦୀ ରାଜୁଆ ଦାଉ ସାଧୁଛି। ସେହିପରି ଉପର ମୁଣ୍ଡରେ ବର୍ଷା ହେଲେ ରାଜୁଆରେ ବନ୍ୟାଜଳ ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ବନ୍ୟା ଆସିବା ଫଳରେ ଖୋର୍ଦ୍ଧା ବ୍ଲକର ହିରିମୂଳ, ଓରମି, ଧବଳପୁର, ବଳପୁର, କୁରୁମପଡା, ନରଣଗଡ, ଷଢେଇଗଡ, ହାଡପଦା, ଡିହଖଳା, ଶରଧାପୁର, ଦୁର୍ଗାପ୍ରସାଦ ଏବଂ କଣାସ ବ୍ଲକର ଗଡସାନପୁଟ୍, ଗଡବଡପୁଟ, ଚିଗିରିଆ ଓ ହଳଦିଆପଡା ଆଦି ଅଞ୍ଚଳର ଶତାଧିକ ଏକର ଚାଷ ଜମି ବନ୍ୟାଜଳ ପ୍ଲାବିତ ହେଉଛି। ବର୍ଷା ଋତୁରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଖରିଫ୍ ଫସଲ ସ୍ୱପ୍ନ ପାଲଟୁଛି। ପୁଣି ଦୟା, ମକରା, ରାଜୁଆ ଏବଂ ମନ୍ଦାକିନୀ ନଦୀର ଉଦ୍‌ବୃତ୍ତ ବନ୍ୟାଜଳ ଏସବୁ ଅଞ୍ଚଳର ଫସଲ ଧୋଇ ନେଉଛି। ଏହି ଅଞ୍ଚଳର ଚାଷୀ ଖରିଫ ଚାଷରେ ଭରସା ନ କରି ରବି ଫସଲ ଉପରେ ଭରସା କରୁଛି। ଜଳସେଚନର ସୁବିଧା ନ ଥିବାରୁ ରବି ଫସଲ କରିବା ତାହା ପାଇଁ କାଠିକର ପାଠ ହୋଇପଡିଛି। ୧୯୮୨ ମସିହା ପୂର୍ବରୁ ଖୋର୍ଦ୍ଧା ଓ କଣାସ ବ୍ଲକ ଅଞ୍ଚଳର ଗାଁଗୁଡିକରେ ବନ୍ୟା ପରିସ୍ଥିତି ହେଉଥିଲା। କିନ୍ତୁ ଫସଲ କ୍ଷତି ହେଉ ନ ଥିଲା। ବନ୍ୟାଜଳ ତୁରନ୍ତ ହ୍ରାସ ପାଇ ଯାଉଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ରାସ୍ତା, ଘେରିବନ୍ଧ ନିର୍ମାଣ କରାଯିବା ଦ୍ୱାରା ବନ୍ୟାଜଳ ଚିଲିକାକୁ ନିଷ୍କାସନ ନ ହୋଇ ଜମା ହୋଇ ରହୁଛି। ଯାହାକି ବନ୍ୟା ପରିସ୍ଥିତି ୧୯୮୨ ପରେ ବିଶେଷତଃ ଦେଖା ଦେଇଛି। ମଝିରେ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ବର୍ଷା ଅଭାବରୁ ବନ୍ୟା ପରିସ୍ଥିତି ଦେଖା ଦେଉ ନ ଥିଲା।

# କଣାସ: ୩ ପଞ୍ଚାୟତରେ ବନ୍ୟାଜଳ

**କଣାସ, ୧୬।୮(ଡି.ଏନ୍.ଏ./ସ୍ୱ.ପ୍ର.)**

କଣାସ ବ୍ଲକରେ ପ୍ରବାହିତ ଦୟା ଓ ରାଜୁଆ ନଦୀରେ ବନ୍ୟା ଆସିବା ସହ ରାଜୁଆ ନଦୀର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ଲୋକାପାଳ-ତିରିମଲ୍ଲ ମଧ୍ୟରେ ତିନୋଟି ସ୍ଥାନରେ ଘଳିଆ ପଡିଛି। ଲୋକାପାଳ ଗ୍ରାମ ନିକଟରେ ଥିବା ଜଳ ନିଷ୍କାସନ ଶଙ୍ଖର କବାଟ ଭାଙ୍ଗିଯିବା ଫଳରେ ଗହୀର ମଧ୍ୟରେ ବନ୍ୟାଜଳ ପ୍ରବେଶ କରୁଛି। ଫଳରେ ବଡାସ, ଦୋକନ୍ଦା, ପାଣ୍ଡିଆକେରା ୩ଟି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି। ହଳଦିଆପଡା-ଲୋକାପାଳ ଗହୀରରେ ଥିବା ୧୭ଟି ଗ୍ରାମର ଦେଢ଼ହଜାର ହେକ୍ଟର ଧାନଜମି ଜଳମଗ୍ନ ହୋଇଛି। ଦୋକନ୍ଦା, ବଡାସ, ତଳପଡା, କଖାରୁବସ୍ତ, ବାଲିପାଟଣା, ବୈଦ୍ୟନାଥପାଟଣା ଆଦି ଅନେକ ଗ୍ରାମର ରାସ୍ତା ଉପରେ ୨ରୁ ୩ଫୁଟ ଉଚ୍ଚର ପାଣି ଚାଲୁଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଛାତ୍ରୀଛାତ୍ରମାନେ ସ୍କୁଲକୁ ଯାଇପାରୁନାହାନ୍ତି। ଅନେକ ବିଦ୍ୟାଳୟରେ ପାଣି ପଶିଯାଇଛି। ପାଣି ପଶିଯିବାରୁ କଣାସ ସରକାରୀ ଉଚ୍ଚବିଦ୍ୟାଳୟ ଦୋକନ୍ଦା, ତଳପଡ଼ା, ବଡ଼ାସ, କଖାରୁବସ୍ତ, ବୈଦନାଥପାଟଣା, ବାଲିପାଟଣା, ନାନକେରା ଆଦି ପ୍ରାଥମିକ ବିଦ୍ୟାଳୟରେ ପାଣି ପଶିଯାଇଛି। ତ୍ରିଲୋଚନପୁରଠାରେ ଦୟାନଦୀ ବନ୍ଧ ଉପରେ ୫ଫୁଟର ଘଳିଆ ସୃଷ୍ଟି ହୋଇଥିଲା। କଣାସ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ମକରା ବେହେରା, ଡେଲାଙ୍ଗ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ତୁଷାରକାନ୍ତି ରାଉତ, ଜିଲା ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତ ୨ଟି ବ୍ଲକର ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ରାକ୍ଟର ଓ ଜେସିବି ମେଶିନ ସହିତ ତ୍ରିଲୋଚନପୁର, କଣ୍ଟପଡା ଓ କାତପଡା ଗ୍ରାମବାସୀମାନଙ୍କ ସହଯୋଗରେ ଘଳିଆକୁ ମରାମତି କରାଯାଇଥିଲା। ପାଣ୍ଡିଆକେରା ପଞ୍ଚାୟତର ଭାଟପଡ଼ା ଓ ତାଳପଡ଼ା ଘେରିବନ୍ଧରେ ଘଳିଆ ସୃଷ୍ଟି ହୋଇଥିବାରୁ ବିଭାଗୀୟ ଅଧିକାରୀମାନେ ଘଳିଆ ମରାମତି କରି ରାସ୍ତା ଉପରେ ଜଗି ରହିଛନ୍ତି। ଏହାକୁ ବ୍ଲକ ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯିବାକୁ ବିଡିଓ ପ୍ରତିଭା ସାହୁ କହିଛନ୍ତି। ଉପରମୁଣ୍ଡରେ ଜଳ କମିଥିବାରୁ ତଳ ମୁଣ୍ଡରେ ବଢ଼ିଛି ବୋଲି ଜିଲା ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ରାଉତ କହିଛନ୍ତି।

■ ୮ ବିଦ୍ୟାଳୟରେ ପାଠପଢ଼ା ବନ୍ଦ
■ ତ୍ରିଲୋଚନପୁରରେ ୫ଫୁଟର ଘଳିଆ



### ବିପଦସଙ୍କେତ ଉପରେ ଦୟାନଦୀ

ଉପର ମୁଣ୍ଡରେ ବର୍ଷା ସହିତ ହୀରାକୁଦର କେତୋଟି ଗେଟ୍ ଖୋଲାଯାଇଥିବାରୁ ଦୟାନଦୀରେ ପ୍ରବଳ ବନ୍ୟା ଆସିଛି। କଣାସ ବ୍ଲକରେ ପ୍ରଭାବିତ ହେଉଥିବା ଦୟା, ରାଜୁଆ, ମକରା, କାଣିଆ, ଲୁଣା, ମଲାଗୁଣିନଦୀରେ ପ୍ରବଳ ବନ୍ୟା ଜଳ ପ୍ରଭାବିତ ହେଉଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମିଟର ଥିବାବେଳେ ଶୁକ୍ରବାର ବିପଦ ସଙ୍କେତର ବହୁ ଉପରେ ୫.୧୬ମିଟର ଛୁଇଁଛି। ଫଳରେ ଅନେକ ସ୍ଥାନରେ ଘଳିଆ ସୃଷ୍ଟିହୋଇଛି। ଘଳିଆ ନିକଟରେ ଜଳସେଚନ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ସାହୁ, ସହକାରୀ ଯନ୍ତ୍ରୀ ତନୁଜ କିଶୋର ରାଉତ, କନିଷ୍ଠ ଯନ୍ତ୍ରୀ ମକର ବେହେରା ଘଟଣାସ୍ଥଳରେ ରହି ଘଳିଆଗୁଡ଼ିକୁ ମରାମତି କରିଥିଲେ।

# କୁଶଭଦ୍ରା, ଧନୁଆଁ ଓ ଭାର୍ଗବୀ ନଦୀରେ ବନ୍ୟା

**ନିମାପଡ଼ା,୧୬।୮(ଡି.ଏନ୍.ଏ.)**



ଧନୁଆ ନଦୀରେ ବନ୍ୟାଜଳ ଯୋଗୁ ନିକଟସ୍ଥ ଘର ବୁଡ଼ିଯାଇଛି।

■ ୩୦ ଗ୍ରାମ ପାଣି ଘେରରେ
■ ୧୨ହଜାର ହେକ୍ଟର ଚାଷଜମି ଜଳମଗ୍ନ
■ ଯାତାୟାତ ଓ ଯୋଗାଯୋଗ ବିଚ୍ଛିନ୍ନ

ନିମାପଡ଼ା, ଗୋପ ବ୍ଲକ ଦେଇ ପ୍ରବାହିତ କୁଶଭଦ୍ରା, ଧନୁଆଁ ଓ ଭାର୍ଗବୀ ନଦୀରେ ବନ୍ୟା ଯୋଗୁ ନିମାପଡ଼ା ବ୍ଲକର ୩୦ଟି ଗ୍ରାମ ପାଣି ଘେରରେ ରହିଛି। ପ୍ରାୟ ୧୨ହଜାର ହେକ୍ଟ ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। ନିମାପଡ଼ା ଠାରେ କୁଶଭଦ୍ରା ନଦୀର ବନ୍ୟାଜଳ ବିପଦ ସଙ୍କେତ୧୦.୮୨ମିଟରରହିଥିବାବେଳେ୮.୮୪ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ଗୋପଠାରେ କୁଶଭଦ୍ରା ନଦୀର ବିପଦ ସଙ୍କେତ ୨୫.୩୩ମିଟର ରହିଥିବା ବେଳେ ୨୩.୨୫ ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ଧନୁଆଁ ନଦୀରେ ୫.୮୫ମିଟର ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଭାର୍ଗବୀ ନଦୀର ବନ୍ୟା ଜଳ ବଳଙ୍ଗା ଠାରେ ବିପଦ ସଙ୍କେତ ୧୦.୪୨ମିଟର ରହିଥିବା ବେଳେ ୧୦.୯୨ମିଟର ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଜଳସମ୍ପଦ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଧନୁଆଁ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ନିମାପଡ଼ା ବ୍ଲକର ଧନୁଆଁ ପଞ୍ଚାୟତର ଦେଖତା, ଶୁନୁଗୋରଡି, ଇଚ୍ଛାପୁର, ବଉଳପଦା, ଚିଙ୍ଗୁଡିଆକଣ୍ଟା, ହରିଶିପୁର, ଭୁଆଁ, ବଣିଆସାହି, ରଡବଜାର ମଠସାହି, ଲୋକେଇ ଶୋରଡା, ଗରପଦା ଗ୍ରାମ ପାଣି ଘେରରେ ରହିଛି। ସେହିପରି ବଡ଼ମାଛପୁର ପଞ୍ଚାୟତର ରେଙ୍ଗାଳୋ ବସ୍ତି, ବଡ଼ମାଛପୁର, ବାରାଗୋରଡା, କେରେଣ୍ଡିଆବନ୍ଧ, ଜଇନାବାଦ ଶାଇଁସଶାସନ ପଞ୍ଚାୟତର ତୋରିଆବନ୍ଧ, ଦୁର୍ଗାପୁର, ଭଗବତୀପୁର, ଶାଇଁସକୁଅଁର ଆଦି ୩୦ଟି ଗ୍ରାମ ପାଣି ଘେରରେ ରହିଛି। ଚାଷଜମି ବନ୍ୟା ପାଣିରେ ବୁଡିଯାଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧନୁଆଁ ପଞ୍ଚାୟତର ଦେଖତା-ଶୁନୁଗୋରଡି ମୁଖ୍ୟ ରାସ୍ତା ଉପରେ ପ୍ରାୟ ଦୁଇ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ବଉଳପଦା ବଣିଆସାହି-ଇଚ୍ଛାପୁର ରାସ୍ତାରେ ପ୍ରାୟ ଦେଢ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଶଗଡ଼ା ପଞ୍ଚାୟତର କାନପୁର-ସାନଶ୍ରୀମୁଖ ରାସ୍ତାରେ ପ୍ରାୟ ୨ଫୁଟ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଓ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ପାଣି ଘେରରେ ଥିବା ବିପନ୍ନଙ୍କ ପାଖରେ ପ୍ରଶାସନ ପହଞ୍ଚି ନ ଥିବା ସ୍ଥାନୀୟ ଅଧିବାସୀ ରାମଚନ୍ଦ୍ର ସ୍ୱାଇଁ, ରମେଶ ମଲ୍ଲିକ, ରତ୍ନାକର ପରିଡା, ଫକିର ପରିଡା, ବିପିନ ପରିଡା, ରମେଶ ପ୍ରଧାନ ପ୍ରମୁଖ କହିଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡଙ୍ଗା, ମୋଟର ବୋଟ, ଔଷଧ, ଶୁଖିଲା ଖାଦ୍ୟ, ମହମବତି, କିରୋସିନ ଓ ପାନୀୟଜଳ ପ୍ୟାକେଟ ବ୍ୟବସ୍ଥା କରି ବ୍ଲକ ଓ ପଞ୍ଚାୟତ ହେଡ୍‌କ୍ୱାର୍ଟରରେ ମହଜୁଦ ରଖିବା ପାଇଁ ପୂର୍ବତନ ସରପଞ୍ଚ, ଗୋକୁଳାନନ୍ଦ ପରିଡା, ଗଗନବିହାରୀ ସ୍ୱାଇଁ, ପରେଶ କୁମାର ଜେନା, ଜୟଦେବ ସ୍ୱାଇଁ, ଶଙ୍କର ପରିଡା, ଲକ୍ଷ୍ମୀଧର ବେହେରା, ଗଗନ ବିହାରୀ ବରିହା ପ୍ରମୁଖ ଜିଲା ଓ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ବିଶ୍ୱାଳ କୁହନ୍ତି, ଏହି ୩ ନଦୀର ବନ୍ୟାଜଳ କମିବାରେ ଲାଗିଛି। ବନ୍ୟାରେ କୌଣସି କ୍ଷତି ହେବାର ଆଶଙ୍କା ନ ଥିବା ବେଳେ ଲୋକେ ଆତଙ୍କିତ ହୁଅନ୍ତୁ ନାହିଁ। ବନ୍ୟା ପରିସ୍ଥିତି ପ୍ରତି ବିଭାଗ ସଜାଗ ରହିଥିବା କହିଛନ୍ତି।

## ଭାର୍ଗବୀ ନଦୀବନ୍ଧରେ ଘଳିଆ

# ଅନୁଧ୍ୟାନ କଲେ ଅଧିକାରୀ

**ସାକ୍ଷୀଗୋପାଳ,୧୬।୮(ଡି.ଏନ୍.ଏ.)**

ବଢ଼ିପାଣି ଆସିବାପରେ ଭାର୍ଗବୀ ନଦୀରେ ଜଳପତନ ବୃଦ୍ଧି ପାଇଛି। ସାକ୍ଷୀଗୋପାଳ ଜଳ ସମ୍ପଦ ଉପଖଣ୍ଡ ଅନ୍ତର୍ଗତ ଭାର୍ଗବୀର ଦକ୍ଷିଣପାର୍ଶ୍ୱ ବନ୍ଧ ରୁପଦେଇପୁରଠାରୁ ଗବକୁଣ୍ଡ କଟ୍ ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ସ୍ଥାନଗୁଡିକ ମଧ୍ୟରୁ ୫ଟି ସ୍ଥାନରେ ଘଳିଆ ସୃଷ୍ଟି ହୋଇଛି। ଅନିପୁର, ରଥପୁରୁଷୋତ୍ତମପୁର, ଦକ୍ଷିଣକେରା, ଆନନ୍ଦପୁର ଓ ବଳପୁର ହନୁମାନ ବାଙ୍କଠାରେ ଘଳିଆରୁ ବନ୍ୟାଜଳ ଝରିବାରୁ ସେଠାରେ ବାଲିବସ୍ତା ପକାଇ ନିୟନ୍ତ୍ରଣ କରାଯାଇଛି। ରୁପଦେଇପୁରଠାରେ ବନ୍ଧରେ ଫାଟ ସୃଷ୍ଟି ହୋଇଥିବା ଦେଖି ଲୋକେ ଗୁରୁବାର ରାତିରେ ଆତଙ୍କିତ ହୋଇଥିଲେ। ତେବେ ସେଠାରେ ମଧ ବାଲିବସ୍ତା ବନ୍ଧ ପକାଯିବାରୁ ପରିସ୍ଥିତ ନିୟନ୍ତ୍ରଣ ହୋଇଥିଲା। ଭାର୍ଗବୀ ବନ୍ୟା ନିୟନ୍ତ୍ରଣ ଦାୟିତ୍ୱରେ ରହିଥିବା ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ଅଧିକାରୀ ତଥା ଡିଜାଇନ୍ ନିର୍ଦ୍ଦେଶକ ଇଂ ଲିଙ୍ଗରାଜ ଗଉଡ ଅନ୍ୟ ଅଧିକାରୀମାନଙ୍କ ସହ ପରିସ୍ଥିତ ଅନୁଧ୍ୟାନ କରିଥିଲେ। ପୁରୀ ନିର୍ବାହୀଯନ୍ତ୍ରୀ ଇଂ ପ୍ରମୋଦ କୁମାର ରାଉତ, ସହକାରୀ ନିର୍ବାହୀଯନ୍ତ୍ରୀ ସାକ୍ଷୀଗୋପାଳ ରଘୁନାଥ ସ୍ୱାଇଁ ଓ ସହକାରୀ ଯନ୍ତ୍ରୀ କାଳୁ ଚରଣ ପଲେଇ ପ୍ରମୁଖ ସାମିଲ ରହିଥିଲେ।



# ନଗର ଲୁଣାବନ୍ଧରେ ୫୦ଫୁଟର ଘାଇ

**କାକଟପୁର,୧୬।୮(ଡି.ଏନ୍.ଏ.)**

କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଦେବୀ ନଦୀରେ ଆସିଛି ପ୍ରଥମ ବନ୍ୟାଜଳ। ଯଦିଓ ବନ୍ୟାଜଳ ଗୁରୁବାର ସମ୍ବେଦନସ୍ଥଳ ବାଉରିଆକଣଠାରେ ବିପଦସଙ୍କେତ ଉପରେ ପ୍ରବାହିତ ହୋଇଥିଲା। କିନ୍ତୁ ଶୁକ୍ରବାର ବନ୍ୟାଜଳ ହ୍ରାସ ପାଇ ବିପଦସଙ୍କେତ ତଳକୁ ଖସିଛି। ଶୁକ୍ରବାର ଲୁଣାବନ୍ଧର ଧୋବାନାଳି- ପୁଇଚାଳିଆ ମଧ୍ୟରେ ଚଡୁରା ଘେରି ପାଖରେ ୫୦ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିବାର ଦେଖାଯାଇଛି। ଏହାର ପ୍ରବାହିତ ଜଳ ଲୁଣାଜୁଆର ନଗର ପଞ୍ଚାୟତର ନଗର, ବିରୁଡ଼ିପନ୍ତାଳ, ଦକ୍ଷିଣପନ୍ତାଳ, ବାଲିପନ୍ତାଳ, ବାଲିଡିଆ, ବେହେରା ସାହି ଆଦି ୨୦ଟି ଗ୍ରାମର ତଳିଆ ଅଞ୍ଚଳରେ ପ୍ରବେଶ କରିଥିବାରୁ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଫଳରେ ଲୁଣାପାଣି ନଗର-ଘେରିବନ୍ଧ ରାସ୍ତା ଉପରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ନଗର ଗ୍ରାମର ସୁକନ୍ତ ବେହେରା, ଭଗବାନ ବେହେରା କୁହନ୍ତି, ନଗର ପଞ୍ଚାୟତର ନଦୀପାର୍ଶ୍ୱରେ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୬୦କୋଟି ଟଙ୍କା ବ୍ୟୟରେ ସୁନାମି ପ୍ରତିରୋଧକ ବନ୍ଧ ନିର୍ମାଣ କରାଯାଉଛି। ବନ୍ଧ ନିର୍ମାଣ କରୁଥିବା ଠିକାଦାର ମନମୁଖି ଭାବେ ବର୍ଷା ଋତୁରେ ବନ୍ଧ ଖୋଲିଥିଲେ ସାଇଫନ ନିର୍ମାଣ କରିବାକୁ କିନ୍ତୁ ତାହା ନିର୍ମାଣ କରି ନ ଥିଲେ। ଦେବୀ ନଦୀରେ ବନ୍ୟାଜଳ ଗୁରୁବାର ବିପଦ ସଂକେତ ଟପିଯିବା ପରେ ଏଠାର ବନ୍ଧର ଉଚ୍ଚତା କମ ଥିବାରୁ ବନ୍ଧକୁ ଧୀରେ ଧୀରେ ବନ୍ୟାଜଳ ଧୋଇ ଦେଇଥିଲା। ଶୁକ୍ରବାର ସକାଳେ ଘାଇ ହୋଇ ଲଘୁ ଜୁଆର ନଗର ପଞ୍ଚାୟତର ଚାଷ ଜମିକୁ ପ୍ରବେଶ କରିଥିଲା। ଲୁଣାଜୁଆର ମାଡ଼ିଯିବାରୁ ରୁଆ ବେଉଷଣ ହୋଇଥିବା ଧାନ ଓ ପକାଯାଇଥିବା ତଳି ସବୁ ସଡ଼ି ନଷ୍ଟ ହୋଇଯିବ ବୋଲି ଦକ୍ଷିଣପନ୍ତାଳ ଗ୍ରାମର ଚାଷୀ ଜେମର ବେହେରା ଏବଂ ବାବାଜି କାଣ୍ଡି କହିଛନ୍ତି। ଘାଇ ହୋଇଥିବା ଜାଣି ଅସ୍ତରଙ୍ଗ ତହସିଲଦାର ଅଶୋକ କୁମାର ସ୍ୱାଇଁ ଘଟଣାସ୍ଥଳକୁ ପରିଦର୍ଶନ କରି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ତୁରନ୍ତ ଘାଇ ମରାମତି କାର୍ଯ୍ୟ କରିବାକୁ କାକାଟପୁର ଜଳସେଚନ ବିଭାଗ କନିଷ୍ଠ ଯନ୍ତୀ ତପନ କୁମାର ନାୟକ ଏବଂ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ନଗର ଲୁଣାବନ୍ଧରେ ହୋଇଥିବା ୫୦ଫୁଟ ଲମ୍ବର ଘାଇ।

# ଉଚ୍ଛୁଳିଲା ଭାର୍ଗବୀ, ତଳିଆ ଅଞ୍ଚଳରେ ପଶିଲା ପାଣି

**ପୁରୀ ଅଫିସ,୧୬।୮**



■ ବାଟଗାଁ-ଉତ୍ତରକୋଣା ରାସ୍ତାରେ ୨ ଫୁଟ ଉଚ୍ଚର ପାଣି
■ ୧୫୦ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର



ହୀରାକୁଦ ଗେଟ୍ ଖୋଲାଯିବା ପରେ ମହାନଦୀରେ ପ୍ରବାହିତ ହେଉଛି ବନ୍ୟା ପାଣି। ଫଳରେ ଏହାର ଶାଖା ନଦୀଗୁଡ଼ିକ ମଧ୍ୟ ଫୁଲିବାରେ ଲାଗିଛି। ଜିଲାର ଭାର୍ଗବୀ ନଦୀରେ ବନ୍ୟା ପାଣି ପ୍ରବାହିତ ହେବା ପରେ ଏହା ଉଚ୍ଛୁଳିଛି। ଏହାକୁ ନେଇ ଜିଲାର ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଅନେକ ତଳିଆ ଅଞ୍ଚଳରେ ପାଣି ପଶିଛି। ପୁରୀ ସଦର ବ୍ଲକ ଅନ୍ତର୍ଗତ ବାଟଗାଁ-ଉତ୍ତରକୋଣା ରାସ୍ତା ଉପରେ ୨ ଫୁଟ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେଉଥିବା ବେଳେ ଏକାଧିକ ସ୍ଥାନରେ ଘାଇ ହୋଇଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବିଭିନ୍ନ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରାତିରେ ପାଣି ବଢିବା ଆଶଙ୍କା କରି ଲୋକେ ଭୟଭୀତ ହୋଇପଡିଛନ୍ତି। ଏକାଧିକ ଗାଁର ଲୋକେ ରାସ୍ତା ଉପରେ ଆସି ଆଶ୍ରୟ ନେଇଛନ୍ତି। ଶୁକ୍ରବାର ପ୍ରଶାସନ ପକ୍ଷରୁ ୧୫୦ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

ଭାର୍ଗବୀର ଜଳସ୍ତର ବୃଦ୍ଧି ପାଇଥିବାରୁ ପୁରୀ ସଦର ବ୍ଲକର ବାଟଗାଁ-ଉତ୍ତରକୋଣା ରାସ୍ତାର ନୂଆଗାଁଠାରେ ଥିବା କଲଭର୍ଟ ଉପରେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ଯାତାୟାତ ଏକପ୍ରକାର ବନ୍ଦ ରହିଛି। ଉତ୍ତରକୋଣା ଗାଁ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡିଛି। ଏହି ଗାଁରେ ପ୍ରାୟ ୩୦୦ ଲୋକ ରହୁଛନ୍ତି। ଏଠାରେ ବୋଟ ସହିତ ଗୋଟିଏ ଟିମ୍ ଓଡ୍ରାଫ୍ ପହଞ୍ଚି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଏତଦ୍‌ବ୍ୟତୀତ ସମଙ୍ଗ ପଞ୍ଚାୟତର ତଳିଆ ଅଞ୍ଚଳ ସହିତ ତଳଜଙ୍ଗ ପଞ୍ଚାୟତର ତଳଜଙ୍ଗ, ଡିହସାହି, ନଈକୂଳ ସାହି, ଅପନ୍ତରା, ଗାଦିସାହି ପାଣି ଘେରରେ ରହିଛି। ଏହି ଗାଁଗୁଡ଼ିକର ଲୋକେ ଆତଙ୍କିତ ହୋଇପଡିଛନ୍ତି। ସେହିପରି ଗୋପୀନାଥପୁର ନୂଆସାହି, ମୁକୁନ୍ଦ ମିଶ୍ର ନଗର ଭଳି ତଳିଆ ଅଞ୍ଚଳରେ ପାଣି ପଶିଛି। ତଳଜଙ୍ଗରୁ ୧୦୧ ଏବଂ ଉତ୍ତରକୋଣାରୁ ୪୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ପୁରୀ ଓ ନିମାପଡ଼ା ଜଳ ସେଚନ ଡିଭିଜନର ରଥପୁରୁଷୋତ୍ତମପୁର, ଜମାରସୁଆଁ, ବାଲିଆ ଓ ସୁଆଣ୍ଡୋ ପ୍ରଭୃତି ସ୍ଥାନ ଅଧିକ ସମ୍ବେଦନଶୀଳ ଥିବାରୁ ଏହା ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ପର୍ଯ୍ୟାପ୍ତ ବାଲିବସ୍ତା ଓ ଝାଉଁ ବହ୍ଲା ପ୍ରସ୍ତୁତ ରଖାଯାଇଛି। ଅନ୍ୟପକ୍ଷରେ ପିପିଲି କଣ୍ଟିଂରୁ ସକାଳେ ୪୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା। ହେଲେ ସନ୍ଧ୍ୟାରେ ସେମାନେ ଘରକୁ ଫେରିଥିବା ଜଣାପଡିଛି। ଭାର୍ଗବୀ ନଦୀର ଶାଖା କାଞ୍ଚି ନାଳରେ ପାଣି ପ୍ରବାହିତ ସମୟରେ ଆଖୁବାରୀ ନିକଟରେ ୧୫/୨୦ ଫୁଟର ଘାଇ ହୋଇଛି। ଫଳରେ ତଳଜଙ୍ଗ ନଈକୂଳ ସାହିର ୬୦ ପରିବାର ପାଣି ଘେରରେ ଥିବାବେଳେ ତଳଜଙ୍ଗ ୟୁଥ୍ କ୍ଲବ ପକ୍ଷରୁ ରୋଷେଇ କରାଯାଇ ଲୋକଙ୍କୁ ଦିଆଯାଇଛି। ଅଧିକାଂଶ ଲୋକ ରାସ୍ତା ଉପରେ ଆଶ୍ରୟ ନେଇଛନ୍ତି।



"ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ମଧ ମହାନ।
- ମହର୍ଷି ବାଲ୍ମୀକି



■ ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ

# ଲୋକଙ୍କ ହିତ ପାଇଁ ସରକାର ଅଙ୍ଗୀକାରବଦ୍ଧ

କଟକ ଅଫିସ,୧୬।୮

ଜନସାଧାରଣଙ୍କର ଉନ୍ନତି ଏବଂ ସମସ୍ତଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାପାଇଁ ସରକାର ବିଭିନ୍ନ ଜନହିତକର କାର୍ଯ୍ୟ ଆରମ୍ଭ କରିଛନ୍ତି। ଆମ ଗାଁ ଆମ ବିକାଶ, କୃଷି ଓ କୃଷକର ଉନ୍ନତି, ଆହାର ଯୋଜନାରେ ସହରାଞ୍ଚଳକୁ ଆସୁଥିବା ଗରିବ ଲୋକଙ୍କୁ ୫ ଟଙ୍କାରେ ଖାଦ୍ୟ ଯୋଗାଣ ବ୍ୟବସ୍ଥା, ବିଜୁ ପକ୍କା ଘର ଯୋଜନା, ମାଗଣା ପାଠ୍ୟ ପୁସ୍ତକ, ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ମେଧାବୃତ୍ତି, ବିନା ସୁଧରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ଯୋଗାଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସରକାର କରିଆସିଛନ୍ତି ବୋଲି ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୁଜାରୀ କହିଛନ୍ତି। ଗୁରୁବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ କଟକ ବାରବାଟୀ ଷ୍ଟାଡିୟମଠାରେ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ମନ୍ତ୍ରୀ ପୁଜାରୀ ଅଭିଭାଦନ ଗ୍ରହଣ କରି ଏହା କହିଛନ୍ତି। ଏଥିସହ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଲୋକଙ୍କ ହିତ ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ଓ ସ୍ୱାଧୀନତା ଅନ୍ଦୋଳନର କେନ୍ଦ୍ରବିନ୍ଦୁ କଟକ ସମସ୍ତ ରାଜନୈତିକ ଶକ୍ତିର ପେଣ୍ଠସ୍ଥଳୀ ବୋଲି ସେ କହିଥିଲେ।

ଜିଲାସ୍ତରୀୟ ପରେଡ୍‌ରେ ଓଡ଼ିଶା ଆର୍ମଡ୍ ପୋଲିସ ବାଟାଲିୟନ, ଆର୍ମଡ୍ ରିଜର୍ଭ ପୋଲିସ, ହୋମଗାର୍ଡ(ପୁରୁଷ), ଏନ୍‌ସିସି ସମେତ ୨୯ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଜିଲାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବା ପ୍ରଦାନ କରିଥିବା ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ସେବିକା, ସାମାଜିକ କର୍ମୀଙ୍କ ସମେତ ସମାଜସେବା, ମହିଳା ସଶକ୍ତିକରଣ ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସେବା ପ୍ରଦର୍ଶନ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଜିଲାରେ ଚାଲିଥିବା ଗୋପଦ ଅଭିଯାନରେ ସାମିଲ ହୋଇ କାର୍ଯ୍ୟ କରୁଥିବା ୨ ଜଣ ବ୍ୟକ୍ତିଦ୍ୱଙ୍କୁ ପ୍ରଶଂଶାପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଜିଲାପରିଷଦ ସଭାପତି ଜ୍ୟୋତିରେଖା ନାୟକ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଶ୍ରୀକାନ୍ତ ତରାଇ, ପିଡି ଡିଆରଡିଏ ଅବଦଲ ଅଖତର, ସଦର ଉପ ଜିଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ରାମଧୂନ୍ ପ୍ରଚାର କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପରେଡରେ ମନ୍ତ୍ରୀ ନିରଞ୍ଜନ ପୁଜାରୀ ଅଭିଭାଦନ ଗ୍ରହଣ କରୁଛନ୍ତି।

■ ପିତାମାତାଙ୍କୁ ପଚାରୁନାହାନ୍ତି ପୁଅବୋହୂ

# ଜିଲାପାଳଙ୍କ ନିକଟରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ

ଖୋର୍ଦ୍ଧା ଅଫିସ,୧୬।୮



ବୃଦ୍ଧ ଦମ୍ପତି

■ ସ୍ଥାବର, ଅସ୍ଥାବର ସମ୍ପତ୍ତିକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ କରିବେ ଦାନ

■ ତଦନ୍ତ କରି ପଦକ୍ଷେପ ନେବାକୁ ପୁଅଙ୍କ ସ୍ୱାଗତ

ବାର୍ଦ୍ଧକ୍ୟରେ ଉପନୀତ ହେଲେ ମାତାପିତାଙ୍କୁ ପୁଅ ବୋହୂ ବୋଝ ବୋଲି ଭାବି ପଚାରୁ ନ ଥିବାର ଅଭିଯୋଗ ହୋଇଛି। ଏହିଭଳି ଅଭିଯୋଗ ବେଗୁନିଆ ବ୍ଲକ ଗୁଡୁମ୍ ଗାଁର ଅନନ୍ତ ଚରଣ ଦାଶ ଓ ସ୍ତ୍ରୀ ଆଣି ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଛନ୍ତି। ଅନ୍ୟପକ୍ଷେ ପୁଅ ନିଜକୁ ନିର୍ଦ୍ଦୋଷ କହି ତଦନ୍ତକୁ ସ୍ୱାଗତ କରିଛନ୍ତି। ଅଭିଯୋଗ ଅନୁସାରେ, ଗୁଡୁମ୍ ଗାଁର ଅନନ୍ତ ଚରଣ ଦାଶ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ତାଙ୍କର ୨ ଝିଅ ଓ ଗୋଟିଏ ପୁଅ। ଝିଅ ପୁଅଙ୍କ ବିବାହ ଶେଷ କରି ଦେଇଛନ୍ତି। ପୁଅଙ୍କ ଏକ ଝିଅ ଅଛି। ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ଘର ଛାଡି ଯାଇ ଭୁବନେଶ୍ୱର ସୁନ୍ଦରପଦାର ଏକ ବୃଦ୍ଧାଶ୍ରମରେ ଅନନ୍ତ ସ୍ତ୍ରୀଙ୍କ ସହ ରହୁଥିଲେ। ଶାରୀରିକ ଅସୁସ୍ଥତା ବଢ଼ିଯିବା ପରେ ସୁନ୍ଦରପଦା ଛାଡି ଖୋର୍ଦ୍ଧାରେ ଆସି ଭଡାରେ ରହିଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ପୁଅବୋହୂ ନ ପଚାରିବାରୁ ପ୍ରଶାସନର ସହଯୋଗ ଲୋଡିଛନ୍ତି ଦମ୍ପତି। ପୁଅବୋହୂଙ୍କୁ ଉଚିତ୍ ଶିକ୍ଷା ଦେବାକୁ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାନ କରିବାକୁ ଚାହୁଁଛନ୍ତି ଅନନ୍ତ ଓ ତାଙ୍କ ସ୍ତ୍ରୀ। ଏଥିରେ ପ୍ରଶାସନିକ ସହଯୋଗ ନ ମିଳିଲେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବେ ବୋଲି ଉଭୟେ ଚେତାବନୀ ଦେଇଛନ୍ତି। ଆଇନ ଅନୁଯାୟୀ, ପଦକ୍ଷେପ ନେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଅନନ୍ତ କହିଛନ୍ତି। ଅନ୍ୟପକ୍ଷେ ପୁଅ ରମେଶ ଦାଶ କୁହନ୍ତି, ମୁଁ ନନାବୋଉଙ୍କୁ କେବେବି ବେଖାତିର କରି ନାହିଁ। ନିର୍ଯାତନା ଦେଇନାହିଁ। ବରଂ ନିର୍ଯାତିତ ହୋଇ ଉପବାସ ରହି ଦାଣ୍ଡ ପିଣ୍ଡାରେ ବର୍ଷାରେ ରହିଛୁ। ୧୬ ମଙ୍ଗଳା ଦିନ ଘର ଛାଡିଛି। ମୋ ଅଗୋଚରରେ ଜମିବାଡି ବିକ୍ରି କରି ଦିଆଗଲା। ମୁଁ ସତ କହୁଛି ନା ନନା ବୋଉ ସତ କହୁଛନ୍ତି ତଦନ୍ତ କରାଯାଉ। ସରପଞ୍ଚ, ୱାର୍ଡମେମ୍ବର, ସ୍ଥାନୀୟ ଲୋକଙ୍କୁ ପଚରା ଯାଉ। ସ୍ତ୍ରୀ ଯୌତୁକ ନ ଆଣିବାରୁ ମୋ ଉପରେ ନିର୍ଯାତନା ଚାଲିଛି। ମୋ ନନା ମୋ ପାଇଁ ଅନେକ କିଛି କରିଛନ୍ତି। ମୁଁ କେବେବି ଭୁଲି ପାରିବି ନାହିଁ। ମୋ ନନା ଏବେ ଅନ୍ୟ କଥାରେ ଚାଲୁଛନ୍ତି। ଏଭଳିସ୍ଥଳେ ମୋ ଝିଅକୁ ବିବାହ କରି ପାରୁନାହିଁ। ଭଡାଘରେ ରହି ଗାଁର ଘର ଖଣ୍ଡିକ ପାଇଁ କେବଳ କୋର୍ଟରେ ଆଶ୍ରୟ ନେଇଛି କହି କାନ୍ଦି ପକାଇଥିଲେ।

# 'ସୁରକ୍ଷାର ଅନ୍ତୁଡ଼ିଶାଳ ଜାଗାଘର'



ଜିଲାସ୍ତରୀୟ ପରେଡ୍‌ରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଅଭିବାଦନ ଗ୍ରହଣ କରୁଛନ୍ତି।

ପୁରୀ ଅଫିସ, ୧୬।୮

ଆମର ସ୍ୱାଧୀନତା ପ୍ରାପ୍ତି ସାରା ବିଶ୍ୱ ଇତିହାସରେ ଏକ ବିରଳ ସଫଳତା। ବହୁ ମହାପୁରୁଷଙ୍କ ତ୍ୟାଗ, ବଳିଦାନ ଓ କଷ୍ଟ ସ୍ୱୀକାରର ପ୍ରତିଦାନରେ ଏହା ଆମକୁ ମିଳିଛି। ଏହି ସ୍ୱାଧୀନତା ସଂଗ୍ରାମରେ ପୁରୀର ଅବଦାନ ଅନସ୍ୱୀକାର୍ଯ୍ୟ। ଶ୍ରୀକ୍ଷେତ୍ରର ସାହିଯାତ ଯେପରି ଏକ ସାଂସ୍କୃତିକ ବିଭବ ଜାଗା ଘର ମଧ ସେହିପରି ସୁରକ୍ଷାର ଅନ୍ତୁଡ଼ିଶାଳ। ଏହି ମାଟିର ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଞ୍ଚଶଖାଙ୍କ ସମେତ ମହାନବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଛନ୍ତି ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ଶରଧାବାଲିଠାରେ ଗୁରୁବାର ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ କରି ମନ୍ତ୍ରୀ ମଲ୍ଲିକ କହିଥିଲେ, ଓଡ଼ିଶାର ସାହିତ୍ୟ, ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ଇତିହାସକୁ ପୁଣ୍ୟଭୂମି ପୁରୀର ଅବଦାନ ଅନସ୍ୱୀକାର୍ଯ୍ୟ। ଆତିଥ୍ୟ ଓ ପରିଚର୍ଯ୍ୟାରେ ପୁରୀ ଅପ୍ରତିମ। ଅବଢ଼ା ଯୋଜନାରେ ପୁରୀର ୫ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୨୬୫ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଭୂତଳ ବିଦ୍ୟୁତ୍ ଯୋଗାଣ ଓ କଲେକ୍ଟରେଟ୍‌ର ସମସ୍ତ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳେ ରଖାଯିବାର ପଦକ୍ଷେପ ସ୍ୱାଗତଯୋଗ୍ୟ। ସହରକୁ ପ୍ଲାଷ୍ଟିକମୁକ୍ତ ସହ ପାର୍କଗୁଡ଼ିକର ସୌନ୍ଦର୍ଯ୍ୟକରରଣ ଉପରେ ଗୁରୁତ୍ୱ ଦିଆଯାଉଛ ବୋଲି ମନ୍ତ୍ରୀ କହିଥିଲେ।

ପରେଡ୍ ସ୍ଥଳରେ ମନ୍ତ୍ରୀ ମଲ୍ଲିକ ପହଞ୍ଚିବା ପରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନର୍ଦ୍ଦେଶକ ବିଶାଲ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ମୁଖ୍ୟଅତିଥିଙ୍କୁ ଅଭିବାଦନ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ପରେଡରେ ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ସ୍କାଉଟ୍ ଆଣ୍ଡ ଗାଇଡ୍, ଏପିଆର୍, ଗୃହରକ୍ଷୀ ବାହିନୀ ଓ ବ୍ରାସ୍ ବ୍ୟାଣ୍ଡ ଦଳକୁ ମିଶାଇ ୪୮ଟି ଦଳ ଯୋଗଦେଇଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପରେଡରେ ଶ୍ରେଷ୍ଠ ୫ ଦଳକୁ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀଙ୍କ ରନିଙ୍ଗ ସିଲ୍ଡ ଓ କପ୍ ପ୍ରଦାନ କରିଥିଲେ। ବାଲିକୁଦାର ସ୍ୱାଧୀନତା ସଂଗ୍ରାମୀ ସ୍ନେହଲତା ମହାନ୍ତି, ଜାତୀୟ କ୍ରୀଡ଼ା ସ୍ତରରେ ସଫଳତା ପାଇଁ ତପନ ମହାନ୍ତି ଓ ରଶ୍ମିତା ଖଟୋଇଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପୁରୀ ପୌରସଂସ୍ଥାର ସର୍ବୋତ୍ତମ ପୁରୁଷ ସଫେଇ କର୍ମଚାରୀ ଭାବେ ରାନେଶ୍ୱର ନାଏକ, ମହିଳା ସଫେଇ କର୍ମଚାରୀ ଭାବେ ଗାୟତ୍ରୀ ନାଏକଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାଦୁ କୌଶଳ ପ୍ରଦର୍ଶନ କରାଯାଇଥିଲା। ସକାଳେ ଗାନ୍ଧୀ ସ୍ମୃତୀ ପୀଠରେ ସର୍ବଧର୍ମ ପ୍ରାର୍ଥନା ସଭା ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେଡ୍ ଉତ୍ସବ ସମାପନ ପରେ ମନ୍ତ୍ରୀ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିଥିଲେ। ଏଠାରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟା ଯାଇଥିଲା। ଅପରାହ୍ନରେ ଗୋପବନ୍ଧୁ ଆର୍ଯ୍ୟୁବେଦ ମହାବିଦ୍ୟାଳୟରେ ରକ୍ତ ଦାନ ଶିବିର ଏବଂ ସନ୍ଧ୍ୟାରେ ପୌରସଦନଠାରେ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା।

# ବିପ୍ଳବୀଙ୍କ ତ୍ୟାଗ ଓ ବଳିଦାନ ଅପାସୋରା ରହିବ

ଖୋର୍ଦ୍ଧା ଅଫିସ,୧୬।୮

ଭାରତର ସ୍ୱାଧୀନତା ସଂଗ୍ରାମରେ ପଣ୍ଡିତ ଜବାହରଲାଲ ନେହେରୁ, ଲାଲ୍‌ବାହାଦୁର ଶାସ୍ତ୍ରୀ, ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ମାଧବ ରାଉତରାୟ, ପିଣ୍ଡିକ ବାହୁ ବଳେନ୍ଦ୍ର, କୃତ୍ତିବାସ ପାଟଶାଣୀଙ୍କ ପରି ଅନେକ ବୀର ସନ୍ତାନ ଝାସ ଦେଇ ଦେଶପ୍ରେମୀ ମାଗଦର୍ଶୀମାନେ ଅମର ହୋଇ ରହିଛନ୍ତି। ଏହି ବିପ୍ଳବୀଙ୍କ ତ୍ୟାଗ, ବଳିଦାନ ସ୍ମରଣୀୟ ଓ ଅପାସୋରା ହୋଇରହିବ। ସ୍ୱାଧୀନତା ଆନ୍ଦୋଳନ ପାଇଁ ଏହି ବିପ୍ଳବୀମାନେ କେବଳ ଆନ୍ଦୋଳନ ଡାକରା ଦେଇ ନ ଥିଲେ ବରଂ ଜାତୀୟ ଐତିହ୍ୟ ଓ ସଂହତିକୁ ପ୍ରତି ପ୍ରାଣରେ ବାନ୍ଧି ରଖିଥିଲେ। ଖୋର୍ଦ୍ଧା ଜିଲା ସଦର ମହକୁମାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ ମୁଖ୍ୟଅତିଥି ରୂପେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଲେ, ଭାରତର ସ୍ୱାଧୀନତା ଆନ୍ଦୋଳନରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ବିନା ହିଂସାରେ ଦେଶ ସ୍ୱାଧୀନ ହେବାର ଶ୍ରେୟ ମହାତ୍ମାଗାନ୍ଧୀଙ୍କର। ଅତୀତର କଥା ସହ ଖୋର୍ଦ୍ଧାର ବୀରତ୍ୱକୁ ସ୍ମରଣ କଲାବେଳେ ଓଡ଼ିଆଙ୍କ ମନରେ ଆଜି ବି ଶିହରଣ ସୃଷ୍ଟି କରୁଛି। ସେହିଭଳି ୭୩ ବର୍ଷ ମଧ୍ୟରେ ଭାରତ ଏକ ସମୃଦ୍ଧ ଦେଶ ଓ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନହିତ କର କାର୍ଯ୍ୟକ୍ରମ ଚାଲୁ ରହିଥିବା ଦର୍ଶାଇଥିଲେ। ତଥାପି ଅନେକ ଅଭାବ ଅସୁବିଧା ଆମମାନଙ୍କ ମଧ୍ୟରେ ରହିଯାଇଛି। ଯାହା ଧୀରେ ଧୀରେ ପୂରଣ ହେଉଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ପରେଡରେ ୪୮ଟି ଦଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଜିଲାପାଳ ସୀତାଂଶୁ କୁମାର ରାଉତ, ଏସ୍‌ପି ଅମୂଲ୍ୟ ଦାସ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ପରେଡ୍‌ରେ ଆର୍‌ଡିସି ଅନିଲ କୁମାର ସାମଲ ଅଭିବାଦନ ଗ୍ରହଣ କରୁଛନ୍ତି।

# ରେଳ ଓଭରବ୍ରିଜ୍ ନିର୍ମାଣ ତ୍ୱରାନ୍ୱିତ ନେଇ ଏମ୍‌ପିଙ୍କଠାରେ ଦାବି

ପୁରୀ ଅଫିସ, ୧୬।୮

ପୁରୀ-କୋଣାର୍କ ଜାତୀୟ ରାଜପଥ ସିଦ୍ଧ ମହାବୀର ରେଳ ଧାରଣା ଉପରେ ଓଭର ବ୍ରିଜ ନିର୍ମାଣ ଲାଗି କେନ୍ଦ୍ର ସରକାରଙ୍କ ଭୂପୃଷ୍ଠ ଓ ପରିବହନ ମନ୍ତ୍ରଣାଳୟ ସିକୃତୀ ପ୍ରଦାନ କରିଛନ୍ତି। ଏନେଇ ପୁରୀ ଏମ୍‌ପି ପିନାକୀ ମିଶ୍ର ଟୁଇଟ୍ ମାଧ୍ୟମରେ ଜଣାଇଥିଲେ। ତେବେ ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ରୋଡ ଓଭରବ୍ରିଜ କ୍ରିୟାନୁଷ୍ଠାନ କମିଟି ପୁରୀର ସଦସ୍ୟ ମାନେ ଗୁରୁବାର ଏମ୍‌ପି ମିଶ୍ରଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଓଭରବ୍ରିଜର ନିର୍ମାଣ କାଯ୍ୟର ଅଗ୍ରଗତି କାର୍ଯ୍ୟ, ଜମି ଅଧିଗ୍ରହଣ, ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ ଲାଗି ଦାବି ଜଣାଇଛନ୍ତି। କିପରି ଜମି ଅଧିଗ୍ରହଣ କାର୍ଯ୍ୟରେ ଲୋକଙ୍କୁ ସଠିକ୍ ମୂଲ୍ୟ ପ୍ରଦାନ କରାଯିବା ସେନେଇ ଆଲୋଚନା କରିଥିଲେ।

ପ୍ରକାଶ ଯେ, ଜାତୀୟ ରାଜପଥ ସିଦ୍ଧମହାବୀର ନିକଟରେ ରେଳ ଧାରଣା ଯାଇଥିବାରୁ ସ୍ଥାନୀୟ ବାସିନ୍ଦା ଦୈନିକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ବିଭିନ୍ନ ଗନ୍ତବ୍ୟ ସ୍ଥଳରୁ ପୁରୀକୁ ଯାତାୟାତ କରୁଛି। ଫଳରେ ପ୍ରତି ୧୫ରୁ ୨୦ମିନିଟ୍‌ରେ ରେଳ ଫାଟକ ବନ୍ଦ ରହୁଥିବାରୁ ଉଭୟ ପଟେ ଯାନାବାହନ ଅଟକି ରହୁଛି। ବେଳବେଳେ ଟ୍ରାଫିକ ଜାମ୍ ମଧ୍ୟରେ ଆମ୍ବୁଲାନ୍ସ ମଧ ଫସି ରହୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଘରୋଇ ବସ୍, ସ୍କୁଲ ବସ୍, ଟୁରିଷ୍ଟ ବସ୍ ଦୀର୍ଘ ସମୟ ଧରି ଅଟକି ରହୁଛି। ଏହାର ସମାଧାନ ଲାଗି ଜନ ଜାଗରଣ ମଞ୍ଚ ପକ୍ଷରୁ ଏକ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଦୀର୍ଘ ଏକ ମାସ ଧରି ମଞ୍ଚ ଆବାହକ ଜ୍ୟୋତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକାଧିକ କର୍ମୀ ରେଳ ଧାରଣାରେ ଉପରେ ରହି ଉଭୟ ପାର୍ଶ୍ୱରେ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ। ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଜନତାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ନେଇ ମଞ୍ଚ ଆବାହକ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ନେଇ ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଭେଟି ସହରରେ ବିଭିନ୍ନ ସମସ୍ୟା ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ରେଳ ଓଭର ବ୍ରିଜ୍ ତ୍ୱରାନ୍ୱିତ କରିବାକୁ ଦାବି ରଖିବେ ବୋଲି କହିଛନ୍ତି।

■ ନାବାଳିକାଙ୍କୁ ଅସଦାଚରଣ

# ପୂର୍ବତନ କର୍ପୋରେଟରଙ୍କ ନାଁରେ ମାମଲା

କଟକଅଫିସ,୧୬।୮

କଟକ ମହାନଗର ନିଗମ(ସିଏମ୍‌ସି) ୪୧ନଂ. ୱାର୍ଡର ପୂର୍ବତନ କର୍ପୋରେଟର ହେମନ୍ତ ବେହେରା ଜଣେ ନାବାଳିକାକୁ ଅସଦାଚାରଣ କରିଥିବା ନେଇ ଗୁରୁବାର ମାଲଗୋଦାମ ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ.୧୫୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଘଟଣା ପରଠାରୁ ହେମନ୍ତ ଫେରାର ଅଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ନାବାଳିକାଙ୍କୁ କୌଣସି ଏକ ସାର୍ଟିଫିକେଟ୍ କରାଇ ଦେବା ପାଇଁ ବେହେରା କହିଥିଲେ। ଗୁରୁବାର ସକାଳେ ନାବାଳିକା ଜଣଙ୍କ ସାର୍ଟିଫିକେଟ ଆଣିବା ପାଇଁ ବେହେରାଙ୍କ ବାସଭବନକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ବେହେରା ତାଙ୍କୁ ଅସଦାଚରଣ କରିଥିଲେ। ତେବେ ନାବାଳିକା କୌଶଳକ୍ରମେ ସେଠାରୁ ଖସିଆସିଥିଲେ। ପରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ କରୁଛି ବୋଲି ମାଲଗୋଦାମ ଥାନା ଆଇଆଇସି ରବିନାରାୟଣ ଭଞ୍ଜ କହିଛନ୍ତି।

## ଫଟୋରେ ଖବର



ନାଟକ-ରଙ୍ଗଶାଳା ପକ୍ଷରୁ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ଜାତୀୟ ନାଟକ ମହୋତ୍ସବର ଶେଷ ସନ୍ଧ୍ୟାରେ ନାଟକ ବାଞ୍ଛାର ବଗିଚାର ଏକ ଦୃଶ୍ୟ।




ସ୍ୱାଧୀନତା ଦିବସ ଅବସରରେ କଟକସ୍ଥିତ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ ପରିସରରେ ଶିଳ୍ପୀ ହିମାଂଶୁ ଶେଖର ପରିଡାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।




ସ୍ୱାଧୀନତା ଦିବସ ପାଳନ ଅବସରରେ ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ତେରାପନ୍ଥ ଭବନଠାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
–କନ୍‌ଫୁସିୟସ



## ସଂକ୍ଷେପରେ

### ଘରବାରି ବିବାଦକୁ କେନ୍ଦ୍ରକରି ଘରପୋଡ଼ି

**ବାଲିପାଟଣା,୧୬।୮(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ମାର୍ଥାପୁର ଗ୍ରାମର ଦୁଇ ପରିବାରଙ୍କ ମଧରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଛି। ଏ ସମ୍ପର୍କରେ ପଞ୍ଚାୟତ ପତ୍ର ହୋଇଥିଲେ ମଧ ଦୁଇ ପରିବାର ମଧରେ ବିବାଦ ତୁଟି ପାରି ନ ଥିବା ସ୍ଥାନୀୟ ସରପଞ୍ଚ ବିଚିତ୍ରା ନନ୍ଦ ପାତ୍ର କହିଛନ୍ତି। ଏହି ବିବାଦକୁ କେନ୍ଦ୍ରକରି ଗୁରୁବାର ଲକ୍ଷ୍ମୀଧର ଭୋଇଙ୍କ ଘର ଅନ୍ୟ ପରିବାର ଲୋକେ ପୋଡିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମାର୍ଥାପୁରଠାରେ ମନସ୍ମିତା ଭୋଇ ଏକ ଛାତ ଘର କରିଛନ୍ତି। ତାଙ୍କ ଘର ସମ୍ମୁଖ କିଛି ଦୂରରେ ଲକ୍ଷ୍ମୀଧର ସରକାରୀ ଜାଗାରେ ଘର କରି ରହୁଛନ୍ତି। ଘରକୁ ଯିବା ପାଇଁ ଅସୁବିଧା ହେଉଥିବାରୁ ଘର ଭାଙ୍ଗି ଅନ୍ୟତ୍ର ଯିବା ପାଇଁ ଲକ୍ଷ୍ମୀଧରଙ୍କୁ ବାରମ୍ବାର ମନସ୍ମିତା କହିଛନ୍ତି। ସେହି ସ୍ଥାନ ଭୂମିହୀନ ହୋଇଥିବାରୁ ଜବରଦଖଲରେ ଅଛନ୍ତି। ଫଳରେ ଦୁଇ ପରିବାର ମଧରେ ବହୁ ସମୟରେ ପାଟିତୁଣ୍ଡ ହୋଇଥାଏ। ଗୁରୁବାର ଲକ୍ଷ୍ମୀଧରଙ୍କ ଘରେ କେହି ନିଆଁ ଲଗାଇଦେଇଥିଲେ। ଘରର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଏ ନେଇ ଦୁଇ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ.୧୮୮/୧୯, ୧୮୯/୧୯)ରୁଜୁ କରି ତଦନ୍ତ ଚଳାଇଛି।

### 'ପ୍ରାଣୀପାଳନ ସମାଜ ଓ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ'

**କଟକ ଅଫିସ୍,୧୬।୮:** ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଗହ୍ମାପୂର୍ଣ୍ଣିମା ଉତ୍ସବ ଭୁବନେଶ୍ୱରର ବଡ଼ଗଡ଼ ହାଇସ୍କୁଲ ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାଣୀ ଚିକିତ୍ସା ଶିବିର, ଗୋ ପ୍ରଦର୍ଶନୀ, ଗୋବତ୍ସା ପ୍ରଦର୍ଶନୀ ଓ ଛଡ଼ା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଗହ୍ମାପୂର୍ଣ୍ଣିମାର ପ୍ରଥା ଅନୁଯାୟୀ ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ପ୍ରାଣୀପାଳନ ଆମ ସମାଜ ଓ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏଥି ସହିତ ଏହା ଆମ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଉପାଦାନ ଭାବେ ଉଭା ହୋଇଛି। ଦେଶ ଓ ରାଜ୍ୟର ବିକାଶ ନିମନ୍ତେ ଚାଷୀଙ୍କ ବିକାଶ ଅପରିହାର୍ଯ୍ୟ ବୋଲି ମନ୍ତ୍ରୀ ସାହୁ ମତବ୍ୟକ୍ତ କରିଥିଲେ।

### ଭାବଗ୍ରାହୀ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟରେ ସ୍ୱାଧୀନତା ଦିବସ

**ଭୁବନେଶ୍ୱର,୧୬।୮:** ଭାବଗ୍ରାହୀ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ସାମାଜିକ ଅନୁଷ୍ଠାନ ୟୁଏସ୍ଆଇ ଆନୁକୂଲ୍ୟରେ ୭୩ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଦିନଟିକୁ ଦୃଷ୍ଟିହୀନ ଛାତ୍ରୀଛାତ୍ରମାନେ କିଭଳି ଭାବେ ଭଲରେ ପାଳନ କରିବେ ସେ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳେ ପତାକା ଉତ୍ତୋଳନ କରାଯିବା ସହ ୟୁଏସ୍ଆଇ ଆବାହକ ପ୍ରତୀକ୍ଷା ମିଶ୍ର ଛାତ୍ରୀଛାତ୍ରଙ୍କ ଉକ୍ତ ଦିନର ମାହାତ୍ମ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ବିହାରୀ ନାୟକ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ୟୁଏସ୍ଆଇ ସଂଯୋଜକ ଉପେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଟିମ୍ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୬।୮:** ୭୩ ତମ ସ୍ୱାଧିନତା ଦିବସ ପାଳନ ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ସ୍ଥାନୀୟ ନୟାପଲ୍ଲୀଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସରକାରଙ୍କ ପାନୀୟ ଜଳ ଏବଂ ଜଙ୍ଗଲ ସୁରକ୍ଷା ଆହ୍ୱାନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ରୂପଲାଲ ମିନା ଏବଂ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍କୁଲରେ ରାଖୀ ପୂର୍ଣ୍ଣିମା

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ଭୁବନେଶ୍ୱର ପଲାସପଲ୍ଲୀସ୍ଥିତ ଡିଫ୍ ଆଣ୍ଡ୍ ଡମ୍ ସ୍କୁଲରେ ରାଖୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ 'ମହିଳା ଦକ୍ଷତା ସମିତି'ର ସଭାପତି ଉଷାରାଣୀ ମହାନ୍ତି, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଉପସଭାପତି ସସ୍ମିତା ଦାଶ, ରୋଜାଲିନ୍ ମହାନ୍ତି, ରୀତାରାଣୀ ଦାସ, ସ୍ମିତା ଦାଶ, ମୈଥିଲି. ଆର୍ ମହାନ୍ତି, ଇବାଞ୍ଜଲିନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଫ୍ଲାଟ ବିକ୍ରି ଆଳରେ ୩୫ ଲକ୍ଷ ଠକେଇ

- ଅଭିଯୁକ୍ତ ଜଣଙ୍କ ରେଲୱେ କର୍ମଚାରୀ
- ପୋଲିସକୁ ଦେଖି ଫେରାର ଉଦ୍ୟମ ବେଳେ ଆହତ

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**

ପେସାରେ ସରକାରୀ ଚାକିରିଆ। ହେଲେ ନିଶା ଲୋକଙ୍କୁ ଠକି ରାତାରାତି କୋଟିପତି ହେବା। ଫ୍ଲାଟ ବିକ୍ରି ଆଳରେ ସେ ବହୁ ବ୍ୟକ୍ତିଙ୍କଠାରୁ ଟଙ୍କା ଠକି ନେଇଛନ୍ତି। ଏଭଳି ଭାବେ ସେ ନୟାପଲ୍ଲୀ ଥାନା ଅଞ୍ଚଳର ଜଣେ ଡାକ୍ତରଙ୍କଠାରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ କେସ୍ ନଂ–୩୭୦/୧୯ ରୁଜୁ କରିଛି। ଏହି ଅଭିଯୁକ୍ତ ଜଣଙ୍କ ହେଲେ ଜଟଣୀ ବିଡିଏ କଲୋନୀର ଭବାନୀଶଙ୍କର ରାଉତରାୟ (୪୦)। ସେ ରେଳ ବିଭାଗରେ ଚାକିରି କରିଛନ୍ତି। ଠକେଇ ଟଙ୍କାରେ ସେ ହୋଟେଲ ଓ ବେନାମୀ ସମ୍ପତ୍ତି କିଣିଛନ୍ତି। ଏବେ ତାଙ୍କ ବେନାମୀ ସମ୍ପତ୍ତି ଉପରେ ଭିଜିଲାନ୍ସର ନଜର ପଡ଼ିଛି।

ଅଭିଯୋଗ ଅନୁଯାୟୀ, ଡାକ୍ତର ନିତ୍ୟାନନ୍ଦ ପଟ୍ଟନାୟକଙ୍କର ନୟାପଲ୍ଲୀରେ ଏକ ଫ୍ଲାଟ ଥିବା ବେଳେ ସେ ପରିବାର ସହ ବିଦେଶରେ ରୁହନ୍ତି। ସେ ନୟାପଲ୍ଲୀସ୍ଥିତ ଫ୍ଲାଟକୁ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିଲେ। ଏହି ସମୟରେ ସେ ଭବାନୀଶଙ୍କରଙ୍କ ସହ ପରିଚିତ ହୋଇଥିଲେ। ସେ ନିତ୍ୟାନନ୍ଦଙ୍କ ଫ୍ଲାଟ୍ ବିକ୍ରି କରିଦେବେ ବୋଲି କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ନିତ୍ୟାନନ୍ଦ ତାଙ୍କୁ ପାୱାର ଅଫ୍ ଆର୍ଟର୍ନି ଦେଇଥିଲେ। ଯାହାର ସୁଯୋଗରେ ଭବାନୀ ଶଙ୍କର ଉକ୍ତ ଫ୍ଲାଟକୁ ୩୫ ଲକ୍ଷ ଟଙ୍କାରେ ଅନ୍ୟକୁ ବିକ୍ରି କରିଥିଲେ। ହେଲେ ଉକ୍ତ ଟଙ୍କାକୁ ନିତ୍ୟାନନ୍ଦଙ୍କୁ ଦେଇ ନ ଥିଲେ। ନିତ୍ୟାନନ୍ଦ ତାଙ୍କୁ ପଚାରିବାରୁ ଫ୍ଲାଟ ବିକ୍ରି ହୋଇ ନ ଥିବା କହିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ସନ୍ଦେହ ହୋଇଥିଲା। ସେ ପଡୋଶୀଙ୍କୁ ପଚରାଉଚରା କରିବା ପରେ ଉକ୍ତ ଫ୍ଲାଟ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲେ। ସେ ଭବାନୀଶଙ୍କରଙ୍କୁ ଟଙ୍କା ମାଗିଥିଲେ। ମାତ୍ର ଭବାନୀ ଶଙ୍କର ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ସେ ନୟାପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଭବାନୀଶଙ୍କରଙ୍କୁ ପଚରାଉଚରା କରିବା ପାଇଁ ତାଙ୍କ ବାସଭବନକୁ ପୋଲିସ ଯାଇଥିଲା। ମାତ୍ର ସେ ନ ଥିବା ତାଙ୍କ ସ୍ତ୍ରୀ କହିଥିଲେ। ଏହି ସମୟରେ ଭବାନୀଶଙ୍କରଙ୍କ ଘରର ଏକ ଅଧାକାନ୍ଥ ଡେଇଁ ଫେରାର ହେବାକୁ ଉଦ୍ୟମ କରିଥିଲେ। ତେବେ ଅଧାକାନ୍ଥରେ ଥିବା ଏକ ଲୁହାରେ ତାଙ୍କ ଗୋଡ଼ ଲାଗିଯିବାରୁ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପୋଲିସ ଉଠାଇ ଆଣି ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ହେବା ପରେ ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଗାନ୍ଧୀମାର୍ଗଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଦେଲା ଦାବିପତ୍ର

# ୧ମାସ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**

ବିପର୍ଯ୍ୟସ୍ତ ଶିକ୍ଷା ଓ ଶିକ୍ଷାୟତନରେ ସୁଧାର ଆଣିବାକୁ ହେଲେ ଶିକ୍ଷକଙ୍କ ସମସ୍ୟା ପ୍ରତି ଧ୍ୟାନ ଦେବା ଦରକାର। ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ସହୃଦୟତାର ସହ ବିଚାର କରି ପୂରଣ କରିବା ଆବଶ୍ୟକ। ଦାବିପୂରଣ ହେଲେ ଆନ୍ଦୋଳନର ଆବଶ୍ୟକତା ପଡ଼ିବ ନାହିଁ। ପାଠପଢ଼ା ସୁରୁଖୁରୁରେ ଚାଲିବ। ଯଦି ଜାଣିଶୁଣି ଶିକ୍ଷକମାନଙ୍କର ଦାବି ପ୍ରତି ଅଣଦେଖା କରାଯିବ ତେବେ ଆନ୍ଦୋଳନ ନିଶ୍ଚିତ ହେବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚ ସରକାରଙ୍କୁ ଚେତାବନୀ ଦେଇଛି। ଶୁକ୍ରବାର ଦାବି ଦିବସରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ୬୬୨ କଲେଜ ଶିକ୍ଷକ ସଂଘ, ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ, ନିଖିଳ ଉତ୍କଳ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ (ଓଲଷ୍ଟା), ଓଡ଼ିଶା ମଦ୍ରାସା ଶିକ୍ଷକ ସଂଘ, ସଂସ୍କୃତ ବିଦ୍ୟାଳୟ ସଂଘ ଆଦି ପକ୍ଷରୁ ଗାନ୍ଧୀମାର୍ଗରେ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ପରେ ଏକ ସଭା ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏକମାସ ମଧ୍ୟରେ ଦାବି ପୂରଣ ନ ହେଲେ ବଡ଼ଧରଣର ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ମିଳିତମଞ୍ଚର ଆବାହକମଣ୍ଡଳୀ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ, ପବିତ୍ର ମହାଲା କହିଛନ୍ତି।

### କାଠଯୋଡ଼ି ରେଳ ବ୍ରିଜରୁ ଅଚିହ୍ନା ମୃତଦେହ ଉଦ୍ଧାର

**ନରାଜ,୧୬।୮(ଡି.ଏନ୍.ଏ.)**

କଟକ ଜିଆରପି ପୋଲିସ ବୁଧବାର ପୂର୍ବାହ୍ନ ୧୦ଟାରେ କାଠଯୋଡି ରେଳ ବ୍ରିଜ ଉପରୁ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବାବେଳେ ତାଙ୍କ ବୟସ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଲୋକଟି ଗୌର ବର୍ଣ୍ଣ, ଉଚ୍ଚତା ୫ଫୁଟ ୬ଇଞ୍ଚ, ଲମ୍ବା ମୁହଁ ଓ ପତଳା ଶରୀର। ଲୋକଟି ଗୋଟିଏ କଳାରଙ୍ଗର ଫୁଲ ପ୍ୟାଣ୍ଟ ଓ ଗୋଟିଏ ଚେକ ଫୁଲ ଶାର୍ଟ ପିନ୍ଧିଛନ୍ତି। ତେବେ ସେ କୌଣସି ଏକ ଚଳନ୍ତା ଟ୍ରେନରୁ ଖସି ପଡିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା କଟକ ଜିଆରପି ପୋଲିସ ଭାଗୀରଥି ନାୟକ ପ୍ରକାଶ କରିଛନ୍ତି। ଏ ନେଇ କଟକ ଜିଆରପି ପୋଲିସ ନଂ ୬୩/୧୪ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇ ଦେଇଛି।

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବାଲିପାଟଣା,୧୬।୮(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ବେଲମରା ଗ୍ରାମ ନିକଟ ଗହୀରରୁ ଗୁରୁବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୩/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତଦେହ ପାଣିରେ ଫୁଲି ପଚିଯାଇଥିବାରୁ ଚିହ୍ନି ହେଉ ନ ଥିବା ଜଣାପଡ଼ିଛି।

# ଜଳବନ୍ଦୀରେ ଥିବା ୨୮ଜଣଙ୍କୁ ଉଦ୍ଧାରକଲା ଅଗ୍ନିଶମ ବିଭାଗ

**ବାଲକାଟୀ,୧୬।୮(ଡି.ଏନ୍.ଏ.)**



ବାଲକାଟୀରେ ଥିବା ଏକ ଇଟାଭାଟିରେ ଫସି ରହିଥିବା ୨୮ଜଣଙ୍କୁ ବନ୍ୟାଜଳ ଘେରରୁ ବାଲିଅନ୍ତା ଅଗ୍ନିଶମ ବିଭାଗ ଗୁରୁବାର ଉଦ୍ଧାର କରିଛି। ଉଦ୍ଧାର ପରେ ଏମାନଙ୍କୁ ସ୍ଥାନୀୟ ରଥିଜେମା ଗ୍ରାମର ଏକ ସ୍କୁଲରେ ଆଶ୍ରୟ ଦିଆଯାଉଥିବାବେଳେ ପ୍ରତାପ ଶାସନ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ସରପଞ୍ଚ ଭାଗ୍ୟଧର ନନ୍ଦୀ ସୂଚନା ଦେଇଛନ୍ତି। ରଥିଜେମା ଗ୍ରାମ ନିକଟ ଭାର୍ଗବୀ ନଦୀପଠାରେ ଏକାଧିକ ଇଟାଭାଟି ରହିଛି। ଏହି ଇଟାଭାଟିରେ ଶ୍ରମିକ ଭାବେ ଶତାଧିକ ଲୋକେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ସପରିବାର ରହି କାମ କରନ୍ତି। ବନ୍ୟା ଆସୁଥିବା ପ୍ରାକ୍ ସୂଚନା ପାଇ ଏହି ଇଟାଭାଟିଗୁଡ଼ିକରେ କାମ କରୁଥିବା ଶ୍ରମିକମାନେ ୧୪ତାରିଖରୁ ପିଲାମାନଙ୍କୁ ନେଇ ଏଠାରୁ ଯାଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଇଟାଭାଟିରେ କାମ କରୁଥିବା ୧୫ଜଣ ଶ୍ରମିକ ସେମାନଙ୍କର ୧୩ଜଣ ପିଲା ଇଟାଭାଟିରେ ରହିଯାଇଥିଲେ। ଭାର୍ଗବୀ ନଦୀରେ ୧୪ତାରିଖ ବିଳମ୍ବିତ ରାତିରେ ବନ୍ୟାଜଳ ମାଡ଼ି ଆସିବାରୁ ଏହି ୨୮ଜଣ ଇଟାଭାଟିର ଏକ ଦ୍ୱିମହଲା କୋଠାଘରେ ଆଶ୍ରୟ ନେଇ ଜଳବନ୍ଦୀ ଅବସ୍ଥାରେ ଥିଲେ। ଖାଦ୍ୟପେୟ ନ ଥିବାବେଳେ ଏମାନଙ୍କ ମଧ୍ୟରେ ଜଣେ ପ୍ରସୂତି ମଧ ଥିଲେ। ୧୫ତାରିଖ ସକାଳେ ପ୍ରସୂତିଜଣକ ଯନ୍ତ୍ରଣା ଅନୁଭବ କରିବାରୁ ଜଳବନ୍ଦୀରେ ଥିବା ଶ୍ରମିକମାନେ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଜାଣି ପୋଲିସକୁ ଖବର ଦେଇଥିଲେ। ଏ ନେଇ ବାଲକାଟୀ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ ବାଲିଅନ୍ତା ଅଗ୍ନିଶମ ବିଭାଗକୁ ଅବଗତ କରିଥିଲେ। ପରେ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ଅଭିମନ୍ୟୁ ପ୍ରଧାନ ଏକ ସାତଜଣିଆ ଟିମ ସହ ରବର ବୋଟ ଧରି ଘଟଣାସ୍ଥଳକୁ ୨ଟି ପର୍ଯ୍ୟାୟରେ ତିନି ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ଏମାନଙ୍କୁ କୂଳକୁ ଆଣିଥିଲେ। ଖବରପାଇ ଉପଜିଲାପାଳ ଦେବବ୍ରତ ସାହୁ, ବିଡିଓ ରଶ୍ମିରେଖା ପ୍ରଧାନ, ବାଲିଅନ୍ତା ବ୍ଲକ ଅଧକ୍ଷା ସୁଚିତ୍ର ଜେନାମଣି ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

### ସ୍ୱରାଷ୍ଟ୍ରମ୍ ପକ୍ଷରୁ ଅଟଳଜୀଙ୍କ ପୁଣ୍ୟତିଥି

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**

ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ପୁଣ୍ୟ ତିଥି ଅବସରରେ ସ୍ୱରାଷ୍ଟ୍ରମ୍ ତରଫରୁ ସ୍ଥାନୀୟ ଜୟ ଭାରତ ଠାରେ କବିତା ଆସର ଓ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅରୁଣ କୁମାର ସାହୁ, ନାରାୟଣ ନାୟକ, ସୁବ୍ରତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଟଳଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କବି ମାନଙ୍କ କବିତା ପାଠରେ କାର୍ଯ୍ୟକ୍ରମସ୍ଥଳ ମୁଖରିତ ହୋଇଉଠିଥିଲା। ଯୁବ ସାହିତ୍ୟିକ ଅବିନାଶ ଦାସ ଧନ୍ୟବାଦ ଦେଇଥିଲେ।

### ଯୁବପିଢ଼ି ସମାଜସେବାରେ ବ୍ରତୀ ହେବା ଉଚିତ

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

'କମ୍ ବୟସରେ ସମାଜସେବା କରି ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଥିବା ଯୁବ ସମାଜସେବୀ ବିବେକାନନ୍ଦ ପଣ୍ଡାଙ୍କ କାର୍ଯ୍ୟଧାରାକୁ ଯୁବପିଢ଼ି ଅନୁସରଣ କରିବା ଉଚିତ' ବୋଲି ସ୍ଥାନୀୟ ରେଡକ୍ରସ ଭବନରେ ଆୟୋଜିତ ସ୍ମୃତିସଭାରେ ମତ ପ୍ରକାଶ ପାଇଛି। ଭୁବନେଶ୍ୱରର ଯୁବ ସମାଜସେବୀ ବିବେକାନନ୍ଦ ପଣ୍ଡାଙ୍କ ଊନବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତି ସମାବେଶରେ କବି ପଦ୍ମଭୂଷଣ ରମାକାନ୍ତ ରଥ ସଭାପତିତ୍ୱ କରିଥିଲେ। ଏଥିରେ ଉଦ୍‌ବୋଧନ ଦେଇ ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା କହିଥିଲେ ଯେ, କମ୍ ବୟସରୁ ସମାଜସେବାରେ ବ୍ରତୀ ହୋଇ ବିବେକାନନ୍ଦ ଅନ୍ୟମାନଙ୍କ ନିକଟରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲେ। ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଶ୍ୟାମ ନାରାୟଣ ତିୱାରୀ ବିବେକାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ମନୋରମା ମହାପାତ୍ର ଯୋଗ ଦେଇଥିବାବେଳେ ତାଙ୍କୁ ଚଳିତ ବର୍ଷର 'ବିବେକାନନ୍ଦ ପଣ୍ଡା ସ୍ମାରକୀ ସମାଜସେବା ସମ୍ମାନ' ପ୍ରଦାନ କରାଯାଇଛି। ଅମର ମିଶ୍ରଙ୍କୁ 'ବରିଷ୍ଠ ଶୁଭେଚ୍ଛୁ' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୋଳଗୋବିନ୍ଦ ପଣ୍ଡା ଓ ତାଙ୍କ ପତ୍ନୀଙ୍କୁ 'ବରିଷ୍ଠ ନାଗରିକଙ୍କ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବିଶ୍ୱରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦଙ୍କ ପିତା ଲକ୍ଷ୍ମୀଧର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**



ୟୁନିଟ–୯ସ୍ଥିତ ପାଠାଗାର ସଭ୍ୟମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଉଛି।



ସ୍ଥାନୀୟ ରେଳ ଷ୍ଟାଡିୟମଠାରେ ସ୍ୱାଧୀନତା ଦିବସ ପାଳନ ଅବସରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ।



ସରକାରୀ ବିଦ୍ୟାଳୟ କନ୍ଦଳେଇର ଚତୁର୍ଥ ଶ୍ରେଣୀର ଛାତ୍ରୀ ବର୍ଷା ମୁଣ୍ଡା ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

ୟୁନିଟ୍–୯ସ୍ଥିତ ପାଠାଗାର ତରଫରୁ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପାଠାଗାର ସଭ୍ୟମାନଙ୍କ ସହ ୟୁନିଟ–୯ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଯେଉଁ ମହାନ୍ ବିପ୍ଳବୀଙ୍କ ତ୍ୟାଗ ଓ ଆତ୍ମବଳୀ ଯୋଗୁ ଦେଶ ଆଜି ସ୍ୱାଧୀନତା ଲାଭ କରିଛି ସେହି ମହାନ୍ ବିପ୍ଳବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପାଠାଗାରର ସଦସ୍ୟମାନେ ସ୍କୁଲ୍ ପିଲାଙ୍କୁ ପରାମର୍ଶ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ମହାନ ବଳିଦାନକୁ ସ୍ମରଣୀୟ କରିବା ପାଇଁ ସାରା ଦେଶ ଆଜି ସ୍ୱାଧୀନତା ଦିବସ ପାଳନ କରୁଛି ବୋଲି ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ପାତ୍ର କହିଥିଲେ। ଏହି ଅବସରରେ ପାଠାଗାର ତରଫରୁ ୧୦ଜଣ ଗରିବ ଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଠାଗାର ସଭାପତି ପ୍ରଣବ ସ୍ୱାଇଁ, ଅମୀୟ ବଲ୍ଲଭ ଜେନା, ସାଧାରଣ ସମ୍ପାଦକ ଶୁଭକାନ୍ତ ସାମନ୍ତସିଂହାର, ରଶ୍ମିରଞ୍ଜନ ଜେନା, ସାଧୁଚରଣ ଜେନା, ବୈଦନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ସେଣ୍ଟ୍ରାଲ ୟୁନିଭର୍ସିଟି:** ସେଣ୍ଟ୍ରାଲ ୟୁନିଭର୍ସିଟି କୋରାପୁଟ ପକ୍ଷରୁ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରଫେସର ଶରତ କୁମାର ପାଲିତା ଏହି ଅବସରରେ ପତାକା ଉତ୍ତୋଳନ କରିବା ସହ ଗୁଣବତ୍ତା ଶିକ୍ଷା ଦ୍ୱାରା ଦେଶର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶ ବିଭିନ୍ନ ଚ୍ୟାଲେଞ୍ଜି ସାମ୍ନା କରୁଥିବା ବେଳେ ବିଭିନ୍ନ ସୁଯୋଗକୁ ଖୋଜିବା ଉପରେ ସେ ମତ ରଖିଛନ୍ତି। ଦେଶର ବିକାଶରେ ବିଶ୍ୱବିଦ୍ୟାଳୟ କମ୍ୟୁନିଟି ନିଜର ଯୋଗଦାନ ରଖନ୍ତୁ ବୋଲି ସେ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବିତ୍ତ ଅଧିକାରୀ କୋଶଳା ରାଓ, ଡ. ଫଗୁନାଥ ଭୋଇ ଏବଂ ଅନ୍ୟ ଫାକଲଟି, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ:** କିଟ୍



ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହାର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ.ଚିତ୍ତରଞ୍ଜନ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଶା ଷ୍ଟାଫ ସିଲେକ୍ସନ ବୋର୍ଡର ପୂର୍ବତନ ସମ୍ପାଦକ ପ୍ରଫେସର ଧୀରେନ୍ଦ୍ର କୁମାର ମହାପାତ୍ର, ବିଦ୍ୟାଳୟର ଅଧ୍ୟକ୍ଷ ପଠାଣି ସୁନ୍ଦର ମାନସିଂହ, ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏଥିରେ ଉପସ୍ଥିତ ଥିଲେ। ଆଜିର ଛାତ୍ର କାଲିର ନାଗରିକ ହେଉଥିବାରୁ ଉନ୍ନତ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ଏଥିରେ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା।

**ପଟିଆ ଡିଗ୍ରୀ କଲେଜ:** ପଟିଆସ୍ଥିତ ରାଜା ମଧୁସୂଦନ ଡିଗ୍ରୀ କଲେଜରେ ସ୍ୱାଧୀନତା ଦିବସ ସମାରୋହ ପାଳିତ ହୋଇଛି। କଲେଜ ପରିଚାଳନା ସଭାପତି ତଥା ରାଜ୍ୟ ଗୃହ ବ୍ୟବସ୍ଥା ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବାହ୍ନରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବହୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

**କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲ:** କେଦାରଗୌରୀସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ମୌସୁମୀ ମହାପାତ୍ର ଏହି ଅବସରରେ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ଦେଶାତ୍ମବୋଧକ ଗୀତ ଓ ଓଡ଼ିଆ ଶିଶୁ ନାଟକ 'ମୋ ଭାରତ ମହାନ' କୁ ବିଦ୍ୟାଳୟର ଛାତ୍ରୀଛାତ୍ର ପରିବେଷଣ କରିଥିଲେ।

**ଡିଏଭି ପବ୍ଲିକ୍ ସ୍କୁଲ କଳିଙ୍ଗନଗର:** ଡିଏଭି ପବ୍ଲିକ୍ ସ୍କୁଲ କଳିଙ୍ଗନଗରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇ ପତାକା ଉତ୍ତୋନ କରିଛନ୍ତି। ଛାତ୍ରୀଛାତ୍ରମାନେ ଏହି ଅବସରରେ ପରେଡ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଷୟ ଉପରେ ବକ୍ତୃତା ପ୍ରଦାନ କରିଥିଲେ।

**ବିଏମ୍‌ସି, ବିଡିଏ, ବିଏସ୍‌ସିଏଲ:** ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପୂର୍ବାହ୍ନରେ ବିଏମ୍‌ସି କାର୍ଯ୍ୟାଳୟରେ ପ୍ରଶାସକ ସଂଗ୍ରାମଜିତ ନାୟକ, ବିଡିଏରେ ସଚିବ ରବିନାରାୟଣ ମିଶ୍ର ଓ ବିଏସ୍‌ସିଏଲରେ ପ୍ରଶାସନିକ ଅଧିକାରୀ ବିଜୟ ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବହୁ ପଦାଧିକାରୀ ସେଠାରେ ଉପସ୍ଥିତ ଥିଲେ।

**ପୁରୁଣା ଭୁବନେଶ୍ୱର:** ରାଜଧାନୀ ଉପକଣ୍ଠ ଚନ୍ଦକା–ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ସୀମାରେ ଥିବା ଛତାବର ପଞ୍ଚାୟତ କନ୍ଦଳେଇ ଆଦିବାସୀ ପଲ୍ଲୀରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଚଳିତବର୍ଷ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ କନ୍ଦଳେଇର ଚତୁର୍ଥ ଶ୍ରେଣୀର ଛାତ୍ରୀ ବର୍ଷା ମୁଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରଥମେ ଏପରି ଏକ ଜାତୀୟ ପର୍ବ ପାଳନ ପାଇଁ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇଥିଲେ। ଏଠି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପତାକା ଉତ୍ତୋଳନର ପରମ୍ପରା ସାମାଜିକ କର୍ମୀ ସାହୁଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ନୂଆଦିଲ୍ଲୀର ସମାଜିକ ସଙ୍ଗଠନ 'ଆଶ୍ରା' ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ନାୟକ, ଶିକ୍ଷକ ସୁବାସ ଓଝା, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ମନୋଜ ପ୍ରଧାନ, ଗାଁର ମୁଖିଆ ଲୁନ୍ଧୁରୁ କୁଙ୍କାଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ନରାଜ,(ଡି.ଏନ୍.ଏ):** ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ୩ୟ ବାହିନୀ ଏନ୍‌ଡିଆରଏଫ୍ ପରିସରରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସିନିୟର କମାଣ୍ଡାଣ୍ଟ ଜାକବ କିସପଟା ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଇନ୍‌ସ୍ପେକ୍ଟର ଶୈଳେନ୍ଦ୍ର କୁମର, ସୁନୀଲ ରାଜୱାରଙ୍କ ନେତୃତ୍ୱରେ ପରେଡ ହୋଇଥିଲା। ଅଭିବାଦନ ପରେ ଜାକବ କିସପଟା କହିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ମାତୃଭୂମି ପାଇଁ ତଥା ଦେଶ ନିର୍ମାଣ ପାଇଁ ବ୍ରତ ହେବା ଆବଶ୍ୟକ। ଏହି ଅବସରରେ ୩ୟ ବାହିନୀ ୱେଲଫେୟାର କମିଟିର ସଭାପତି ଅମର ମଣି କିସପଟା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜି.ଏସ୍ ପଟେଲ, ବି.କେ,ସାହୁ, ଇନ୍‌ସ୍ପେକ୍ଟର ପି.କେ.ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜନ୍ମ ହେଲା ବେଳେ ସମସ୍ତେ ସମାନ, କେବଳ ସଦ୍‌ଗୁଣ ହିଁ ଲୋକକୁ କୁଳିନ ବୋଲି ପରିଚୟ କରାଇ ଦିଏ।
- ସେନେକା



## ସଂକ୍ଷେପରେ

### ବସ୍ ଧକ୍କାରେ ୫ବର୍ଷ ଶିଶୁ ମୃତ

**କଟକ ସଦର,୧୬।୮ (ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର ସୋମପୁର ନିକଟରେ ଗୁରୁବାର ଏକ ବସ୍ ଧକ୍କାରେ ଜଣେ ୫ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ବାମରା ଗ୍ରାମର ସାରଙ୍ଗ ପାଣି(୫)। ସୂଚନା ଅନୁଯାୟୀ, ବାମରା ଗ୍ରାମର ସରୋଜ ମଙ୍ଗରାଜ ତାଙ୍କ ସ୍ତ୍ରୀ ଓ ପୁଅ ସାରଙ୍ଗ ଏକ ବାଇକ(ଓଡି ୦୫ଏ ୫୬୦୯)ରେ କଟକ ଅଭିମୁଖେ ଯାଉଥିଲେ। ସୋମପୁର ନିକଟରେ ରାସ୍ତା ପାର୍ଶ୍ୱରେ ଏକ ଟ୍ରକ ଛିଡା ହୋଇଥିଲା। ବାଇକ୍ ଓଭରଟେକ କଲା ବେଳେ ପଛପଟୁ ଆସୁଥିବା ଏକ ବସ୍ ସେମାନଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସାରଙ୍ଗଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ବାଇକ୍‌କୁ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ବସକୁ ଚିହ୍ନଟ କରାଯାଇଛି ବୋଲି କିଶୋରନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି।

### ୪ଘଣ୍ଟା ଧରି ରାସ୍ତାଜାମ, ପର୍ଯ୍ୟଟକ ହନ୍ତସନ୍ତ

#### ଜାମ୍ ସ୍ଥଳକୁ ଆସିଲାନି ପୋଲିସ

**ଗୋପ,୧୬।୮ (ଡି.ଏନ୍.ଏ.)-** ଗୁରୁବାର ଅଗଷ୍ଟ ୧୫ ଥିବାରୁ ଛୁଟି କଟାଇବା ଲାଗି ବିଶ୍ୱ ପ୍ରସିଦ୍ଧ କୋଣାର୍କ ବୁଲିବାକୁ ଶହ ଶହ ପର୍ଯ୍ୟଟକ ଯାଇଥିଲେ। ମାତ୍ର ଅପରାହ୍ନ ୫ଟାରେ ଗୋପ ବଜାରରେ ଏକ ୧୬ଚକିଆ ଟ୍ରକ୍ କୌଣସି କାରଣକୁ ନେଇ ଅଟକି ଯିବାରେ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପର୍ଯ୍ୟଟକମାନେ ଏହି ଜାମ୍‌ରେ ଫସି ରହିଥିଲେ। କିନ୍ତୁ ଏପରି ଏକ ଜାମ୍ ଘଟଣାକୁ ସ୍ଥାନୀୟ ପୋଲିସ୍ ଦୃଷ୍ଟି ନ ଦେଇ ବଜାରକୁ ନ ଆସିବା ପର୍ଯ୍ୟଟକ ମହଲରେ ଅସନ୍ତୋଷ ସୃଷ୍ଟି କରିଥିଲା। ସୂଚନା ମୁତାବକ, ଦୈନନ୍ଦିନ ବିଶ୍ୱ ପ୍ରସିଦ୍ଧ ପୁରୀ, କୋଣାର୍କ ବୁଲିବା ଲାଗି ଗୋପ ଦେଇ ଦେଶ ବିଦେଶର ପର୍ଯ୍ୟଟକମାନେ ଏହି ରାସ୍ତା ଦେଇ କୋଣାର୍କ ଯାଇଥାନ୍ତି। କିନ୍ତୁ ସନ୍ଧ୍ୟା ସମୟରେ ଗୋପ ବଜାରରେ ଜବରଦଖଲକୁ ନେଇ ପ୍ରାୟ ସମୟରେ ଏହି ଜାମ୍ ହେଉଥିବାବେଳେ ସ୍ଥାନୀୟ ପୋଲିସ କେତେକ ହାତଗଣତି ହୋମ୍‌ଗାର୍ଡଙ୍କୁ ଏହି ଦାୟିତ୍ୱ ଦେଇଥାଏ। ଗୁରୁବାର ଅପରାହ୍ନ ୫ଟାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ବଜାର ଜାମ୍ ହୋଇ ଯାଇଥିବାବେଳେ ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ଲୋକ ଏହି ଜାମ୍‌ରେ ଫସି ରହିଥିଲେ। ଏହି ଖବର ପୋଲିସ ପାଖରେ ପହଞ୍ଚି ଥିଲେ ମଧ ପୋଲିସ୍ ଜାମ୍ ସ୍ଥଳକୁ ଆସି ନ ଥିଲା। ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଦୀର୍ଘ ଘଣ୍ଟା ଧରି ଚେଷ୍ଟା କରି ଏହି ଜାମ୍‌କୁ ହଟାଇଥିବା ଜଣାପଡ଼ିଛି।

## ବଦଳିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

# ଦୁଇ ଆଇଏଏସ୍ ଅଧିକାରୀଙ୍କୁ ନେଇ ଚର୍ଚ୍ଚା

**ପୁରୀ ଅଫିସ, ୧୬।୮**

ବଦଳିଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ। ପୂର୍ବରୁ ଏହି ପଦବୀରେ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ୍ତ ମହାପାତ୍ର ରହିଥିବା ବେଳେ ଗୁରୁବାର ରାଜ୍ୟ ସରକାର ପୂର୍ତ୍ତ ସଚିବ ଡ. କ୍ରିଷନ କୁମାରଙ୍କୁ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ପୂର୍ବରୁ ଦୁଇଥର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇ ସାରିଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସରକାର ଶ୍ରୀମନ୍ଦିରର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ତେବେ ଶ୍ରୀମନ୍ଦିର ପାଇଁ ଗୋଟିଏ ଦିନରେ ୨ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତିକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି। କେଉଁ ଆଭିମୁଖ୍ୟ ରଖି ହଠାତ୍ ରାଜ୍ୟ ସରକାର ଏହି ଦୁଇ ଅଧିକାରୀଙ୍କୁ ନିଯୁକ୍ତି ଦେଲେ ତାହାକୁ ନେଇ ସେବାୟତ ଏବଂ ଭକ୍ତ ଦ୍ୱନ୍ଦ୍ୱରେ ପଡିଥିବା ବେଳେ ଶ୍ରୀମନ୍ଦିର କ୍ଷେତ୍ରରେ ବଡ଼ଧରଣର ସଂସ୍କାରର ଏହା ପ୍ରାକ୍ ସୂଚନା ବୋଲି ମଧ କେହି କହୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବର୍ତ୍ତମାନ ଜିଲା ପ୍ରଶାସନ ଏକାଧିକ ପଦକ୍ଷେପ ନେବାକୁ ଯାଉଥିବା ବେଳେ ୨ ଆଇଏଏସ୍‌ଙ୍କୁ ନିଯୁକ୍ତି ଏହି ପଦକ୍ଷେପକୁ ତ୍ୱରାନ୍ୱିତ କରିବ ବୋଲି କୁହାଯାଉଛି।

ଶ୍ରୀମନ୍ଦିରର ପ୍ରଥମ ମୁଖ୍ୟ ପ୍ରଶାସକ ଭାବେ ସୁରେଶ ଚନ୍ଦ୍ର ମହାପାତ୍ର ୨୪।୨।୨୦୦୫ଠାରୁ ୨୭।୫।୨୦୦୮ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ୨୦୦୮ରୁ ୨୦୧୫ ମଧ୍ୟରେ ବିଭିନ୍ନ ସମୟରେ ଶୈଳେନ୍ଦ୍ର ନାରାୟଣ ଷଡ଼ଙ୍ଗୀ, ଅଶୋକ କୁମାର ମୀନା, ପ୍ରଦୀପ୍ତ କୁମାର

### ସୁରେଶ ମହାପାତ୍ର କାର୍ଯ୍ୟକାରୀ ଅଧ୍ୟକ୍ଷ

ମହାପାତ୍ର, ଅରବିନ୍ଦ ପାଢୀ ଓ ବିକାଶ ଚନ୍ଦ୍ର ମହାପାତ୍ର ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ରହିଆସିଥିଲେ। ୨୦୧୫ ନବକଳେବର ବେଳେ ପୁନଶ୍ଚ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ୯।୩।୨୦୧୫ରୁ ୨୦।୪।୧୭ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ମହାପ୍ରଭୁଙ୍କ ଘଟ ସଂସ୍ଥାପନରେ ବିଳମ୍ବ (ବ୍ରହ୍ମ ବିଭ୍ରାଟ) ଥିଲା ସବୁଠୁ ଚର୍ଚ୍ଚିତ ଘଟଣା। ତେବେ ୨୦୧୭ ଏପ୍ରିଲ ୨୦ ତାରିଖରେ ସୁରେଶ ମହାପାତ୍ରଙ୍କ ସ୍ଥାନରେ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ କୁମାର ଜେନାଙ୍କୁ ସରକାର ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ମିଳିଥିଲା। କିନ୍ତୁ ରତ୍ନଭଣ୍ଡାର ଘର ଯାଞ୍ଚ ତାଙ୍କ ପାଇଁ ବୁମେରାଂ ସାଜିଲା। ଫଳରେ ୨୦୧୮ ଜୁନ୍ ୧୧ ତାରିଖରେ ସରକାର ତାଙ୍କ ସ୍ଥାନରେ ଦ୍ୱିତୀୟଥର ପାଇଁ ପ୍ରଦୀପ୍ତ ମହାପାତ୍ରଙ୍କୁ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି କରିଥିଲେ। ସେବେଠାରୁ ଏହି ପଦବୀରେ ରହି ଦାୟିତ୍ୱ ତୁଲାଇ ଆସୁଥିବା ମହାପାତ୍ରଙ୍କ ସ୍ଥାନରେ ଗୁରୁବାର ସରକାର ଡ. କୁମାରଙ୍କୁ ମୁଖ୍ୟ ପ୍ରଶାସକ ଦାୟିତ୍ୱ ଦେଇଛନ୍ତି। ଗୁରୁବାର ରାତିରେ ଡ. କୁମାର ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ମଧ ଦର୍ଶନ କରି ଫେରିଛନ୍ତି। ତେବେ ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା, ବ୍ରହ୍ମ ବିଭ୍ରାଟ ଘଟଣାରେ କାର୍ଯ୍ୟାନୁଷ୍ଠାନ, ମହାପ୍ରସାଦ ଦର ତାଲିକା ନିର୍ଦ୍ଧାରଣ ଆଦି ପ୍ରମୁଖ ପ୍ରସଙ୍ଗ ଏବେ ତାଙ୍କ ସାମ୍ନାରେ ରହିଛି।

## ଖୋର୍ଦ୍ଧାରୋଡ ମେଡିକାଲରେ ସଫଳତାର ସହ ଆଣ୍ଠୁ ପ୍ରତିରୋପଣ



ଅସ୍ତ୍ରୋପଚାର ପରେ ନରସିଂହ ଚଲାବୁଲା କରୁଛନ୍ତି।

**ଜଟଣୀ,୧୬।୮ (ଡି.ଏନ.ଏ.)**

ଜଟଣୀସ୍ଥିତ ଖୋର୍ଦ୍ଧାରୋଡ଼ ରେଲୱେ ହସ୍ପିଟାଲରେ ଜଣେ ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କ ଡାହାଣଗୋଡ଼ର ଆଣ୍ଠୁ ସଫଳତାର ସହ ପ୍ରତିରୋପଣ କରାଯାଇଛି। ୭୭ ବର୍ଷ ବୟସ୍କ ଜି. ନରସିଂହ ରାଓଙ୍କ ଆଣ୍ଠୁରେ ସଫଳତାର ସହ ଗତ ୧୪ ତାରିଖରେ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ସବୁବେଳେ ଯନ୍ତ୍ରଣା ହେବା ସହ ସେ ଚଲାବୁଲା କରି ପାରୁ ନ ଥିଲେ। ରେଲୱେର ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ଅତ୍ୟାଧୁନିକ ପ୍ରଣାଳୀରେ ଏକଘଣ୍ଟା ୪୫ ମିନିଟ୍ ଅସ୍ତ୍ରୋପଚାରର ୨୦ ଘଣ୍ଟା ପରେ ନରସିଂହ ଚଲାବୁଲା କରିବାରେ ସକ୍ଷମ ହୋଇପାରିଛନ୍ତି। ପୂର୍ବତଟ ରେଲୱେରେ

**ଇଷ୍ଟକୋଷ୍ଟ ରେଲୱେରେ ପ୍ରଥମ**

ପ୍ରଥମଥର ପାଇଁ ଏପରି ଅସ୍ତ୍ରୋପଚାର କରାଯାଇ ସଫଳତା ମିଳିଛି। ଖୋର୍ଦ୍ଧାରୋଡ଼ ରେଲୱେ ମେଡିକାଲର ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଗୋପାଳ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଡିକାଲ ଅଫିସର ଭବାନୀ ଶଙ୍କର ବେହେରା(ଅସ୍ଥିଶଲ୍ୟ), ଆସିଷ୍ଟାଣ୍ଟ ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. କେ. କେ. ସେନାପତି(ନିଶ୍ଚେତକ), ବରିଷ୍ଠ ଡିଭିଜନାଲ ମେଡିକାଲ ଅଫିସର ଡା. ଏମ୍. ମହେଶ କୁମାରଙ୍କ ଦ୍ୱାରା ଏହି ଅସ୍ତ୍ରୋପଚାର ହୋଇଥିଲା। ଏପରି ସଫଳ ଅପରେଶନ୍ ପାଇଁ ଡିଆର୍‌ଏମ୍ ଶଶିକାନ୍ତ ସିଂ ଡାକ୍ତରୀଦଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମା'ଙ୍କ ମଙ୍ଗଳସୂତ୍ର ପାଇଁ ଲୁଟେରାଙ୍କ ସହ ଲଢ଼ିବା ଘଟଣା

# ସୁବ୍ରତଙ୍କୁ ସମ୍ମାନିତ କଲେ ପୋଲିସ କମିଶନର

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ):**



ମା'ଙ୍କ ବେକରୁ ମଙ୍ଗଳସୂତ୍ର ଓ ସୁନାଚେନ ଲୁଟ ହେଉଥିବା ଦେଖି ଚଳନ୍ତା ଅଟୋରୁ ଡେଇଁଲେ ପୁଅ। ଲୁଟେରାଙ୍କ ପିସ୍ତଲ, ଭୁଜାଲିକୁ ଖାତିର ନ କରି ବାଇକରେ ଫେରାର ହୋଇଯାଉଥିବା ୩ ଲୁଟେରାଙ୍କୁ ପିଛା କଲେ। ସେମାନଙ୍କ ସହ ସାହସିକତାର ସହ ଲଢିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୁଇ ଲଟେରାଙ୍କୁ କାବୁ କରି ପୋଲିସ ଜିମା ଦେଲେ। ପୋଲିସ ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତ ୧୪ତାରିଖର ଏହି ଘଟଣା ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଶୁକ୍ରବାର ସେହି ସାହସୀ ପୁଅ ସୁବ୍ରତ ଓଝାଙ୍କୁ ପୋଲିସ କମିଶନର ମୁଖ୍ୟାଳୟରେ ସମ୍ମାନିତ କରାଯାଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୁବ୍ରତଙ୍କୁ ମୋମେଣ୍ଟୋ, ଅର୍ଥରାଶି ଦେଇ ସମ୍ମାନିତ କରିବା ସହ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି କହିଛନ୍ତି।

### ଲୁଟିଆଙ୍କ ସହ ଲଢି କାବୁ କଲେ ସୁବ୍ରତ

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ମନୋରମା ଓଝା ଓ ତାଙ୍କ ପୁଅ ସୁବ୍ରତ ମଞ୍ଚେଶ୍ୱର ଥାନା ଅଧୀନ ଜିଜିପି କଲୋନୀସ୍ଥିତ ଭାଗବତ ସନ୍ଧାନରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଗତ ବୁଧବାର ମଧ୍ୟାହ୍ନରେ ଆସୁଥିଲେ। ଭାଗବତ ସନ୍ଧାନ ନିକଟସ୍ଥ ଏକ ହମ୍ପସ ପାଖରେ ଅଟୋ ଧିର ହେବାରୁ ପୂର୍ବରୁ ସେଠାରେ ଗୋଟିଏ ବାଇକ୍‌ରେ ଛକି ରହିଥିବା ୩ଜଣ ଲୁଟେରା ମନୋରମାଙ୍କ ବେକରୁ ସୁନାଚେନ ଏବଂ ମଙ୍ଗଳସୂତ୍ର ଛଡ଼ାଇ ଚମ୍ପଟ ମାରିଥିଲେ। ଏହାଦେଖି ସୁବ୍ରତ ଅଟୋରୁ ଡିଆଁ ମାରି ସେମାନଙ୍କ ପଛରେ କ୍ଷିପ୍ର ଗତିରେ ଧାଇଁଥିଲେ। ଶେଷରେ ଲମ୍ଫ ପ୍ରଦାନ କରି ଜଣେ ଲୁଟୋଙ୍କୁ ଧରିବା ସହ ବାଇକ ପଛରେ କିଛି ବାଟ ଘୁଷୁରି ଯାଇଥିଲେ। ବାଇକଟି ନିୟନ୍ତ୍ରଣ ହରାଇ ପଡ଼ିଯିବାରୁ ସେ ୩ ଜଣ ଲୁଟେରାଙ୍କ ସହ ଲଢିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଲୁଟେରାଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଲୁଟ ସୁନାହାର ଏବଂ ମଙ୍ଗଳସୂତ୍ର ଛଡ଼ାଇ ଆଣିଥିଲେ। ସ୍ଥାନୀୟ ଲୋକେ ସୁବ୍ରତଙ୍କୁ ସାବାସି ଦେବା ସହ ଦୁଇ ଲୁଟେରାଙ୍କୁ ନିସ୍ତୁକ ମାଡ ମାରୁଥିବା ବେଳେ ସୁଯୋଗ ଦେଖି ଜଣେ ଲୁଟେରା ଫେରାର ହୋଇ ଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଲୁଟେରାଦ୍ୱୟଙ୍କୁ ଗିରଫ କରିଥିଲା। ଦୁହେଁ ହେଲେ କଟକ ସଦର ଥାନା ଅଧୀନ କଳପଡା ଅଞ୍ଚଳର ଶୁଭ୍ରାଂଶୁ ପରିଡା ଓ ଚନ୍ଦକା ଥାନା ଅଧୀନ କଣ୍ଟାବାଡ ଗ୍ରାମର ବିଜୟ ମହାରଣା ଓରଫ ମକରା। ଏ ସଂକ୍ରାନ୍ତରେ କେସ୍ ନଂ. ୩୩୫/୧୯ ରୁଜୁ ହୋଇଛି।

### ଜେଲରୁ ଫେରିବା ପରେ ବି ଲୁଟ୍

୨ ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଜାଣିବାକୁ ପାଇଥିଲା ଯେ, ଦୁହେଁ ଜେଲ୍ ଫେରନ୍ତା ପେସାଦାର ଲୁଟେରା। ଶୁଭ୍ରାଂଶୁ ଗତ ୧ ଓ ମକରା ୧୨ତାରିଖରେ ଜେଲରୁ ବାହାରିଥିଲେ। ଏହାପରେ ସେମାନେ ଖଣ୍ଡଗିରି ଅଞ୍ଚଳରୁ ଏକ ଆପାଚି ବାଇକ ଚୋରି କରି ଲୁଟ ପାଇଁ ଯୋଜନା ରଚିଥିଲେ। ବୁଧବାର ଅଟୋରେ ଯାଉଥିବା ମନୋରମାଙ୍କୁ ସେମାନେ ଟାର୍ଗେଟ କରିଥିଲେ। ମକରାଙ୍କ ନାମରେ ରାଜଧାନୀ ସମେତ ବିଭିନ୍ନ ଥାନାରେ ଚୋରି, ଲୁଟ, ଡକାୟତି ପ୍ରଭୃତି ୨୩ଟି ସଙ୍ଗିନ ମାମଲା ରହିଛି। ସେହିପରି ଶୁଭ୍ରାଂଶୁଙ୍କ ନାମରେ କଟକ ସମେତ ଅନ୍ୟ ଥାନାରେ ଲୁଟପାଟ, ଡକାୟତି ଆଦି ୭ଟି ମାମଲା ରହିଛି। ପୋଲିସ ପଚରା ଉଚରା ପରେ ୨ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ଚାକିରି ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ

# ନକଲି ରେଲୱେ ଭିଜିଲାନ୍ସ ଅଧିକାରୀ ଗିରଫ, କାର ଜବତ

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ରେଲୱେ ଭିଜିଲାନ୍ସ ଅଧିକାରୀ ଭାବେ ପରିଚୟ ଦେଇ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଝାଡଖଣ୍ଡର ଆଶିଷ ରଞ୍ଜନ ସିଂଙ୍କୁ ଗିରଫ କରିଛି। ସେ ଖଣ୍ଡଗିରି ଅଞ୍ଚଳରେ ଏକ ବର୍ଷ ଧରି ଏକ ଭଡ଼ାଘରେ ରହୁଥିଲେ। ସୂଚନା ମୁତାବକ, ଗତ ୧୩ତାରିଖରେ ୟୁନିଟ-୮ର ଶୁଭେନ୍ଦୁ ବେହେରା ନାମକ ଯୁବକଙ୍କ ସହିତ ଆଶିଷଙ୍କର ସାକ୍ଷାତ ହୋଇଥିଲା। ଏହି ସମୟରେ ଆଶିଷ ନିଜକୁ ରେଲୱେ ଭିଜିଲାନ୍ସ ଅଧିକାରୀ ଭାବେ ପରିଚୟ ଦେଇଥିଲେ। ସରକାରୀ ସ୍ତରରେ ତାଙ୍କର ପ୍ରଭାବ ରହିଛି ଓ ସେ ତାଙ୍କୁ ଚାକିରି କରାଇଦେବେ ବୋଲି କହିଥିଲେ। ଏପରି କି ଆଶିଷଙ୍କୁ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଅଗ୍ରୀମ ଆକାରରେ ୨ଲକ୍ଷ ଟଙ୍କା ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଶୁଭେନ୍ଦୁ ଫୋନ କଲେ ମଧ ସେ ନ ଉଠାଇବା ସହ ଧରାଛୁଆଁ ଦେଇ ନ ଥିଲେ। ଶୁଭେନ୍ଦୁ ଏହା ଜାଣିବା ପରେ ନୟାପଲ୍ଲୀ ଥାନାରେ ଗତ ୧୩ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଗୁରୁବାର ପୋଲିସ ଅଭିଯୁକ୍ତ ରହୁଥିବା ଖଣ୍ଡଗିରିସ୍ଥିତ ଭଡାଘରେ ଚଢଉ କରି ନକଲି ସରକାରୀ ଲେଟର ପ୍ୟାଡ ଓ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମେତ ଏକ କାର ଜବତ କରିଥିଲା। ପଚରାଉଚରା ବେଳେ ଆଶିଷ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଠକେଇ କରିଥିବା ଜଣାପଡ଼ିଥିଲା।

## ବାତ୍ୟା ଫନୀ ଟଙ୍କା ହଡ଼ପ ଘଟଣା

# ଜଟଣୀ ମ୍ୟୁନିସିପାଲିଟିର ଜଣେ କର୍ମଚାରୀ ନିଲମ୍ବିତ

**ଜଟଣୀ,୧୬।୮ (ଡି.ଏନ.ଏ.)**

ବାତ୍ୟା ଫନୀ ଟଙ୍କା ହଡ଼ପ ଘଟଣାରେ ଜଟଣୀ ମ୍ୟୁନିସିପାଲିଟିର ଜୁନିୟର ଆସିଷ୍ଟାଣ୍ଟ ସୁଶାନ୍ତ କୁମାର ସାହୁ ନିଲମ୍ବିତ ହୋଇଛନ୍ତି। ଗୃହ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୁଶାନ୍ତଙ୍କ ବିରୋଧରେ (ଚିଠି ନଂ.୧୪୬୧୫) ମଙ୍ଗଳବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବାତ୍ୟା ପ୍ରଭାବିତ ଲୋକଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୨ ହଜାର ଟଙ୍କା ବଣ୍ଟନ ଦାୟିତ୍ୱରେ ଏହି କର୍ମଚାରୀ ରହିଥିଲେ। ତେବେ ବେନିୟମ ଉପାୟରେ ସେ ଟଙ୍କା ହଡ଼ପ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଯାଞ୍ଚ ସମୟରେ ନିର୍ବାହୀ ଅଧିକାରୀଙ୍କ ନଜରକୁ ଏହା ଆସିବା ପରେ ସେ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ୪ ଲକ୍ଷ ୮୬ ହଜାର ଟଙ୍କା ଆତ୍ମସାତ୍ ହୋଇଥିବା ନିର୍ବାହୀ ଅଧିକାରୀ ଜାଣିବାକୁ ପାଇଥିଲେ। ସମ୍ପୃକ୍ତ କର୍ମଚାରୀଙ୍କୁ କୈଫିୟତ୍ ମାଗିବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ଜଣାପଡ଼ିବା ପରେ ପରବର୍ତ୍ତୀ ଅବସ୍ଥାରେ ଆତ୍ମସାତ୍ କରିଥିବା ଟଙ୍କା କର୍ମଚାରୀ ଜଣକ ଫେରାଇ ଦେଇଥିଲେ।

# ବଜ୍ରପାତରେ ମହିଳା ମୃତ

**ଟାଙ୍ଗୀ(କଟକ),୧୬।୮ (ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ କୋଟସାହି ପଞ୍ଚାୟତ ମଠସାହିର ସବିତା ମଲ୍ଲିକ(୩୮)ଙ୍କ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟା ରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ସବିତା ଘର ବାରଣ୍ଡାରେ ଛିଡ଼ା ହୋଇଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଫଳରେ ଘଟଣାସ୍ଥଳରେ ସେ ଅଚେତ ଅବସ୍ଥାରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳାବାଗ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସରପଞ୍ଚ ଅମୂଲ୍ୟ କୁମାର ସାହୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଥିଲେ।

# ଲୋକସେବା ଭବନରେ ଗାନ୍ଧୀଙ୍କ ତାବିଜ ବାର୍ତ୍ତା

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗୁରୁବାର ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ଏକ ଗାନ୍ଧୀ ସ୍ମୃତିଫଳକ ଉନ୍ମୋଚନ କରିଛନ୍ତି। 'ମୁଁ ତୁମକୁ ଏକ ତାବିଜ ଦେବି, ଯାହାକୁ ତୁମେ ସନ୍ଦେହ କିମ୍ବା ଆତ୍ମଗର୍ବରେ ବୁଡିଯିବା ବେଳେ ବ୍ୟବହାର କରିବ। ତମେ ନେବାକୁ ଯାଉଥିବା କୌଣସି ନିଷ୍ପତ୍ତି ଜଣେ ଗରିବ, ଦୁର୍ବଳ ଓ ଭୋକରେ ଥିବା ମଣିଷକୁ ଲାଭ ପହଞ୍ଚାଇବ କି? ଥରୁଟିଏ ଏମାନଙ୍କ ଚେହେରାକୁ ଭାବି ଦେଖ, ତା'ପରେ ତମ ସନ୍ଦେହ ଓ ଗର୍ବ ଉଭାନ ହେବାକୁ ଲାଗିବ।' ଗାନ୍ଧିଜୀଙ୍କର ଏହି ବାର୍ତ୍ତା ଓଡ଼ିଶା ପ୍ରଶାସନକୁ ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନ ବେଳେ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ, କୃଷି ଉତ୍ପାଦ କମିଶନର ଗଗନ କୁମାର ଧଳ, ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ କୁମାର ସିଂ, ପୋଲିସ ଡିଜି ବିଜୟ କୁମାର ଶର୍ମା, ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ, ନୀଳମଣି ସାମଲ, ଗାନ୍ଧିବାଦୀ ପ୍ରହଲ୍ଲାଦ କୁମାର ସିହ୍ନା ଉପସ୍ଥିତ ଥିଲେ।



ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଗଙ୍ଗାଧର ଜୟନ୍ତୀ କମିଟି ପକ୍ଷରୁ କଳିଙ୍ଗ ହସ୍ପିଟାଲ ଛକରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ସିରିଜ ଦୁର୍ଘଟଣା ଘଟାଇ ଓଲଟିଲା କାର୍

**ଭୁବନେଶ୍ୱର,୧୬।୮ (ବ୍ୟୁରୋ)**

ବେପରୁଆ ଗାଡ଼ିଚାଳନାର ପରିଣାମ ଦେଖିବାକୁ ମିଳିଛି ରାଜଧାନୀରେ। ଗୁରୁବାର ରାତିରେ ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନା ଅଞ୍ଚଳ ମଧ୍ୟରେ ଏକ ଫରଚ୍ୟୁନ୍ କାର୍ ଏକଘଣ୍ଟା ଧରି ଆତଙ୍କ ଖେଳାଇଥିଲା। ପୂରା ଫିଲ୍ମ ଷ୍ଟାଇଲ୍‌ରେ କାରଟି ସିରିଜ ଦୁର୍ଘଟଣା ଘଟାଇ ଆଗକୁ ମାଡ଼ି ଚାଲିଥିଲା। କାରକୁ ଅଟକାଇବାକୁ ପଛରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଦୌଡିଥିଲେ ମଧ ନିରାଶ ହୋଇଥିଲେ। କାର ଡ୍ରାଇଭରଙ୍କ ସମେତ ଗାଡ଼ିରେ ବସିଥିବା ୪ଜଣ ଯୁବକ ଏହାର ମଜା ନେଉଥିଲେ। କାର୍‌ଟି ୭ରୁ ଊର୍ଦ୍ଧ୍ୱ ସିରିଜ ଦୁର୍ଘଟଣା ଘଟାଇବା ପରେ ଶେଷରେ ରାସ୍ତାକଡ ଡିଭାଇଡରରେ ପିଟିହୋଇ ଓଲଟି ପଡ଼ିଥିଲା। କାର୍ ଧକ୍କାରେ ୪ଜଣ ବ୍ୟକ୍ତିଙ୍କ ସମେତ ଗୋଟିଏ ଗାଇ ଓ ଗୋଟିଏ ମଇଁଷି ଗୁରୁତର ଆହତ ହୋଇଛନ୍ତି। ଆହତ ୪ଜଣଙ୍କୁ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା ସୂଚନା ମିଳିଛି। କାର୍‌ଟି ଓଲଟି ପଡ଼ିବା ବେଳେ ସମ୍ପୃକ୍ତ ଯୁବକମାନେ ବାହାରି ଫେରାର ହୋଇଯାଇଥିବା ଜଣାପଡ଼ିଛି। ତେବେ ଡ୍ରାଇଭରଙ୍କୁ ଲୋକେ କାବୁ କରି ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ଏ ନେଇ ଚନ୍ଦ୍ରଶେଖରପୁର ଥାନା ଓ ଇନ୍‌ଫୋସିଟି ଥାନାରେ ଦୁଇଟି ମାମଲା ହୋଇଛି। କାର୍‌କୁ ପୋଲିସ ଜବତ କରିବା ସହ ଶୈଳଶ୍ରୀବିହାର ଅଞ୍ଚଳର ସମ୍ପୃକ୍ତ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ଏକ ନୂଆ ଫରଚ୍ୟୁନ୍ କାର୍ ଶୈଳଶ୍ରୀବିହାରରୁ ବାହାରିଥିଲା। ଶୈଳଶ୍ରୀବିହାରର ପ୍ଲଟ ନଂ-ଏଚଆଇଜି -୧୯୯ରେ ରହୁଥିବା ଶାନ୍ତନୁ କୁମାର ଜେନା ଘର ଆଗରେ ପାର୍କିଂ କରିଥିବା ଦୁଇଟି ଗାଡ଼ିରେ କାରଟି ଧକ୍କା ଖାଇବା ସହ ଏକ ବୁଲେଟକୁ ଧକ୍କା ଦେଇ ଡମଣା ଛକ ଆଡ଼େ ମାଡ଼ିଯାଇଥିଲା। ସେଠାରୁ ନାଲକୋ ଛକକୁ ଯାଇ ପଟିଆ ଛକ ଅଭିମୁଖେ ଆସୁଥିଲା। କାରରେ ୪ଜଣ ଯୁବକ ବସିଥିବା ବେଳେ ଜଣେ ଗାଡ଼ି ଚଳାଉଥିଲେ। କାର୍‌ଟି ପ୍ରଥମେ ଡମଣା ଛକରେ ଏକ ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବାଇକ ଚାଳକ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ଡିଭାଇଡରରେ ପିଟିହୋଇ ଫାଟି ଯାଇଥିଲା। ସେହିଭଳି କାରଟି



ଦୁର୍ଘଟଣା ଘଟାଇଥିବା କାର୍।

କାନନବିହାର ଫେଜ-୨ରେ ଏକ ଅଟୋକୁ ଧକ୍କା ଦେଇଥିଲା। ଅଟୋଟି ଓଲଟି ପଡ଼ିବାରୁ ଚାଳକ ଆହତ ହୋଇଥିଲେ। ଡମଣା ଛକରେ ଲୋକେ ବାଇକ ଧରି ଗୋଡାଇଥିଲେ ମଧ କାରଟି ରହି ନ ଥିଲା। କାରଟି ଆଗକୁ ମାଡ଼ିଯାଇ ମାଗନେଟ୍ ଛକରେ ଆଉ ଜଣେ ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା। ସେ ମଧ ଆହତ ହୋଇଥିଲେ। ଏହାପରେ ପଟିଆ ବିଗ ବଜାର ଛକ ଓ ପଟିଆ ଛକରେ ୨ଜଣ ବାଇକ୍ ଚାଳକଙ୍କୁ ଧକ୍କା ଦେବା ପରେ କାର୍‌ଟି ଇନ୍‌ଫୋସିଟି ବସ୍ତି ଅଭିମୁଖେ ଯାଇଥଲା। ସେଠାରେ

**■ ୪ଜଣଙ୍କ ସମେତ ୨ ଗୃହପାଳିତ ପ୍ରାଣୀ ଗୁରୁତର**

**■ ଡ୍ରାଇଭରଙ୍କୁ ମାଡ଼ ମାରି ପୋଲିସ ଜିମାଦେଲେ ଲୋକେ**

ଏକ ମଇଁଷିକୁ ଧକ୍କା ଦେଇ ପୁଣି ପଟିଆ ଛକ ଅଭିମୁଖେ ଆସି ଶେଷରେ କାର୍‌ଟି ରୋଡ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା। ସମ୍ପୃକ୍ତ ୫ଜଣ ଯୁବକ ନିଶାଗ୍ରସ୍ତ ହୋଇ ବେପରୁଆ ଗାଡ଼ି ଚାଳନା କରୁଥିବା ଜଣାପଡ଼ିଥିଲା। ଗାଡ଼ି ଚଲାଉଥିବା ଯୁବକଙ୍କ ବାପା ଏକ ଖଣିରେ କାମ କରୁଥିବାରୁ ପୁଅ ପାଇଁ ମାସେ ହେବ ଏହି ଫରଚ୍ୟୁନ୍ କାର୍ କିଣିଥିଲେ। ସାଙ୍ଗମାନଙ୍କ ସହ ସେ ଗୁରୁବାର ବିଳମ୍ବିତ ରାତିରେ ବୁଲିବା ସମୟରେ ଏଭଳି ସିରିଜ୍ ଦୁର୍ଘଟଣା ଘଟାଇଥିଲେ। ଏହି ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ। ହେଲେ କୌଣସି ପିସିଆର ଭ୍ୟାନ୍ ଭୟରେ କାର ନିକଟକୁ ଆସି ନ ଥିଲା। ପୋଲିସର ଟ୍ରାଫିକ୍ ଚେକିଂ ରାତି ୯ଟା ପରେ ବନ୍ଦ ହୋଇଯାଉଥିବାରୁ ନିଶାଗ୍ରସ୍ତ ଯୁବକମାନେ ଏଭଳି କାଣ୍ଡ ଘଟାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୭/୨୦୧୯ Bhubaneswar, Saturday, August 17/2019

# ଓଡ଼ିଆ ବ୍ୟବହାର ନ କଲେ ଦଣ୍ଡ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ନ କଲେ ଖିଲାପକାରୀଙ୍କୁ ଦଣ୍ଡ ମିଳିବ। ରାଜ୍ୟ ସରକାର ଏନେଇ ଓଡ଼ିଶା ସରକାରୀ ଭାଷା ନିୟମାବଳୀ ୨୦୧୬ର ସଂଶୋଧନ କରି ନିୟମାବଳୀ ପ୍ରଣୟନ କରିଛନ୍ତି। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରରେ ବାରମ୍ବାର ଖିଲାପ କରୁଥିବା କର୍ମଚାରୀ ଓ ଅଧିକାରୀମାନଙ୍କ ବିରୋଧରେ ଓଡ଼ିଶା ବେସାମରିକ ସେବା ଅଧିନିୟମ-୧୯୬୨ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିୟମ ପ୍ରଣୟନ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରୀ ଭାଷା(ସଂଶୋଧନ) ନିୟମାବଳୀ-୨୦୧୯ ଅନୁଯାୟୀ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କରୁଥିବା କର୍ମଚାରୀ ତଥା ବିଭାଗମାନଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସର୍ବଭାରତୀୟ ସେବା ଏବଂ କେନ୍ଦ୍ରୀୟ ବେସାମରିକ ସେବା ବର୍ଗର

**ସ୍ୱାଗତ କଲା 'ଭାଷା ଆନ୍ଦୋଳନ'**

ଅଧିକାରୀମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ଅଧିନିୟମ କାର୍ଯ୍ୟକାରୀ ହେବ। ସେହି ଅନୁଯାୟୀ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଅନ୍ୟପକ୍ଷରେ କ୍ୟାବିନେଟ ବୈଠକରେ ନିୟମାବଳୀ ପ୍ରଣୟନ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ସେଥିରେ ଗତ ୧୩ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୋହର ମାରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ଗେଜେଟ୍‌ରେ ପ୍ରକାଶ କରାଯାଇଥିବା ବେଳେ ରାଜ୍ୟରେ ଓଡ଼ିଆରେ ସମସ୍ତ ନଥିପତ୍ର ପ୍ରଚଳନ ପାଇଁ ନିୟମାବଳୀ ପ୍ରଣୟନ ହୋଇଛି। ଦଣ୍ଡବିଧାନକୁ ଭାଷା ଆନ୍ଦୋଳନ ପକ୍ଷରୁ ସ୍ୱାଗତ କରାଯିବା ସହ ୧୯୫୪ ଭାଷା ଆଇନ ପ୍ରଣେତା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଖବରଦାତାଙ୍କଠାରୁ ସୁନାଚେନ, ଟଙ୍କା ଲୁଟ୍

ଖୋର୍ଦ୍ଧା ଅଫିସ,୧୬।୮

ଖୋର୍ଦ୍ଧା ଆଦର୍ଶ ଥାନା ଶିଳ୍ପାଞ୍ଚଳ ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ପିତାପଲ୍ଲୀ ଛକ ନିକଟରେ ଗୁରୁବାର ରାତିରେ ବନ୍ଧୁକ ଦେଖାଇ ୨୧୦୦ ଟଙ୍କା ଓ ସୁନାଚେନ ଲୁଟି ନେଇଛନ୍ତି। ଭାଲିଆବାଡିର ଦେବୀ ପ୍ରସାଦ ସାହୁ ନାମକ ଖବରଦାତା ଭୁବନେଶ୍ୱରରୁ କାର୍ଯ୍ୟ ଶେଷ କରି ଘରକୁ ଫେରୁଥିବାବେଳେ ପିତପଲ୍ଲୀ ଛକ ନିକଟରେ ଗୁରୁବାର ରାତି ୧ଟାରେ ଲୁଟ୍ ହୋଇଥିଲା। ୩ଟି ବାଇକ୍ ଯୋଗେ ୭ ଲୁଟେରା ତାଙ୍କ ପିଛା କରି ଏହି ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଲୁଟ ସମ୍ପର୍କରେ ଦେବୀପ୍ରସାଦ ଗୁରୁବାର ରାତିରେ ଶିଳ୍ପାଞ୍ଚଳ ଫାଣ୍ଡିରେ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରୁ ତାଲା ପଡିବା ଦେଖି ଆଦର୍ଶ ଥାନାକୁ ଆସିଥିଲେ। ଆଦର୍ଶ ଥାନା ବନ୍ଦ ଥିଲେ ମଧ୍ୟ ପୋଲିସ ବହୁ କଷ୍ଟରେ ଅଭିଯୋଗ ଗ୍ରହଣ କରିଥିଲା।









# 'ଗାନ୍ଧୀ ହିଁ ସବୁ ପ୍ରଶ୍ନର ଉତ୍ତର'




ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ପ୍ରକୃତି ଆମକୁ ଯାହା ଦେଉଛି, ପ୍ରକୃତିକୁ ଆମେ ତାହା ଫେରାଇବାକୁ ପଡ଼ିବ ବୋଲି ମହାତ୍ମା ଗାନ୍ଧୀ କହିଥିଲେ। ଗାନ୍ଧିଜୀଙ୍କ ଏହି କଥା ପଦକ ପରିବେଶ ରକ୍ଷା କ୍ଷେତ୍ରରେ ବିଶ୍ୱବ୍ୟାପୀ ପ୍ରେରଣାଦାୟୀ ହୋଇଥିଲା। ଗାନ୍ଧୀଙ୍କ ଅର୍ଥନୀତିକୁ ମଧ୍ୟ ବହୁ ଅର୍ଥଶାସ୍ତ୍ରବିତ୍ ଗ୍ରହଣ କରିବାକୁ ପରାମର୍ଶ ଦେଉଛନ୍ତି। ଗାନ୍ଧୀ କହୁଥିଲେ ସମ୍ବଳର ସମବଣ୍ଟନ ହେବା ଦରକାର। କାରଣ ସମ୍ବଳକୁ ମହଜୁଦ୍ କରିରଖିଲେ ତାହାର ସଦୁପଯୋଗ ହୋଇପାରିବ ନାହିଁ। ସମ୍ପ୍ରତି ବିଶ୍ୱ ପରିବର୍ତ୍ତନ ଧାରାରେ ବଢୁଥିବାବେଳେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ଯଦି ଖୋଜାଯାଏ, ତେବେ ତାହାହେଉଛି କେବଳ ଗାନ୍ଧୀ। ଗାନ୍ଧୀ ହିଁ ସବୁ ପ୍ରଶ୍ନର ଉତ୍ତର। ବିଶ୍ୱର ବହୁ ଚିନ୍ତାଶୀଳ ବ୍ୟକ୍ତି ଏଭଳି ମନେକରୁଛନ୍ତି। ସୂଚନାଭବନରେ ଶୁକ୍ରବାର ଆରମ୍ଭ ହୋଇଥିବା ୩ ଦିନିଆ 'ଗାନ୍ଧୀ କଥା' କାର୍ଯ୍ୟକ୍ରମରେ ବିଶିଷ୍ଟ ଗାନ୍ଧୀବାଦୀ ବକ୍ତା ତଥା ସ୍ତମ୍ଭକାର ଓ ରାଷ୍ଟ୍ରୀୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ କୁମାର ପ୍ରଶାନ୍ତ ଏଭଳି କହିଛନ୍ତି। 'ଗାନ୍ଧୀ ଓ ବର୍ତ୍ତମାନ' ବିଷୟ ଉପରେ ପ୍ରଶାନ୍ତ କହିଥିଲେ ଯେ, ଗାନ୍ଧୀ ଏକ ବିକଳ୍ପର ନାମ ବୋଲି ସେ କହୁନାହାନ୍ତି। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଷ୍ଟିଫେନ ହକିଂ ଏହା ବହୁ ପୂର୍ବରୁ କହିସାରିଛନ୍ତି। ସେହିପରି ଗାନ୍ଧୀଙ୍କ ସମ୍ପର୍କରେ ପୂର୍ବରୁ କେବେ କିଛି ମତ ଦେଇଥିବା ବହୁ ବୈଜ୍ଞାନିକ, ଅର୍ଥଶାସ୍ତ୍ରବିତ୍ ଗାନ୍ଧୀବାଦ ହିଁ ଏକମାତ୍ର ବିକଳ୍ପ ବୋଲି ଏବେ କହୁଛନ୍ତି।

କଶ୍ମୀର ପ୍ରସଙ୍ଗରେ ପ୍ରଶାନ୍ତ କହିଥିଲେ ଯେ, ଭାରତ ସ୍ୱାଧୀନ ହେବାବେଳେ ୬ଶହ ରାଜ୍ୟ ମିଶିଥିଲା। କଶ୍ମୀରକୁ ଭାରତରେ ରଖିବାକୁ ସରକାର ଅନେକ ପଦକ୍ଷେପ ନେଇଥିଲେ। କୌଣସି ନିଷ୍ପତ୍ତି ନେଲାବେଳେ ସେତେବେଳର ପରିସ୍ଥିତିକୁ ଦେଖି ଭୁଲ ବା ଠିକ୍ ନିଷ୍ପତ୍ତି ନିଆଯାଇଥାଇପାରେ। କିନ୍ତୁ ପରବର୍ତ୍ତୀ ସମୟରେ ତାହାକୁ ପରିବର୍ତ୍ତନ କଲାବେଳେ ପୁରୁଣା ସ୍ଥିତିକୁ ନ ବୁଝି ନିଷ୍ପତ୍ତି ନେଇଥିବା ଲୋକଙ୍କୁ ଦୋଷୀ କରାଯିବା ଠିକ୍ ନୁହେଁ।

ଓଡ଼ିଶା ସରକାରଙ୍କ ଗାନ୍ଧୀ ୧୫୦ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ପାଳନ କମିଟି ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହି କୁମାର ପ୍ରଶାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ରାଜ୍ୟ ଶାଖା ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ଓ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ସଂଯୋଜକ ଡ. ବିଶ୍ୱଜିତ ରାୟ, ସଦସ୍ୟ ମିହିର ପ୍ରତାପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶୁକ୍ରବାର ପୂର୍ବାହ୍ନରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ଏକ ସଭାରେ କୁମାର ପ୍ରଶାନ୍ତ ଯୋଗଦେଇ ଗାନ୍ଧୀ ଓ ବର୍ତ୍ତମାନର ଯୁବପିଢିଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ଭୁବନେଶ୍ୱର ରସୁଲଗଡ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୭ରେ ଜଳୁଥିବା ଷ୍ଟ୍ରିଟ୍ ଲାଇଟ୍।

## ଶ୍ରୀମନ୍ଦିରରେ ରାଖୀ ଲାଗି, ବଳଭଦ୍ର ଜନ୍ମ ନୀତି

# ପାଟ ରାଖୀ ପିନ୍ଧିଲେ ମହାପ୍ରଭୁ

ପୁରୀ ଅଫିସ, ୧୬।୮



ପବିତ୍ର ଗହ୍ମାପୂର୍ଣ୍ଣିମା ତିଥିରେ ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ନୀତି ଏବଂ ରାଖୀ ଲାଗି ନୀତି ସମ୍ପନ୍ନ ହୋଇଛି। ଦୁଇଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ବଳଭଦ୍ର ଶ୍ରୀଭୁଜରେ ପାଟ ରାଖୀ ଏବଂ ଗୁଆମାଳ ପିନ୍ଧି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀମନ୍ଦିରରେ ଏହି ବିଶେଷ ନୀତି ଦର୍ଶନ ପାଇଁ ଗୁରୁବାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଦ୍ୱିପ୍ରହର ଧୂପ ବେଶରେ ମହାପ୍ରଭୁ ଦକ୍ଷିଣ ଭୁଜରେ ଗୋଟିଏ ଏବଂ ଉତ୍ତର ଭୁଜରେ ୨ଟି ଆଜ୍ଞାମାଳ ଲାଗି ହୋଇଥିଲେ। ଏହାପରେ ପାଟରା ବିଶୋଇ ସେବକଙ୍କ ଦ୍ୱାରା ବାସୁଙ୍ଗା ପାଟରେ ପ୍ରସ୍ତୁତ ୪ଟି ରାଖୀ ଏବଂ ୪ଟି ଗୁଆମାଳକୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁରଙ୍କ ଶ୍ରୀଭୁଜରେ ପୁଷ୍ପାଳକ ସେବକ ଲାଗି କରାଇଥିଲେ। ରତ୍ନସିଂହାସନ ତଳେ ବଡ଼ଠାକୁରଙ୍କ ସମ୍ମୁଖରେ ଷଷ୍ଠୀ, ମାର୍କଣ୍ଡୀ ଓ ବରୁଣ ପୂଜା ହୋଇଥିଲା। ପରେ ପରେ ଦ୍ୱିପ୍ରହର ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ବଢ଼ି ଆଳତି ହୋଇଥିଲା। ଭୋଗ ଉଠିଲା ପରେ ଭିତର ପାଣି ପଡ଼ି ଧୋପଖାଳ (ସଫା) କରାଯାଇଥିଲା। ଶୁଦ୍ଧସୁଆର ଗୋଟିଏ ପିତ୍ତଳ ଥାଳିରେ ପାଟ୍ରିସଜ ଏବଂ ଗିନାମାନଙ୍କରେ ମଙ୍ଗଳାର୍ପଣ ସାମଗ୍ରୀ ରଖିବା ପରେ ବଡ଼ ବାଡରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନି ବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ମହାଜନ ସେବକମାନେ ମଦମୋହନଙ୍କୁ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ମଦମୋହନ, ଶ୍ରୀଦେବୀ, ଭୁଦେବୀ ଆଜ୍ଞାମାଳ ପାଇବା ପରେ ସକାଳ ୯ଟାରେ ଝୁଲଣ ମଣ୍ଡପକୁ ବିଜେ ହୋଇଥିଲେ। ଚକ୍ରରାଜ ସୁଦର୍ଶନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇଥିଲେ। ସୁଦର୍ଶନଙ୍କୁ ପାଟ ପତନି ଏବଂ ଚୂଳ ଲାଗି ହୋଇଥିଲା। ଏହାପରେ ବିମାନବଡୁମାନେ ଚଉଦୋଳରେ ସୁଦର୍ଶନଙ୍କୁ ନେଇ ଝୁଲଣ ମଣ୍ଡପରେ ବିଜେ କରାଇଥିଲେ। ସେଠାରେ ସୁଦର୍ଶନଙ୍କୁ ସୁବର୍ଣ୍ଣ ଓଡ଼ିଆଣୀ ଏବଂ ସୁନା ହରିଡ଼ାମାଳି ଲାଗି କରାଯାଇଥିଲା। ବିମାନବଡୁମାନେ ସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀଙ୍କୁ ନେଇଥିଲେ। ସେଠାରେ ଥିବା ମଣ୍ଡପରେ ସୁଦର୍ଶନଙ୍କୁ ବିଜେ କରାଯାଇଥିଲା। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରି ଶୀତଳ ମଣୋହୀ କରିଥିଲେ। ଏହାପରେ ବନ୍ଦାପନା ହୋଇ ବଳଭଦ୍ର ପିତୁଳାକୁ ଜଳରେ ବିସର୍ଜନ କରାଯାଇଥିଲା। ପରେ ସୁଦର୍ଶନ ୪ ଆଶ୍ରମ (ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଏବଂ ଭୃଗୁ) ପରିକ୍ରମା କରି ସିଂହଦ୍ୱାରରେ ପହଞ୍ଚିଲେ। ବନ୍ଦାପନା ପରେ ଚକ୍ରରାଜ ସୁଦର୍ଶନ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଅନ୍ୟାନ ନୀତି ବଢିଥିଲା।

# ଶ୍ରୀମନ୍ଦିରର ଆଧ୍ୟାତ୍ମିକ ଉନ୍ନତି ହେଉ: ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ, ୧୬।୮

ଶ୍ରୀମନ୍ଦିର କ୍ଷେତ୍ରରେ ଯେ କୌଣସି ନିଷ୍ପତ୍ତି ନିଆଯାଉଛି ବା ସଂସ୍କାର ଅଣାଯାଉଛି ସେଥିରେ ଧର୍ମ ଓ ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦିଆଯାଉ ନାହିଁ ବୋଲି କହିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶ୍ରୀମନ୍ଦିରକୁ ନେଇ ଶଙ୍କରାଚାର୍ଯ୍ୟଙ୍କ ସନ୍ଦେଶକୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଶୁକ୍ରବାର ପୀଠର ମୁଖପାତ୍ର ମନୋଜ କୁମାର ରଥ ଜଣାଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଆଦର୍ଶ ବିହୀନ ଅସ୍ତିତ୍ୱ କେତେ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ ତାହା ଶ୍ରୀମନ୍ଦିର ସହିତ ସମ୍ବନ୍ଧିତ ଶାସନ, ପରିଚାଳନା ସମିତି ଓ ସେବାୟତ ଗୋଷ୍ଠୀ ଧ୍ୟାନ ଦେବା ଦରକାର। ସୈଦ୍ଧାନ୍ତିକ ଧରାତଳରେ ଏହାର ମହତ୍ତ୍ୱ କଣ? ଶିକ୍ଷା, ରକ୍ଷା, ସଂସ୍କୃତି, ସେବା ଓ ମୋକ୍ଷର ଏହି ପବିତ୍ର ସଂସ୍ଥାନକୁ ଧାର୍ମିକ ଓ ଆଧ୍ୟାତ୍ମିକ ସନ୍ନିଧାନ ତଥା ମାର୍ଗଦର୍ଶନରୁ ଦୂରେଇ ରଖିବା ଦ୍ୱାରା ଏହା ସ୍ୱାର୍ଥପୂର୍ତ୍ତି ଓ ଶୋଷଣର କେନ୍ଦ୍ର ବୋଲି ପ୍ରମାଣିତ ହେଉଛି। ଏହି ପୀଠର ପ୍ରକୃତ ଲକ୍ଷ୍ୟ ଅନୁରୂପ ଦିଗ୍‌ଦର୍ଶନ ପ୍ରଦାନ ନିମନ୍ତେ ସମ୍ପୃକ୍ତ ପକ୍ଷମାନଙ୍କ ଉଚିତ ପୋଷଣ ନିତାନ୍ତ ଦରକାର। ଏଣୁ ସମୟ ଥାଉ ଥାଉ ପଦକ୍ଷେପ ନେବା ଆବଶ୍ୟକ ବୋଲି ଶଙ୍କରାଚାର୍ଯ୍ୟ କହିଥିଲେ।

## ୟୁନିଟ୍-୪ ଦୋକାନ ଓ ପିଣ୍ଡି ଉଚ୍ଛେଦ ପ୍ରସଙ୍ଗ

# ନିୟମାନୁଯାୟୀ ପଦକ୍ଷେପ ନିଅ: ହାଇକୋର୍ଟ

କଟକ ଅଫିସ, ୧୬।୮

ଭୁବନେଶ୍ୱର ୟୁନିଟ୍-୪ ଖାରବେଳନଗର ଅଞ୍ଚଳର ସରକାରୀ ଜମି ଉପରେ ଥିବା କିଛି ଦୋକାନ ଓ ପିଣ୍ଡିକୁ ଆସନ୍ତା ୨୦ରେ ଭାଙ୍ଗିବା ପାଇଁ ଗତ ୩ରେ ଭୁବନେଶ୍ୱର ଡେଭଲପମେଣ୍ଟ ଅଥରିଟି(ବିଡିଏ) ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଅଣଅଧିକୃତ ନିର୍ମାଣ ଦର୍ଶାଇ ବିଡିଏ ଏହି ନୋଟିସ ଦେଇଥିଲା। ଏ ନେଇ ଶ୍ରୀଧର ଚୌଧୁରୀ ଏବଂ ଅନ୍ୟ ୧୫ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିନା କାରଣ ଦର୍ଶାଅ ନୋଟିସ୍ ଦେଇ ବିଡିଏ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିବା ଆବେଦନକାରୀ ଦର୍ଶାଇଥିଲେ। ମାମଲାର ଶୁଣାଣି କରି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠ ବିଡିଏ କର୍ତ୍ତୃପକ୍ଷଙ୍କୁ ନିୟମାନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଆବେଦନକାରୀଙ୍କୁ ପକ୍ଷ ରଖିବାର ସୁଯୋଗ ଦେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୟୁନିଟ୍-୪ ଅଞ୍ଚଳର ପ୍ଲଟ୍ ନଂ-୩୧୭ରେ କିଛି ଦୋକାନ ଓ ପିଣ୍ଡି ନିର୍ମାଣ କରାଯାଇଥିଲା। ଏଠାରେ ଶ୍ରୀଧରଙ୍କ ସହ ଅନ୍ୟ କିଛି ଦୋକାନୀ ଦୋକାନ କରିଥିଲେ। ଆବେଦନକାରୀମାନେ ବିଡିଏକୁ ନିୟମିତ ଭାବେ ଦେୟ ପ୍ରଦାନ କରି ଆସୁଛନ୍ତି। ମାତ୍ର ଗତ ୩ରେ ବିଡିଏ ପକ୍ଷରୁ ବିନା କାରଣ ଦର୍ଶାଅ ନୋଟିସ୍‌ରେ ଅଣଅଧିକୃତ ନିର୍ମାଣ ଭାଙ୍ଗିବା ଲାଗି ଏନଫୋର୍ସମେଣ୍ଟ ମନିଟରିଂ କମିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ବିଡିଏ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ସରକାର, ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଡିସିପିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟବ୍ରତ ମହାପାତ୍ର, ନିରଞ୍ଜନ ହୋତା ଏବଂ ରାଜୀବ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
–କନ୍‌ଫୁସିୟସ



## ସଂକ୍ଷେପରେ

### ଗୋରୁଙ୍କୁ ବ୍ୟାପୁଛି ଚର୍ମରୋଗ

ବାଙ୍କୀ,୧୬।୮(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା, ଭଗୀପୁର, କଇଁମୁଣ୍ଡି ଆଦି ଗ୍ରାମରେ ଗୋରୁଙ୍କଠାରେ ବର୍ତ୍ତମାନ ଚର୍ମରୋଗ ଦେଖାଦେଇଛି। ଏଥିରେ ଅନେକ ଗାଈଗୋରୁ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗଦ୍ୱାରା ଗୋରୁଙ୍କୁ ପ୍ରଥମେ ଜ୍ୱର ହେଉଛି, ଗୋଡ ଫୁଲିଯାଉଛି ଓ ସେମାନେ ଛୋଟେଇ ଚାଲୁଛନ୍ତି। ପରେ ଶରୀର ଛୋଟ ଛୋଟ ଆବୁଭଳି ଫୁଲିଯାଉଛି। କ୍ଷୀର ଦେବା ଗାଈ, ବାଛୁରୀ ଅଧିକ ଆକ୍ରାନ୍ତ ହେଉଛନ୍ତି। ବାତ୍ୟା ଫନୀ ପରେ ଏପରି ଏକ ନୂତନ ରୋଗ ଦେଖାଯାଇଛି। ଫଳରେ ୩୦%ରୁ୪୦%ଭାଗ ପଶୁ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗ ସମ୍ପର୍କରେ ଜାଣିବା ପାଇଁ ଏକ ସଚେତନତା ଶିବିର ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ପଶୁ ଚିକିତ୍ସା ମହାବିଦ୍ୟାଳୟର ପ୍ରତିଶେଧକ, ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହାପରେ ଏକ ଗବେଷଣା ଦଳ ବାଆଁରା ପଞ୍ଚାୟତକୁ ଆସି ଆକ୍ରାନ୍ତ ଗୋରୁଙ୍କ ରକ୍ତ ନମୁନା, ଲାଳ, ସିଂଘାଣି ସହିତ ଘାହୋଇଥିବା ସ୍ଥାନର ନମୁନା ସଂଗ୍ରହ କରିଥିଲେ। ରୋଗର ଲକ୍ଷ୍ୟଣ ଗାଁର ଗୋ ଚାଷୀଙ୍କଠାରୁ ପଚାରି ବୁଝିଥିଲେ। ଏବେ ରୋଗ ନିରାକରଣ ପାଇଁ ବାଙ୍କୀ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଅମ୍ଲାନ ମିଶ୍ର ଏବଂ ଅତିରିକ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଅନ୍ତର୍ଯ୍ୟାମୀ ବାରିକ ପ୍ରମୁଖ ବାଙ୍କୀର ବିଭିନ୍ନ ଅଞ୍ଚଳକୁ ଯାଇ ସଚେତନତା ସୃଷ୍ଟି କରୁଛନ୍ତି।

### ୭ ଫୁଟ୍‌ର ନାଗ ଉଦ୍ଧାର

ବାଙ୍କୀ,୧୬।୮(ବି.ପ୍ର.): କଦଳବାଡ଼ି ସରପଞ୍ଚ ପ୍ରକାଶ କୁମାର ବେଉରାଙ୍କ ଅଗଣାରୁ ଶୁକ୍ରବାର ଏକ ୭ଫୁଟ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି। ସାପଟି ବେଉରାଙ୍କ ଅଗଣାକୁ ପଶି ଆସିଥିଲା। ଏହାଦେଖି ସଙ୍ଗେସଙ୍ଗେ ସରପଞ୍ଚ ବେଉରା ବାଉଁଶପୁଟ ଗ୍ରାମର ସ୍ନେକ୍ ହେଲ୍ପଲାଇନ୍ ସଦସ୍ୟ ସଦାଶିବ ଜେନାଙ୍କୁ ସୂଚନା ଦେଇଥିଲେ। ସଦାଶିବ ପହଞ୍ଚି ସାପକୁ ଉଦ୍ଧାର କରି ତିଗିରିଆ ବନ ବିଭାଗ ଅନ୍ତର୍ଗତ ଜଙ୍ଗଲରେ ଛାଡ଼ି ଦେଇଥିଲେ।

### ତାଲୁକ ଆଇନ ସେବା କମିଟି ପକ୍ଷରୁ ଚାରାରୋପଣ

ତିଗିରିଆ,୧୬।୮(ଡି.ଏନ.ଏ.): ତିଗିରିଆ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଚାଲୁଥିବା ଚାରାରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ନିଜିଗଡ଼ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଇନ ସେବା କମିଟି ଅଧକ୍ଷା ତଥା ତିଗିରିଆ ଅଦାଲତର ବିଚାରପତି ସୌଦାମିନୀ ସିଂହ ଯୋଗଦେଇ ଚାରାରୋପଣ କରିଥିଲେ। କମିଟି ପକ୍ଷରୁ ନୂଆପାଟଣା ଅର୍ଜୁନ ସୁବୁଦ୍ଧି ହାଇସ୍କୁଲ, ଦୁଲାଳୀ ଦେବୀ ବାଳିକା ହାଇସ୍କୁଲ, ଗଦାଧରପୁର ହାଇସ୍କୁଲ, ଖଣ୍ଡହତାସ୍ଥିତ ଶ୍ରୀଜଗନ୍ନାଥ ନୋଡ଼ାଲ ବିଦ୍ୟାପୀଠ, ନିଜିଗଡ଼ ପବିତ୍ର ମୋହନ ନୋଡ଼ାଲ ବିଦ୍ୟାପୀଠ, ତିଗିରିଆ ସରକାରୀ ବାଳିକା ହାଇସ୍କୁଲ ଏବଂ ଅଚଳକୋଟ ତିନିଗଡ଼ ନୋଡାଲ ବିଦ୍ୟାପୀଠରେ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ସୂର୍ଯ୍ୟନାରାୟଣ ମହାନ୍ତି, ସାନ୍ତନୁ ଦାଶ, ମଙ୍ଗଳକୃଷ୍ଣ ଦାସ ଓ ପଠାଣି ଚରଣ ବେହେରା, ରଶ୍ମିପ୍ରଭା ମହାପାତ୍ର, ସରୋଜ ସାହୁ, ସୁଭାଷ ଚନ୍ଦ୍ର ସାହୁ, ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳଙ୍କ ସହ ଥାନା ଓ କୋର୍ଟ କର୍ମଚାରୀ ସାମିଲ ହୋଇଥିଲେ।

# ଭାରତର ସାର୍ବଭୌମ, ନିରପେକ୍ଷତାକୁ ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ



ସରଣ୍ଡାଗଡ଼ରେ ଆୟୋଜିତ ସ୍ୱାଧୀନତା ଦିବସରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଅନ୍ୟ ଅତିଥି ଉପସ୍ଥିତ ।

ସାଲେପୁର,୧୬।୮(ଡି.ଏନ.ଏ.)

"୭୩ତମ ସ୍ୱାଧୀନତା ଦିବସ କଟକ ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ଏଥିରେ ଅତିଥି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିସହିତ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଭାରତର ସାର୍ବଭୌମ ଓ ନିରପେକ୍ଷତାକୁ ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଓ ସ୍କାଉଟ୍ସ, ଗାଇଡ୍ସ ଛାତ୍ରୀଛାତ୍ର ପରେଡରେ ଭାଗ ନେଇଥିଲେ। ସ୍ୱାଧୀନତା ଦିବସ ପୂର୍ବରୁ ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବିଭିନ୍ନ ମେଡିକାଲ ଓ ଜେଲରେ ଫଳ ଏବଂ ମିଷ୍ଟାନ ବଣ୍ଟନ କରାଯାଇଥିଲା।"

ସାଲେପୁର ହାଇସ୍କୁଲ ପଡ଼ିଆରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପତାକା ଉତ୍ତୋଳନ କରିବାସହ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭାରତର ସାର୍ବଭୌମ ଓ ନିରପେକ୍ଷତାକୁ ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମତପ୍ରକାଶ କରିଥିଲେ। ଏଥିସହିତ ଶୀଘ୍ର ସାଲେପୁରକୁ ଏନଏସି ଘୋଷଣା କରାଯିବ ବୋଲି କହିଥିଲେ। ତହସିଲଦାର୍ ଇଂ ପଦ୍ମଜା ଦାଶ ପୌରୋହିତ୍ୟ କରିଥିବା ବେଳେ ସମ୍ମିଳିତ ପରେଡରେ ବିଧାୟକ ବେହେରା ଅଭିବାଦନ ଗ୍ରହଣ କରିଥିଲେ। ଡିଏସପି ସୁରେଶ ଦାସ, ଆଇଆଇସି ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାଲେପୁର କଂଗ୍ରେସ, ଭାଜପା, ବିଜେଡି କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଏହି ଦିବସ ପାଳିତ ହୋଇଛି।

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ସଦର ମହକୁମାରେ ସ୍ୱାଧୀନତା ଦିବସ କଚେରି ପଡ଼ିଆଠାରେ ପାଳିତ ହୋଇଛି। ମୁଖ୍ୟଅତିଥିଭାବେ ଉପଜିଲାପାଳ ଅରୁଣ ବିଶ୍ୱାଳ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ବାଙ୍କୀ କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥିଭାବେ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ପତାକା ଉତ୍ତୋଳନ କରିଥିଲେ।

**ବାଙ୍କୀ,(ବି.ପ୍ର.):** ସ୍ୱାଧୀନତା ଦିବସ ପ୍ରଥମ କରି ସରଣ୍ଡାଗଡ଼ରେ ପାଳିତ ହୋଇଛି। ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ଖେଳପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଫାଣ୍ଡି ଅଧିକାରୀ ରବିନାରାୟଣ ପରିଡା, ଶିକ୍ଷକ ଶତ୍ରୁଘନ ମହାପାତ୍ର, ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଶିବ ପ୍ରସାଦ ପାଇକରାୟକଙ୍କ ତତ୍ତ୍ୱାବଧାନରେ ପରେଡ୍ ସଞ୍ଚାଳିତ ହୋଇଥିଲା।

**ମାହାଙ୍ଗା/ଲଳିତଗିରି,(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶରତ ନାୟକ ପତାକା ଉତ୍ତୋଳନ କରିଥିଲେ। ଏବିଡିଓ ମହେଶ୍ୱର ସେଠୀ, ବ୍ଲକ ଉପାଧ୍ୟକ୍ଷା ରଶିଦା ବେଗମ, ଶରତ ମହାପାତ୍ର ଉପସ୍ଥିତଥିଲେ। ସେହିପରି ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଖନ୍ଦୋଳଠାରେ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀ, କୁଆଁପାଳ କଂଗ୍ରେସ କାର୍ଯ୍ୟାଳୟରେ ଦୀପକ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଜଳେଶ୍ୱରପୁର ପଞ୍ଚାୟତରେ ସରପଞ୍ଚ ବିଜୟ ରାଉତଙ୍କ ସଭାପତିତ୍ୱରେ ପ୍ରତିମା ସାମଲ, ଚାହାପଡା ପଞ୍ଚାୟତରେ ଶିକ୍ଷାବିତ୍ ମୁରଲିଧର ବାରିକ, ଶ୍ରୀକୃଷ୍ଣପୁର ପଞ୍ଚାୟତରେ ସରପଞ୍ଚ ରଞ୍ଜିତା ମହାନ୍ତି, ରବୀନ୍ଦ୍ର ନାଥ ସାହୁ, ପଞ୍ଚାନନ ପଣ୍ଡା, ବରଦିଆ ତାରିଣୀ କ୍ଲବ୍‌ରେ ଶିବ ଚରଣ ଜେନା, କୁଣ୍ଡି ପଞ୍ଚାୟତର ସରପଞ୍ଚ ରାଜଶ୍ରୀ ବିଶ୍ୱାଳ, ଜୟନ୍ତ ବିଶ୍ୱାଳ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ତହସିଲରେ ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକ, ଥାନାରେ ଆଇଆଇସି ରଞ୍ଜନ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ।

**ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ**

**ନିଶ୍ଚିନ୍ତକୋଇଲି,(ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ୍‌ରେ ଉପାଧ୍ୟକ୍ଷା ସବିତା ମହାନ୍ତି, ତହସିଲରେ ତହସିଲଦାର ଜିତେନ୍ଦ୍ର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ଅମିତ୍ ଜେନା, ନିଶ୍ଚିନ୍ତକୋଇଲି ଥାନାରେ ଆଇଆଇସି ହିମାଂଶୁ ପରିଡା, ସରପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରୁନୁଲତା ମହାନ୍ତି, ରାମକୃଷ୍ଣପୁର ପଞ୍ଚାୟତରେ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ନଗସପୁର ପଞ୍ଚାୟତରେ ସରପଞ୍ଚ ସୁଧାଂଶୁ ଭୂୟାଁ ପତାକା ଉତ୍ତୋଳନ କରିଥିଲେ।

**ବଡ଼ମ୍ବା,(ଡି.ଏନ.ଏ.):** ବଡ଼ମ୍ବା ଟେନିସ ପଡ଼ିଆରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ତହସିଲଦାର ଅନିଲ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହିତ ପତାକା ଉତ୍ତୋଳନ କରିଥିଲେ। ବିଡିଓ ସଦାନନ୍ଦ ସେଠୀ, ଅତିରିକ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତ, ବ୍ଲକ ଅଧ୍ୟକ୍ଷା ଅନୁସୟା ନାଏକ, ସାମାଜିକ କର୍ମୀ ଅମୀୟ ପଟ୍ଟନାୟକ, ପରମାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ମ୍ବା ଜୁଡିସିଆଲ୍ କୋର୍ଟରେ ଜେଏମ୍‌ଏଫ୍‌ସି ରେଖାରାଣୀ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ବଡ଼ମ୍ବା ଶାଖାରେ ରଘୁପତି ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ସୁନାପାଳସ୍ଥିତ ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ ପତାକା ଉତ୍ତୋଳନ କରିଥିଲେ।

**ନରସିଂହପୁର,(ସ୍ୱ.ପ୍ର.):** ନରସିଂହପୁର ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଜୁଡିସିଆଲ କୋର୍ଟ ପରିସରରେ ମାଜିଷ୍ଟ୍ରେଟ ପ୍ରତୀଶ ରଥ ପତାକା ଉତ୍ତୋଳନ କରିଥିଲେ। ଅତିରିକ୍ତ ତହସିଲଦାର ଆକାଶ ରଞ୍ଜନ ସାହୁ ତହସିଲ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିଥିଲେ। ନରସିଂହପୁର ଥାନାରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା, ବନାଞ୍ଚଳ ପରିସରରେ ରେଞ୍ଜର ଅଭିରାମ ଜେନା ପତାକା ଉତ୍ତୋଳନ କରିଥିଲେ। ବିକାଶ ପରିଷଦ କାର୍ଯ୍ୟାଳୟରେ ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ଶରଧାପୁରସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲରେ ମାନବାଧିକାର କର୍ମୀ ଜ୍ଞାନରଞ୍ଜନ ନାୟକ ପତାକା ଉତ୍ତୋଳନ କରିଥିଲେ।

**ତିଗିରିଆ,(ଡି.ଏନ.ଏ.):** ତିଗିରିଆ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ନାଗରିକ କମିଟି ପକ୍ଷରୁ ରାଜବାଟୀଠାରେ ଆୟୋଜିତ ଉତ୍ସବରେ କମିଟି ଅଧ୍ୟକ୍ଷ ତଥା ତହସିଲଦାର ପରେଶ ନାୟକ ପତାକା ଉତ୍ତୋଳନ କରିଥିଲେ। ଓକିଲ ସଂଘ ସଭାପତି ସୂର୍ଯ୍ୟନାରାୟଣ ମହାନ୍ତି, ସାନ୍ତନୁ ଦାଶ, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ, ଦମକଳ କେନ୍ଦ୍ର ଅଧିକାରୀ ରବିନ୍ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିଗିରିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତଠାରେ ବିଚାରପତି ସୌଦାମିନୀ ସିଂହ ପତାକା ଉତ୍ତୋଳନ କରିଥିଲେ। ବ୍ଲକ କାର୍ଯ୍ୟାଳୟଠାରେ ଅଧ୍ୟକ୍ଷା ରୂପା ଦଳେଇ ପତାକା ଉତ୍ତୋଳନ କରିଥିଲେ।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସକାଳ ୯ଟା୧୫ରେ ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ଉପଜିଲାପାଳ ଅମୀୟ ସାହୁ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ମହାକାଳବସ୍ତ ଖେଳପଡିଆଠାରେ ଗଣମାଧ୍ୟମ ଏକାଦଶ ଓ ପ୍ରଶାସନ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ ହୋଇଥିଲା। ମ୍ୟାଚରେ ଗଣମାଧ୍ୟମ ଏକାଦଶ ୨–୧ଗୋଲରେ ବିଜୟୀ ହୋଇଥିଲା।



ନରସିଂହପୁରରେ ଅତିଥି ଦୁଇ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ଆଠଗଡ଼ରେ ଆୟୋଜିତ ପରେଡ୍‌ରେ ଭାଗ ନେଇଥିବା ଛାତ୍ରୀଛାତ୍ର।



ସାଲେପୁରଠାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମେଗା ବନ ପ୍ରକଳ୍ପ ଉଦ୍‌ଘାଟିତ

ଆଠଗଡ଼,୧୬।୮(ସ୍ୱ.ପ.)

ସ୍ୱାଧୀନତା ଦିବସ ଅବସରରେ ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବେତଖୋଲିଠାରେ ରାଜ୍ୟ ଆଇନ ସେବା, ଜିଲା ଅଇନ ସେବା ପ୍ରାଧିକରଣ ଏବଂ ବନ ବିଭାଗର ମିଳିତ ଆନୁକୂଲ୍ୟରେ ମେଗା ବନପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଟପୋଷକ ଜଷ୍ଟିସ୍ କଲ୍ପେଶ ସତ୍ୟେନ୍ଦ୍ର ଜାବେରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ରାଜ୍ୟ ଅଇନସେବା ପ୍ରାଧିକରଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ସଞ୍ଜୁ ପଣ୍ଡା, ଜଷ୍ଟିସ ଏସ୍‌କେ ମିଶ୍ର, ଜଷ୍ଟିସ ଏକେ ରଥ, ଜଷ୍ଟିସ ବି ଆର ଷଡ଼ଙ୍ଗୀ, ଜଷ୍ଟିସ ଏସ ପୁଜାହାରୀ, ଜଷ୍ଟିସ କେଆର ମହାପାତ୍ର, ଜଷ୍ଟିସ ଏକେ ମିଶ୍ର, କଟକ ଜିଲା ଦୌରାଜଜ ବିକେ ମହାପାତ୍ର, ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦ, ପିସିସିଏଫ ସନ୍ଦୀପ ତ୍ରିପାଠୀ, ଆଠଗଡ଼ ଉପଜିଲାପାଳ ଅମୀୟ ସାହୁ, ତହସିଲଦାର ତପନ ଖୁଣ୍ଟିଆ, ବାରକାଉନସସିଲ ଚେୟାରମ୍ୟାନ, ଆଠଗଡ ଡିଏଫଓ ସସ୍ମିତା ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ପ୍ରକଳ୍ପ ୬ ଏକର ପରିଧିକୁ ନେଇ ହୋଇଛି। ଏଠାରେ ୪ ହଜାର ବିଭିନ୍ନ କିସମର ଚାରାରୋପଣ କରାଯିବ।



ମେଗା ବନ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

## କେନାଲରୁ ମୃତଦେହ ଉଦ୍ଧାର

ମାହାଙ୍ଗା,୧୬।୮(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅଧୀନ କୁଆଁପାଳ ନିକଟ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗଡା ଗ୍ରାମର ନବକିଶୋର ସାହୁ (୫୫)। ଖବର ପାଇ ନବକିଶୋରଙ୍କ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହିତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ–୯/୧୯ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଇଛି। ନବକିଶୋର ଗାଁରୁ ସବୁଦିନ ଜଗତପୁର ଅଞ୍ଚଳକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଆସିଥାନ୍ତି। ହେଲେ ୧୪ ତାରିଖରେ ଆସି ଆଉ ଘରକୁ ଫେରି ନ ଥିଲେ।

### ବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ଅଭିଭାବକଙ୍କ ଅସନ୍ତୋଷ

## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି

ନରସିଂହପୁର,୧୬।୮(ଡି.ଏନ୍.ଏ.)

ନରସିଂହପୁର ବ୍ଲକ ନୂଆପାଟଣା ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଓ କେତେଜଣ ସଭ୍ୟଙ୍କ ଅଭିଯୋଗ ପରେ ଶୁକ୍ରବାର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ ବେହେରା ଓ ସିଆରସିସି ଲକ୍ଷ୍ମୀଧର ବେହେରା ବିଦ୍ୟାଳୟକୁ ତଦନ୍ତ ପାଇଁ ଯାଇଥିବାବେଳେ ଉତ୍ତ୍ୟକ୍ତ ଅଭିଭାବକ ସେମାନଙ୍କୁ ଅଟକ ରଖିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ବେହେରା ଛୁଟି ଦରଖାସ୍ତ ନ ଦେଇ ଅନୁପସ୍ଥିତ ରହୁଥିବା ଅଭିଭାବକ ଅଭିଯୋଗ କରିଥିଲେ। ଏନେଇ ପରିଚାଳନା କମିଟି ସଭାପତି ପୁରୁଷୋତ୍ତମ ପିହାଣ ଓ ଅନ୍ୟ ସଭ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମଧ୍ୟାହ୍ନ ଭୋଜନରେ ଅନିୟମିତତା କରାଯାଉଛି। ପିଲା ଗଛମୂଳେ ବସି ଖାଉଛନ୍ତି। ୪ଟି ଶୌଚାଳୟରେ ତାଲା ପଡ଼ିଛି। କାଠ ନ ଥିବା ଦର୍ଶାଇ ଶୁକ୍ରବାର ପିଲାଙ୍କୁ ବହୁ ବିଳମ୍ବରେ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ଏହାର ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଉ ଓ ସମସ୍ୟାର ସ୍ଥାୟୀ ସମାଧାନ ହେଉ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ବେହେରା କହିଛନ୍ତି, କାର୍ଯ୍ୟରେ ଅନିୟମିତତା ହେଉନାହିଁ ଓ ସେ ନିୟମ ଅନୁଯାୟୀ ସମସ୍ତଙ୍କୁ ଜଣାଇ ଛୁଟି ନେଉଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା କହିଛନ୍ତି ଯେ, ତଦନ୍ତରେ ଯାଇଥିବା ଅଧିକାରୀ ରିପୋର୍ଟ ଦେଇନାହାନ୍ତି। ରିପୋର୍ଟ ପାଇଲା ପରେ ସତ୍ୟାସତ୍ୟ ଥିଲେ ପଦକ୍ଷେପ ଗ୍ରହଣ କରାଯିବ।

## ଜଳସମ୍ପଦ ବିଭାଗ ଉଚ୍ଚ ପଦାଧିକାରୀଙ୍କ ନଦୀବନ୍ଧ ପରିଦର୍ଶନ

ନିଶ୍ଚିନ୍ତକୋଇଲି,୧୬।୮(ଡି.ଏନ.ଏ.)

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସବ୍‌ଡିଭିଜନ ଅଧୀନ ଚିତ୍ରୋତ୍ପଳା, ଲୁଣାନଦୀର ବିଭିନ୍ନ ବନ୍ଧକୁ ଜଳସମ୍ପଦ ବିଭାଗ ଉଚ୍ଚ ପଦାଧିକାରୀ ଗୁରୁବାର ପରିଦର୍ଶନ କରିଛନ୍ତି। ଏହିସମୟରେ ସେମାନେ ବନ୍ୟା ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଅଧୀକ୍ଷଣଯନ୍ତ୍ରୀ ବେଲେଶ୍ୱର ସାହୁ, ନିର୍ବାହୀଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସହକାରୀ ନିର୍ବାହୀଯନ୍ତ୍ରୀ ମନୋଜ ବେହେରା, ସହକାରୀ ଯନ୍ତ୍ରୀ ଅଜୟ ବେହେରା ପ୍ରମୁଖ ପ୍ରଥମେ ଚିତ୍ରୋତ୍ପଳାନଦୀ ବାମପାର୍ଶ୍ୱର କୋଲଣପୁର, କେନ୍ଦୁପାଟଣା, ନାଗାମଠ, ଲୁଣାନଦୀର ସାଧକନଗର ନଦୀବନ୍ଧ ପରିଦର୍ଶନ କରିଥିଲେ। ପରେ ଲୁଣାନଦୀ ଡାହାଣପାର୍ଶ୍ୱ ତିଲକଣା, ଦେମାଣ୍ଡୋ, ବାଲିଆପଦା, ବନ୍ଧକାଟିଆ, ଦାମୋଦରପୁର ଓ ତରତ ଆଦି ନଦୀବନ୍ଧ ପରିଦର୍ଶନକରି ଫେରି ଯାଇଥିଲେ।



ଜଳସମ୍ପଦ ବିଭାଗ ଅଧିକାରୀମାନେ ନଦୀବନ୍ଧ ପରିଦର୍ଶନ କରୁଛନ୍ତି।

# ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ତିଗିରିଆ, ୧୬।୮(ଡି.ଏନ.ଏ.)

ମହାନଦୀରେ ଆସିଥିବା ପ୍ରଥମ ବନ୍ୟାରେ ତିଗିରିଆ ବ୍ଲକର ଜଳବନ୍ଦୀ ହୋଇଥିବା ପୁରୁଣାତିଗିରିଆ ପଞ୍ଚାୟତର ଚଷାଆଁରା ଗ୍ରାମକୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁବାର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପାଣିଘେରରେ ଥିବା ଗ୍ରାମକୁ ବୋଟ ଯୋଗେଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ସେହିପରି ପ୍ରଶାସନର ବନ୍ୟା ମୁକାବିଲା ପ୍ରସ୍ତୁତିକୁ ଅନୁଧ୍ୟାନ କରିଥିଲେ। ଗ୍ରାମ ସଂଯୁକ୍ତ ଦୁଇ ରାସ୍ତା ଚଷାଆଁରା–ପାଇକିଆରା ଏବଂ ଚଷାଆଁରା–ତେନ୍ତୁଳିଆ ବନ୍ୟାଜଳରେ ବୁଡ଼ିଯିବା ପରେ ଲୋକେ ବାହ୍ୟ ଜଗତରୁ ୩୬ଘଣ୍ଟା ବିଚ୍ଛିନ୍ନ ହୋଇ ପଡ଼ିଥିଲେ। ଶୁକ୍ରବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗ୍ରାମର ଜନସାଧାରଣ ଜଳବନ୍ଦୀ ହୋଇଥିଲେ। ଏବେ ରାସ୍ତା ଉପରୁ ପାଣି ଛାଡ଼ିଯାଇଥିଲେ ବି ଗ୍ରାମ ଚତୁପାର୍ଶ୍ୱ ବନ୍ୟାଜଳର ଲହଡ଼ି ମାରୁଛି। ଗୁରୁବାର ଚଷାଆଁରା ଗ୍ରାମକୁ ତିଗିରିଆ ପ୍ରଶାସନ ପକ୍ଷରୁ ୨କୁଇଣ୍ଟାଲ ୪୦କିଲୋ ଚୁଡ଼ା ସହିତ ୪୦କିଲୋ ଗୁଡ଼ ଏବଂ ମହମବତୀ, ଦିଆସିଲ ଆଦି ପ୍ରଦାନ କରାଯାଇଥିଲା। ଶୁକ୍ରବାର ଗ୍ରାମବାସୀଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଥିବା ତହସିଲଦାର ପ୍ରକାଶ କରିଛନ୍ତି। ସେହିପରି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗ୍ରାମର ଗୃହପାଳିତ ପଶୁଙ୍କ ପାଇଁ ୧୦ କୁଇଣ୍ଟାଲ ଘାସ ପ୍ରଦାନ କରାଯାଇଛି। ୧୧ କୁଇଣ୍ଟାଲ ଗୋଖାଦ୍ୟ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିବା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଧର୍ମାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଡିଓ ପରେଶ ନାୟକଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ମନ୍ତ୍ରୀ ଚଷାଆଁରା ଗ୍ରାମ ପରିଦର୍ଶନ କରୁଛନ୍ତି।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
- କନ୍‌ଫୁସିୟସ



## ସଂକ୍ଷେପରେ

### ସୁନାଦୋକାନରୁ ଲୁଟ୍ ଉଦ୍ୟମ ଘଟଣା
### ଆଉ ଜଣେ ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୧୬।୮:** ସିଡିଏ ଅଞ୍ଚଳର ଏକ ସୁନା ଦୋକାନ ଲୁଟ୍ ଉଦ୍ୟମ ଘଟଣାରେ ମର୍କତନଗର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ମ୍ବା-ନରସିଂହପୁର ଥାନା କାନପୁର ଅଞ୍ଚଳର ରଞ୍ଜିତ ନାୟକ। ସୂଚନାଥାଉ କି, ଗତ ଜୁଲାଇ ୧୦ରେ ୫ଜଣ ଅଭିଯୁକ୍ତ ସିଡିଏ ଅଞ୍ଚଳରେ ଥିବା ଶ୍ରୀରାମ ଜୁଏଲର୍ସ ନାମକ ସୁନା ଦାକାନରେ ପଶି ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ଗହଣା ଦୋକାନୀ ମର୍କତନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ସିସିଟିଭି ଫୁଟେଜ ଆଧାରରେ ଦୁଇଜଣଙ୍କୁ ଗିରଫ କରିଥିଲା। ଆଉ ୨ଜଣ ଫେରାର ଅଛନ୍ତି।

### ଡ. ରୀନା ରାଉତରାୟ ପାଇବେ ସରଳା ଦେବୀ ସେବା ସମ୍ମାନ

**କଟକ ଅଫିସ, ୧୬।୮:** ସାମାଜିକ କର୍ମୀ ଡ. ରୀନା ରାଉତରାୟଙ୍କୁ ସରଳା ଦେବୀ ସ୍ମୃତି ସଂସଦ ପକ୍ଷରୁ ସରଳା ଦେବୀ ସେବା ସମ୍ମାନ ପ୍ରଦାନ କରାଯିବ। ଡ. ରାଉତରାୟ ଓଡ଼ିଶା ଗାନ୍ଧୀବାଦୀ ଫୋରମ୍‌ର ଅଧକ୍ଷା ଓ ମହିଳା ଅଧିକାର ଅଭିଯାନର ସହପ୍ରତିଷ୍ଠାତ୍ରୀ ତଥା ଉପାଧକ୍ଷ ଭାବେ ମଧ କାର୍ଯ୍ୟ କରୁଛନ୍ତି। ସାମାଜିକ ଓ ସାଂସ୍କୃତିକ ସଚେତନତା ପାଇଁ ଗଠିତ ମହିଳା ସଙ୍ଗଠନ, ପାରାଦୀପ ଜଗତ୍‌ସିଂହପୁର ମହିଳା ଶ୍ରମଜୀବୀ ସଙ୍ଗଠନ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ଉଦ୍ଦେଶ୍ୟରେ ଗଠିତ ଶ୍ରୀଉତ୍ସବରେ ମଧ କାର୍ଯରତ ଅଛନ୍ତି। ଆସନ୍ତା ୧୯ରେ କଟକ ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉତରାୟଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ସଂସଦର ସାଧାରଣ ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର କହିଛନ୍ତି।

### କଥାଶିଳ୍ପୀ ରବୀନ୍ଦ୍ର ନାରାୟଣ ମିଶ୍ର ପାଇବେ କଥାଶ୍ରୀ ସମ୍ମାନ

**କଟକ ଅଫିସ, ୧୬।୮:** କଥାଶିଳ୍ପୀ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କୁ ସାରଳା ସାହିତ୍ୟ ସଂସଦ ପକ୍ଷରୁ କଥାଶ୍ରୀ ସମ୍ମାନ ପ୍ରଦାନ କରାଯିବ। ସେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଜଣେ ବିଶିଷ୍ଟ କଥାଶିଳ୍ପୀ। ଆକାଶ ଦୀପ ସମେତ ଝରାଫୁଲର କାହାଣୀ, ଦେବଦତ୍ତା, ସାଗରକନ୍ୟା, ସୀମାହୀନ, ଏହି ଆକାଶ ତଳେ, ମା ଓ ମାୟା, କଥାନୁଭୂତିରେ ଜଗନ୍ନାଥ, ଗାଥାରେ ଗାଥାରେ ଜଗନ୍ନାଥ, ପରଂବ୍ରହ୍ମଙ୍କ ନବକଳେବର ଓ ଜୀବନ ଅନୁଚିନ୍ତା ଭଳି ଅନେକ ପୁସ୍ତକ ସେ ରଚନା କରିଛନ୍ତି। ଆସନ୍ତା ୨୦ରେ କଟକ ସାରଳା ଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମିଶ୍ରଙ୍କୁ ସମ୍ମାନରେ ସମ୍ମାନିତ କରାଯିବ ବୋଲି ସଂସଦର ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ କହିଛନ୍ତି।

### ମେଧା ବୃତ୍ତି ପ୍ରଦାନ ଉତ୍ସବ

**ଚୌଦ୍ୱାର,୧୬।୮(ଡି.ଏନ୍.ଏ.):** କଖଡି ନୋଡାଲ ହାଇସ୍କୁଲରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ମେଧା ବୃତ୍ତି ରାଶିକୁ ଗୁରୁବାର ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଶିବ ପ୍ରସାଦ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ୫୦ଜଣ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ରାଶି ପ୍ରଦାନ କରାଯାଇଥିଲା। ଟାଙ୍ଗୀ-ଚୌଦ୍ୱାର ସହଶିକ୍ଷାଧିକାରୀ ଏକାଦଶୀ ବେହେରା, ପ୍ରମୋଦ ସାହୁ, ବସନ୍ତ ବିଶ୍ୱାଳ, ସୁକାନ୍ତ ନାୟକ, ମହାଦେବ ମୁଦୁଲି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ରଞ୍ଜିତ୍ ନାୟକ ଧନ୍ୟବାଦ ଦେଇଥିଲେ।

### ଦହିଗାଁ ଦଳ ଚାମ୍ପିୟନ

**କଟକ ସଦର, ୧୬।୮ (ଡି.ଏନ୍.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ଗୁରୁବାର ଏକ ଦିନିକିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ଦହିଗାଁ ୨-୦ ଗୋଲରେ କଟକର ମା'ମଙ୍ଗଳା ଟିମ୍‌କୁ ପରାସ୍ତକରି ଚାମ୍ପିୟନ ଆଖ୍ୟା ବଜାୟ ରଖିଥିଲା। ସ୍ଥାନୀୟ ସରପଞ୍ଚ ସରୋଜ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସକାଳେ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ୧୫୧ ମିଟର ଜାତୀୟ ପତାକା ଧରି ଶୋଭାଯାତ୍ରାରେ ଯାଉଛନ୍ତି।



ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ।

**କଟକ ଅଫିସ, ୧୬।୮**

ସବୁଠି ଉଡିଛି ତ୍ରିରଙ୍ଗା। ଦେଶାତ୍ମବୋଧକ ସଙ୍ଗୀତ ଭିତରେ ସହରବାସୀ ୭୩ତମ ସ୍ୱାଧୀନତା ଦିବସ ପାଳନ କରିଛନ୍ତି। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, ସଙ୍ଗଠନ, କ୍ଲବଗୁଡ଼ିକ ନିଜସ୍ୱ କାର୍ଯ୍ୟାଳୟରେ ଉକ୍ତ ଦିବସ ପାଳନ କରିବା ସହ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବୀରପୁରୁଷଙ୍କୁ ସ୍ମରଣ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ- ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଏଠାରେ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୪୫୦ଫୁଟ ଲମ୍ବର ତ୍ରିରଙ୍ଗାକୁ ବିଶ୍ୱବିଦ୍ୟାଳୟ ପରିସରରେ ପରିକ୍ରମା କରାଯାଇଥିଲା। କୁଳସଚିବ ଅଶୋକ କୁମାର ଦାସ, ପ୍ରଫେସର ସଙ୍ଗୀତା ରଥଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପିକାଅଧାପକଙ୍କ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

**ରାଜାବଗିଚା ଡିଏଭି:** ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ରାଜାବଗିଚାସ୍ଥିତ ଡିଏଭି ସ୍କୁଲରେ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ମୌସୁମୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ଆନ୍ଦୋଳନ ଘଟଣାବଳୀକୁ ନେଇ ବକ୍ତବ୍ୟ ପ୍ରଦାନ କରାଯାଇଥିଲା।

**ସୟିଦ ସେମିନାରୀ ସ୍କୁଲ:** ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହମ୍ମଦ ଆସଫାକ୍ଙ୍କ ଅଧକ୍ଷତାରେ ସୟିଦ ସେମିନାରୀ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ଜାୱେଦା ବେଗମ୍, ପରିଚାଳନା କମିଟି ସମ୍ପାଦକ ଆଗାଜହିର, ଶିକ୍ଷାବିତ୍ ଡ. ଅବଦୁଲ ହକିମ ଖାନ, ଅଧାପକ ଡ. ସେଖ୍ ନୟିମୁଦ୍ଦିନ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ କର୍ପୋରେଟର ଅନିତା ନାଏକ ଏବଂ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯିବା ସହ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସାନାଇ ଦାଶ ଧନ୍ୟବାଦ ଦେଇଥିଲେ।

**ସମ୍ବାଦପତ୍ର ବିକ୍ରେତା ସଂଘ:** ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଢିହାରୀ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଷୟରେ କହିଥିଲେ। ସଂଘ ଉପସଭାପତି ସିନୁ ରେଡି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, କୋଷାଧକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ଗୋବିନ୍ଦ ଚନ୍ଦ୍ର ଦାଶ, ଦୀନବନ୍ଧୁ ସାହୁ, ପ୍ରଭାସ ପ୍ରଧାନ, ହାଡ଼ିବନ୍ଧୁ ବେହେରା ଓ ମିଟୁ ପ୍ରଧାନ ଉପସ୍ଥିତ ଥିଲେ।



କଟକ ଟାଙ୍ଗୀସ୍ଥିତ ଡ୍ରିମ୍‌ସ କଲେଜଠାରେ ଗୁରୁବାର ଅନୁଷ୍ଠିତ ସ୍ୱାଧୀନତା ଦିବସ ପାଳନ ଅବସରରେ 'ଡ୍ରିମ୍‌ସ ଡାଇଜେଷ୍ଟ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଚୌଦ୍ୱାର ପ୍ରାଥମିକ ବିଦ୍ୟାଳୟରେ ଉଡ଼ିଲାନି ତ୍ରିରଙ୍ଗା

**ଚୌଦ୍ୱାର,୧୬।୮(ଡି.ଏନ୍.ଏ.)**

କଟକ ଜିଲା ଚୌଦ୍ୱାର ପ୍ରାଥମିକ ବିଦ୍ୟାଳୟରେ ୭୩ତମ ସ୍ୱାଧୀନତା ଦିବସ ପାଳନ ହୋଇ ନ ଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍କୁଲର ପୁରାତନ ଛାତ୍ର ଓ ଅଭିଭାବକମାନେ ସ୍ଥାନୀୟ ବିଧାୟକଙ୍କୁ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟ ୧୯୧୨ମସିହାରେ ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢନ୍ତି। ଗୁରୁବାର ସ୍ୱାଧୀନତା ଦିବସ ହୋଇଥିବା ବେଳେ ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ପିଲାମାନେ ପାଖରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ସ୍ୱାଧୀନତା ଦିବସ ପାଳନ କରିଥିଲେ। ଏ ନେଇ ବିଇଓ ଚନ୍ଦ୍ରଶେଖର ଦାଶ କୁହନ୍ତି, ସରକାରଙ୍କ ନିୟମ ଅନୁଯାୟୀ ଚୌଦ୍ୱାର ପ୍ରାଥମିକ ବିଦ୍ୟାଳୟ ପାଖରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ମିଶିଯାଇଥିବା କହିଛନ୍ତି।

## ହାଇକୋର୍ଟରେ ସ୍ୱାଧୀନତା ଦିବସ



ସ୍ୱାଧୀନତା ଦିବସ ଅବସରରେ ଉପସ୍ଥିତ ବିଚାରପତିବୃନ୍ଦ, ଆଇନ୍‌ଜୀବୀ ଓ ଅତିଥିମାନେ।

**କଟକ ଅଫିସ, ୧୬।୮**

ଓଡ଼ିଶା ହାଇକୋର୍ଟ ପରିସରରେ ୭୩ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଜାବେରୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା, ସଞ୍ଜୟ ମିଶ୍ର, ସଙ୍ଗମ ସାହୁ, ବି.ଆର୍ ଷଡଙ୍ଗୀ, ବିଶ୍ୱନାଥ ରଥ, ବିଶ୍ୱଜିତ୍ ମହାନ୍ତି, ଡ. ଏ.କେ ରଥ, ହାଇକୋର୍ଟ ବାର୍‌ର ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ ଦାସ, ବିଚାର ବିଭାଗୀୟ ଅଧିକାରୀ, ବରିଷ୍ଠ ଆଇନଜୀବୀ ଓ ହାଇକୋର୍ଟ ବାର ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ: ୨ ଗିରଫ

**କଟକ ଅଫିସ,୧୬।୮**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପୁରୀଘାଟ ଥାନା ଅନ୍ତର୍ଗତ ହରିପୁରରେ ଗୁରୁବାର ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୩ଜଣ ଆହତ ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏଥିସହିତ ଦୁଇଟି ବାଇକ୍ ଭାଙ୍ଗିରୁଜି ଯାଇଥିଲା। ଏହି ଘଟଣାରେ ପୁରୀଘାଟ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହରିପୁର ଦାସସାହିର ହରେକୃଷ୍ଣ ଭୋଇ ଓରଫ ହରିଆ(୨୫) ଓ ଦୋଳମୁଣ୍ଡାଇର ଚିନ୍ମୟ ପ୍ରଧାନ(୩୫)।

ମିଳିଥିବା ସୂଚନା ଅନୁଯାୟୀ, ହରିଆ ଓ ଚିନ୍ମୟଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଚିନ୍ମୟ କେତେଜଣ ସାଙ୍ଗଙ୍କ ସହ ଖାଇବା ପାଇଁ ଗୁରୁବାର ରାତି ପ୍ରାୟ ୮ଟାରେ ଦୋଳମୁଣ୍ଡାଇ ଯାଇଥିଲେ। ପୂର୍ବରୁ ହରିଆ ସେଠାରେ ମଦ୍ୟପାନ କରୁଥିଲା। ନିଶାରେ ଥିବା ହରିଆ ପୂର୍ବକଥାକୁ ନେଇ ଚିନ୍ମୟଙ୍କୁ କମେଣ୍ଟ ମାରିବା ସହ ଗାଳିଗୁଲଜ କରିଥିଲେ। ଚିନ୍ମୟ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଚିନ୍ମୟ ଓ ତାଙ୍କ ସାଙ୍ଗମାନେ ହରିଆଙ୍କୁ ଆକ୍ରମଣ କରିଥିଲେ। ଏହି ଖବର ପାଇବା ପରେ ହରିଆଙ୍କ କେତେଜଣ ସାଙ୍ଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗଣ୍ଡଗୋଳ ଏତେ ବଢିଯାଇଥିଲା ଯେ ଉଭୟ ପକ୍ଷରୁ ଢେଲାମାଡ ହେବା ସହ ବାଡି ଓ କାଠ ଫାଳିଆରେ ପରସ୍ପରକୁ ଆକ୍ରମଣ କରିଥିଲେ। ପୁରୀଘାଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇବା ସହ କେତେଜଣ ଯୁବକଙ୍କୁ କାବୁ କରିଥିଲା। ଏହି ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଥିବାରୁ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ହରିଆଙ୍କ ବାପା ରଙ୍ଗାଧର ଭୋଇ ଓ ଚିନ୍ମୟଙ୍କ ମା' ଜୟନ୍ତୀ ପ୍ରଧାନ ଥାନାରେ ଏତଲା ରୁଜୁ କରିବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରିଥିଲା।

# ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ

**କଟକ ଅଫିସ୍, ୧୬।୮**

ଦରଘାବଜାରସ୍ଥିତ ହାତୀପୋଖରୀ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବସନ୍ତ କୁମାର ସାହୁ, ସିଆରସିସି ରାଜକିଶୋର ସାହୁ, ବିଦ୍ୟାଳୟର ସଭାପତି ବଂଶୀଧର ଜେନା ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ର ଗୀତ ଗାଇ ରାଖୀ ବାନ୍ଧି ମିଷ୍ଟାନ୍ନ ଖୁଆଇଥିଲେ। ବରିଷ୍ଠ ଆଚାର୍ଯ୍ୟା ସୁବାସିନୀ ସାହୁ, ମାନସୀ ସାହୁ, ଲିପିକା ନାୟକ, ବବିତା ମହାନ୍ତି, ବିଜୟଲକ୍ଷ୍ମୀ ଜୀ, ମାନିଲତା ବାରିକ ଆଦି ସମସ୍ତ ଗୁରୁମା ଓ ଶିଶୁ ଭାରତୀ କମିଟିର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ନିରୁପମା ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ସିଡିଏସ୍ଥିତ ବାଇମୁଣ୍ଡି ଉପନଗରଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଆଇନଜୀବୀ ପ୍ରଭାତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଧବଳେଶ୍ୱର ପ୍ରଭାତ ଶାଖା, ମହର୍ଷି ବ୍ୟାସଦେବ ପ୍ରଭାତ ଶାଖା ଓ ଭଗତ ସିଂ ପ୍ରଭାତ ଶାଖାର ସ୍ୱୟଂ ସେବକମାନେ ନିକଟସ୍ଥ ସାହି ବସ୍ତି ଅଞ୍ଚଳ ବୁଲି ସମସ୍ତଙ୍କ ହାତରେ ରାଖୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ରଞ୍ଜିତ ସ୍ୱାଇଁ, ସତ୍ୟନାରାୟଣ ଗୋଏଲ, ଅକ୍ଷୟ ସାହୁ, ବନୋଜ ସ୍ୱାଇଁ, ସୁମନ ଭୂୟାଁ, ମଦନ ମୋହନ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାଲୁବଜାରସ୍ଥିତ ଶ୍ୟାମବାବା ମନ୍ଦିର ପରିସରରେ କଟକ ନଗର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। କଟକ ନଗର ସଂଘ ଚାଳକ ବିପିନ ବିହାରୀ ରାଉତ, ଶିଳ୍ପପତି ପ୍ରହଲ୍ଲାଦ ଖଣ୍ଡେଲୱାଲ୍ ଅତିଥିଭାବେ ଯୋଗଦେଇଥିବା ବେଳେ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କଟକ ନଗର କାର୍ଯ୍ୟବାହ କୁଳମଣି ପ୍ରଧାନ ପରିଚାଳନା କରିଥିଲେ। ମାଲଗୋଦାମସ୍ଥିତ କିନ୍ନର ମହାସଂଘ ଗୋଷ୍ଠୀ ଗୃହ ପ୍ରାଙ୍ଗଣରେ କିନ୍ନର ମହାସଂଘର ମୁଖ୍ୟ ସଚିବ ମିଠି କିନ୍ନର ଓ କିନ୍ନର ସଂଘର ନେତ୍ରୀ ମୋନାଲିସା କିନ୍ନରଙ୍କ ଅଧକ୍ଷତାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ମାଲଗୋଦାମ ଥାନା ଆଇଆଇସି ଏବଂ ଅନ୍ୟ ଷ୍ଟାଫମାନଙ୍କ ହାତରେ ରକ୍ଷାବନ୍ଧନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଇଟି କିନ୍ନର, ବିଜୁଳି କିନ୍ନର, ଶୀତଲ କିନ୍ନର, ଲିଲି କିନ୍ନର, ପପି କିନ୍ନରଙ୍କ ସମେତ ମହାସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଚାରା ରୋପଣ

**କଟକ ଅଫିସ,୧୬।୮**

କଟକ ସହରରେ ଥିବା ରାଜାବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମ୍ୟୁନିସିପାଲିଟି ସିଟି ସରକାରୀ ଉଚ୍ଚ ବିଦ୍ୟାଳୟ, ଝାଞ୍ଜିରିମଙ୍ଗଳାସ୍ଥିତ ଗଣପତି ଶିଶୁ ମନ୍ଦିର, ବାଦାମବାଡ଼ିସ୍ଥିତ ସତ୍ୟସାଇ ପବ୍ଲିକ ସ୍କୁଲ ସମେତ କୁଡିସିଆଲ ଏକାଡେମୀ ପରିସରରେ କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ନିଯୁକ୍ତ ପାରା ଲିଗାଲ ଭଲ୍ୟୁଣ୍ଟର ସତ୍ୟରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ଆବଶ୍ୟକ। ଫନୀରେ ବହୁ ବୃକ୍ଷ ନଷ୍ଟ ହୋଇଯାଇଛି। ଫଳରେ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି। ସମସ୍ତେ ବୃକ୍ଷରୋପଣ କରି ସହରକୁ ସବୁଜିମାଭରା କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ।

## ବରିଷ୍ଠ ଖବରକାଗଜ ବିକ୍ରେତାଙ୍କ ପରଲୋକ

**କଟକ ଅଫିସ,୧୬।୮**



ଖବରକାଗଜ ବିକ୍ରେତା ସଂଘର ପୂର୍ବତନ କୋଷାଧକ୍ଷ ତଥା ବରିଷ୍ଠ ଖବରକାଗଜ ବିକ୍ରେତା ବିଶ୍ୱନାଥ ପଟ୍ଟନାୟକ(୮୪)ଙ୍କ ଗୁରୁବାର ରାତିରେ ସିଡିଏସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ୩ ପୁଅ ମନୋଜ, କୁଲୁ, ସିଲୁ ଓ ତିନି ବୋହୂ, ଦୁଇ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସମାପନ ହୋଇଥିବାବେଳେ ବଡ଼ ପୁଅ ମନୋଜ ମୁଖାଗ୍ନୀ ଦେଇଥିଲେ। ବିଶ୍ୱନାଥଙ୍କ ବିୟୋଗରେ ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ସିନୁ ରେଡି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ବିଷ୍ଣୁ ଚରଣ ଦାଶ, ଗୋବିନ୍ଦ ଚନ୍ଦ୍ର ଦାଶ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ରବି ପାଲ ଓ ବଂଶୀଧର ବେହେରା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## କାଠଯୋଡ଼ି ରେଲୱେ ବ୍ରିଜ୍‌ରୁ ମୃତଦେହ ଉଦ୍ଧାର

**ନରାଜ,୧୬।୮(ଡି.ଏନ୍.ଏ.)**

କଟକ ଜିଆରପି ପୋଲିସ ବୁଧବାର ପୂର୍ବାହ୍ନ ୧୦ଟାରେ କାଠଯୋଡି ରେଳ ବ୍ରିଜ ଉପରୁ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବାବେଳେ ତାଙ୍କ ବୟସ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଲୋକଟି ଗୌର ବର୍ଣ୍ଣ, ଉଚ୍ଚତା ୫ଫୁଟ ୬ଇଞ୍ଚ, ଲମ୍ବା ମୁହଁ ଓ ପତଳା ଶରୀର। ଲୋକଟି ଗୋଟିଏ କଳାରଙ୍ଗର ଫୁଲ ପ୍ୟାଣ୍ଟ ଓ ଗୋଟିଏ ଚେକ ଫୁଲ ଶାର୍ଟ ପିନ୍ଧିଛନ୍ତି। ତେବେ ସେ କୌଣସି ଏକ ଚଳନ୍ତା ଟ୍ରେନରୁ ଖସି ପଡିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା କଟକ ଜିଆରପି ପୋଲିସ ଭାଗୀରଥି ନାୟକ ପ୍ରକାଶ କରିଛନ୍ତି। ଏ ନେଇ କଟକ ଜିଆରପି ପୋଲିସ ନଂ ୬୩/୧୪ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇ ଦେଇଛି।





କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ଚୌଦ୍ୱାର,୧୬।୮(ଡି.ଏନ୍.ଏ.)**

ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୮୮ତମ ଜୟନ୍ତୀ ଉତ୍ସବ ଆଗ୍ରାହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମାଲୋଚକ ଡ. ପ୍ରଫୁଲ କୁମାର ଦାଶ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧାପକ ପ୍ରଫୁଲ୍ଲ ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୩୦ରୁ ଉର୍ଦ୍ଧ୍ୱ କବୟିତ୍ରୀ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷାବିତ୍ ଭାଗବତ ରାଉତ, ଶିବନାରାୟଣ ନାୟକ, ଶରତ ଖୁଣ୍ଟିଆ, ବୈଦ୍ୟନାଥ ଖିଲାର, ଲକ୍ଷ୍ମୀଧର ମହାରଣା, କୃଷ୍ଣଚନ୍ଦ୍ର ପ୍ରତାପସିଂ, ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଉପସଭାପତି ପଞ୍ଚାନନ ବେହେରା ଧନ୍ୟବାଦ ଦେଇଥିଲେ।

# 'ପ୍ରାଣୀପାଳନ ସମାଜ ଓ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ'

**କଟକ ଅଫିସ୍, ୧୬।୮**

ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଗହ୍ମାପୂର୍ଣ୍ଣିମା ଉତ୍ସବ ଭୁବନେଶ୍ୱରର ବଡ଼ଗଡ଼ ହାଇସ୍କୁଲ ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାଣୀ ଚିକିତ୍ସା ଶିବିର, ଗୋ ପ୍ରଦର୍ଶନୀ, ଗୋବତ୍ସା ପ୍ରଦର୍ଶନୀ ଓ ଛଡ଼ା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଗହ୍ମାପୂର୍ଣ୍ଣିମାର ପ୍ରଥା ଅନୁଯାୟୀ ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ପ୍ରାଣୀପାଳନ ଆମ ସମାଜ ଓ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏଥି ସହିତ ଏହା ଆମ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଉପାଦାନ ଭାବେ ଉଭା



ହୋଇଛି। ଦେଶ ଓ ରାଜ୍ୟର ବିକାଶ ନିମନ୍ତେ ଚାଷୀଙ୍କ ବିକାଶ ଅପରିହାର୍ଯ୍ୟ ବୋଲି ମନ୍ତ୍ରୀ ସାହୁ ମତବ୍ୟକ୍ତ କରିଥିଲେ।

ବିଭାଗୀୟ ନିର୍ଦ୍ଦେଶକ ରତ୍ନାକର ରାଉତ ରାଜ୍ୟରେ ଗୋପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୧୯ତମ ପଶୁପକ୍ଷୀ ଗଣନା ଅନୁଯାୟୀ ରାଜ୍ୟରେ ୧୧୬୨୧୨୭୨ ଗୋରୁ ଓ ୭୨୬୩୦୬ ମଇଁଷି ଅଛନ୍ତି। ରାଜ୍ୟରେ ୨୦୧୮-୧୯ ବର୍ଷରେ ୨୩୦୯ହଜାର ମେଟ୍ରିକ ଟନ ଦୁଗ୍ଧ ଉତ୍ପାଦନ ହୋଇଥିଲା। ପ୍ରତିଷେଧକ ଓ ରୋଗ ନିରାକରଣ ସକାଶେ ୩୭୩.୩୪ ଲକ୍ଷ ଟିକା ୨୦୧୮-୧୯ରେ ପ୍ରଦାନ କରାଯାଇଛି। ସେହିପରି ୧୮୯୪୨ଟି ଘାସ ମଞ୍ଜି କିଟ ସବୁଜ ଘାସ ଚାଷ ନିମନ୍ତେ ଗୋପାଳକଙ୍କୁ ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଗୋପାଳନ ଓ ଗୋସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋସୁରକ୍ଷା ଓ ନିଃସ୍ୱାର୍ଥପର ସେବା ନିମନ୍ତେ କଟକ ନାଛିପୁରର ଚିନ୍ମୟ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
–କନ୍‌ଫୁସିୟସ











ଖୋର୍ଦ୍ଧାରୋଡ ରେଳପଥ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଆଇଆଇଟି ପରିସରରେ ପତାକା ଉତ୍ତୋଳନ । ସ୍ୱାଧୀନତା ଦିବସ ଅବସରରେ ନାଇଜରରେ ଚାରା ରୋପଣ କରାଯାଉଛି । ଟାଙ୍ଗୀ ମଦରଟେରେସା ସେବା ସଂଘ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି ।

## ସଂକ୍ଷେପରେ

### ପୁରସ୍କାର ବଣ୍ଟନ ସମୟରେ ଆର୍‌ଡିସି ବେହୋସ

**ଖୋର୍ଦ୍ଧା ଅଫିସ,୧୬।୮:**ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳ ପଡିଆରେ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଅନିଲ କୁମାର ସାମଲ ମୁଖ୍ୟଅତିଥି ରୂପେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ତେବେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ ସମୟରେ ବେହୋସ ହୋଇପଡିଥିଲେ। ଆରଡିସିଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥାରେ ଉନ୍ନତି ଆସିଥିଲା। ଜିଲାପାଳ ସୀତାଂଶୁ କୁମାର ରାଉତ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟପକ୍ଷେ ପରେଡରେ ଭାଗ ନେଇଥିବା ୪ ଜଣ ଛାତ୍ରୀଛାତ୍ର ଅନୁରୂପ ଭାବେ ତଳେ ପଡି ଯାଇଥିଲେ। ପରେଡ ଓ ପୁରସ୍କାର ବିତରଣ ସମୟରେ ଖରା ଅଧିକ ହେବାରୁ ଆରଡିସି ଓ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ।

ମହଙ୍ଗା ପଡ଼ିଲା ଏସ୍‌ଟିଏଫ୍ ନୋଟିସ

### ସଦର ଥାନା ଆଇଆଇସି ହରାଇଲେ ମେରିଟୋରିୟସ ପଦକ

**ଖୋର୍ଦ୍ଧା ଅଫିସ,୧୬।୮:**ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୩୯ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୋଲିସ ପଦକ ପ୍ରଦାନ କରିବେ ବୋଲି ରାଜ୍ୟ ପୋଲିସ ପକ୍ଷରୁ ପ୍ରେସ୍ ନୋଟ ଦିଆଯାଇଥିଲା। ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ସମୟରେ ୩୮ ଜଣଙ୍କୁ ପଦକ ପ୍ରଧାନ କରାଯାଇଥଲା। ବାଦ୍ ପଡିଥିବା ପୋଲିସ ଅଧିକାରୀ ହେଲେ ଖୋର୍ଦ୍ଧା ସଦର ଥାନା ଆଇଆଇସି ବିକ୍ରମ କୁମାର ଜେନା। ବିକ୍ରମଙ୍କ ନାଁ ପ୍ରେସ ନୋଟ୍‌ରେ ନ ଥିଲା। ଏସ୍‌ଟିଏଫ୍ ନୋଟିସ ଯୋଗୁ ବିକ୍ରମଙ୍କୁ ପୋଲିସ ପଦକ ହରାଇବାକୁ ପଡିଲା ବୋଲି କୁହାଯାଉଛି। ବିକ୍ରମ ମେରିଟୋରିୟସ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ବିକ୍ରମ ପୂର୍ବରୁ ଥରେ ସଦର ଥାନା ଆଇଆଇସି ଥିବାବେଳେ ଏବେ ପୁଣି କାର୍ଯ୍ୟରତ ଅଛନ୍ତି। ଏଭଳିସ୍ଥଳେ ସଦର ଥାନା ଅଞ୍ଚଳରେ ବେଆଇନ ପଥର ଖଣି ଖନନ ଓ ଚୋରା ଚାଲାଣ ହେଉଥିଲେ ମଧ ପୋଲିସର କାର୍ଯ୍ୟାନୁଷ୍ଠାନ ନ ଥିଲା ବୋଲି ଅଭିଯୋଗ ରହିଛି।

### କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ

**ଟାଙ୍ଗୀ (ଖୋର୍ଦ୍ଧା), ୧୬।୮(ଡି.ଏନ.ଏ.)-** ମଦର ଟେରେସା ସେବାସଂଘ ତରଫରୁ ଆୟୋଜିତ ମେଧା ଅନ୍ୱେଷଣ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଗୁରୁବାର ପୁରସ୍କାର ପ୍ରଦାନ କରାଯାଇଛି । ସଂଘ ସଭାପତି ବସନ୍ତ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଟୁକୁନା ପାତ୍ର ଓ ରବି ନାରାୟଣ ବେହେରା ଅତିଥି ରୂପେ ଯୋଗଦେଇ ପ୍ରତିଯୋଗୀ ଓ ସମାଜସେବୀ ରାମଚନ୍ଦ୍ର ଦୋରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ପୁରସ୍କାର ପ୍ରଦାନ କରାଯାଇଥିଲା । ସଂଘ ସମ୍ପାଦକ ଜଗମୋହନ ସେଠୀ, କୋଷାଧକ୍ଷ ଅଜିତ୍ କୁମାର ମହାପାତ୍ର, ଅନନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### କଂଗ୍ରେସର ଅଭିଯୋଗ ପ୍ରକୋଷ୍ଠ, ଭାଜପାର ପାର୍ଟି ଅଫିସ ଉଦ୍‌ଘାଟିତ

**ଜଟଣୀ,୧୬।୮(ଡି.ଏନ.ଏ.):** ସ୍ୱାଧୀନତା ଦିବସ ଅବସରରେ ଗୁରୁବାର କଂଗ୍ରେସ ଦଳ ପକ୍ଷରୁ ଜଟଣୀସ୍ଥିତ ଶ୍ରୀବତ୍ସ ପାଠାଗାର ପରିସରରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ଅଭିଯୋଗ ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଥିଲା। ବିଭିନ୍ନ ଦିନରେ ଜଟଣୀ ନିର୍ବାଚନମଣ୍ଡଳୀ ସ୍ତରୀୟ ଜନସାଧାରଣ ଏଠାକୁ ଆସି ସେମାନଙ୍କର ବିଭିନ୍ନ ସମସ୍ୟା ବିଧାୟକଙ୍କ ନିକଟରେ ଉପସ୍ଥାପନ କରିବାକୁ ଏପରି ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଛି। ଖୋର୍ଦ୍ଧା ଜିଲା କଂଗ୍ରେସ ଓବିସି ସେଲ୍‌ର ସଭାପତି କଳିଙ୍ଗ ସାହୁଙ୍କ ସମେତ ପୂର୍ବତନ ପୌରାଧକ୍ଷ ସଂଗ୍ରାମୀ କେଶରୀ ରାଉତରାୟ, ପୂର୍ବତନ କାଉନ୍‌ସିଲର ଜଟାଧାରୀ ପ୍ରଧାନ, ଲୁସେନ୍ ରାୟ୍ ଓ ଅନେକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ମ୍ୟୁନିସିପାଲିଟି ଛକରେ ଭାଜପାର ପାର୍ଟି ଅଫିସ୍ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବିଶ୍ୱ ରଞ୍ଜନ ବଡ଼ଜେନା, ଦଳୀୟ ମୁଖପାତ୍ର ସୁଦୀପ୍ତ ରାୟ, ପଦ୍ମଚରଣ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଡାକ୍ତର ବେହେରା ଓ ଅନେକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

**ଜଟଣୀ,୧୬।୮(ଡି.ଏନ.ଏ.)**

ଜଟଣୀସ୍ଥିତ ରେଲୱେ ଷ୍ଟାଡିୟମ୍‌ରେ ଗୁରୁବାର ଖୋର୍ଦ୍ଧାରୋଡ଼ ରେଳ ଡିଭିଜନସ୍ତରୀୟ ୭୩ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂ ଜାତୀୟ ପତାକା ଉତ୍ତୋଳନ କରିବା ସହ ଆର୍‌ପିଏଫ୍, ସିଭିଲଡିଫେନ୍ସ, ଏନ୍‌ସିସି, ସ୍କାଉଟ୍‌ଗାଇଡ୍ ଓ ଛାତ୍ରୀଛାତ୍ରଙ୍କ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧାରୋଡ ମହିଳା କଲ୍ୟାଣ ସଙ୍ଗଠନ ପକ୍ଷରୁ ଏହାର ସଭାନେତ୍ରୀ ପୂର୍ଣ୍ଣିମା ସିଂ ଓ ଅନ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ଏଥିରେ କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ମାନିତ କରିଥିଲେ। ସେହିପରି ଏଠାରେ ଥିବା ନାଇଜର ପରିସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା, ରେଜିଷ୍ଟ୍ରାର ଅଭୟ କୁମାର ନାୟକ, କର୍ମଚାରୀ, ବିଦ୍ୟାର୍ଥୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ନାଇଜର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଠାରେ ଥିବା ଆଇଆଇଟି ପରିସରରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଗରିବ ଲୋକଙ୍କୁ ଛତା ବଣ୍ଟନ କରାଯାଇଥିଲା। ଏହାଛଡ଼ା ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ, ବରିଷ୍ଠ ନାଗରିକ ମଞ୍ଚ, ଜଟଣୀ ସାହିତ୍ୟ ସଂସଦ, ଜଟଣୀ ଅଟୋ ରିକ୍ସା ଆସୋସିଏଶନ୍, ବ୍ଲକ, ମ୍ୟୁନିସିପାଲିଟି, ତହସିଲ କାର୍ଯ୍ୟାଳୟ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ସଙ୍ଗଠନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।



କୃଷ୍ଣପ୍ରସାଦରେ ସ୍ୱାଧୀନତା ଦିବସ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ.ଏ.)–** ଟାଙ୍ଗୀ ବ୍ଲକସ୍ଥିତ ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ବିଜୟ କୁମାର ଜେନା ଓ ବିଭାଗୀୟ କାର୍ଯ୍ୟାଳୟରେ ନ୍ୟାୟାଧିକାରୀ ଶାଶ୍ୱତୀ ମହାପାତ୍ର, ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ, ତହସିଲଦାର ସୁନାଶିର କିଷାନ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ସେହିପରି କୁହୁଡି ଜନତା କଲେଜରେ ଡ. ଚନ୍ଦ୍ରଶେଖର ଦାଶ, ବଳରାମଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ମାନସୀ ପରିଡ଼ା, ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବାସିନୀ ଦେଇ, ବନାଞ୍ଚଳ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ଅଜୟ କୁମାର ଜଗଦେବ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା, ଜିତେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ କଳିଙ୍ଗ ବୈଶ୍ୟ ମହିଳା ମହାସଂଘରେ ଡା. ମଧୁସୂଦନ ସେନାପତି, ସାଫ୍ରନ ପବ୍ଲିକ ସ୍କୁଲରେ ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ।

**ବୋଲଗଡ଼(ଡି.ଏନ.ଏ.)–**ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।ବାମନ ଉଚ୍ଚ ବିଦ୍ୟାଳୟରେ ବିଧାୟକ ରାଜେନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ରାଜସୁନାଖଳା ପ୍ରେସ କ୍ଲବ, ବାଙ୍କୋଇ ଉଚ୍ଚ ବିଦ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଥାନା , ନାରୟଣ ସେବା ସଂଘ, ଗୋପବନ୍ଧୁ ଛକ, ମଟର ଆସୋସିଏଶନ, ତହସିଲ କାର୍ଯ୍ୟାଳୟ, ବାଙ୍କୋଇ ଫାଣ୍ଡି, ସ୍ୱାସ୍ଥ୍ୟକେନ୍ଦ୍ର, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସେଣ୍ଟର, ରାଜସୁନାଖଳା ବେସରକାରୀ ବସ୍ ମାଲିକ ସଂଘ, ଅଟୋ ଆସୋସିଏଶନ, ଅଟୋ ସଂଘ ତଥା ୧୯ ପଞ୍ଚାୟତ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରାଯାଇଥିଲା।

**କୃଷ୍ଣପ୍ରସାଦ,(ଡି.ଏନ.ଏ.)–** କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ପରିସରରେ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ ପତାକା ଉତ୍ତୋଳନ କରିଥିବାବେଳେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ, ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ଅଭିମନ୍ୟୁ ମାଝି ପତାକା ଉତ୍ତୋଳନ କରିଥିଲେ। ସରପଞ୍ଚ ସଞ୍ଜୁଲତା ଜେନା, ତହସିଲଦାର ଜିତେନ୍ଦ୍ର କୁମାର ନାୟକ, ଆଇଆଇସି ସୁଧୀର କୁମାର ସାହୁ, ବନାଞ୍ଚଳ ଅଧିକାରୀ ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ମାଲୁଦସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ପରିସରରେ ସାମାଜିକ କର୍ମୀ ଟୁନା ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ଅଧକ୍ଷ କେଲୁ ଚରଣ ଜେନା, ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ ଜୟରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚିଲିକା ନୂଆପଡ଼ାରେ ସରପଞ୍ଚ ମମତାମୟୀ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ।

## ବିଳମ୍ବ ଯୋଗୁ ପିଲାଙ୍କ ମଧ୍ୟରେ ଅସନ୍ତୋଷ

**ବେଗୁନିଆ,୧୬।୮(ଡି.ଏନ.ଏ.)**

ସ୍ୱାଧୀନତା ଦିବସ ଅବସରରେ ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ଶିକ୍ଷା ଅନୁଷ୍ଠାନ, ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, କାର୍ଯ୍ୟାଳୟ, ଡାକ୍ତରଖାନା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଉତ୍ସବ ପାଳିତ ହୋଇଯାଇଛି। ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ଉତ୍ସବର ସହ ପାଳନ ହୋଇଥିଲା। ବ୍ଲକସ୍ତରୀୟ ପରେଡ କାର୍ଯ୍ୟକ୍ରମ। ବିଳମ୍ବ ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ଲକସ୍ତରୀୟ ପରେଡରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ପୂର୍ବାହ୍ନ ୧୦ ଟା ୫ ମିନିଟ୍‌ରେ ପହଞ୍ଚିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଡିଓ ରବି ନାରାୟଣ ମାଝି, ବ୍ଲକ ଅଧକ୍ଷା ଜନକୀ ସ୍ୱାଇଁ, ସବ୍‌ରେଜିଷ୍ଟ୍ରାର ସନାତନ ଆଚାର୍ଯ୍ୟ ଓ ବିଇଓ ଲଚ୍ଛମନ ପରିଡା ଉପସ୍ଥିତ ଥିଲେ। ଏହି ଅବସରରେ ୫ ଜଣ ଚାଷୀ, ଆଶା, ଅଙ୍ଗନଓ୍ୱାଡି କର୍ମୀ, ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଜଣେ ପୋଲିସ ସବ୍‌ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ ଜଣ ଭୂମିହୀନଙ୍କୁ ଘର ଡିହ ପଟ୍ଟା ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ହୋଇଥିଲେ। ଏଥିସହ ସଦର ମହକୁମାରେ ଥିବା ୧୧ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆୟୋଜିତ ପରେଡ ଉତ୍ସବରେ ପୂର୍ବାହ୍ନ ୮ଟା ବେଳୁ ଆସି ଯୋଗ ଦେଇଥିଲେ। ହେଲେ ପତାକା ଓ ଉତ୍ତୋଳନ ୨ ଘଣ୍ଟା ବିଳମ୍ବରେ କରାଯାଇଥିଲା। ପିଲାମାନେ ଅସହ୍ୟ ଗରମରେ ଆଉଟପାଉଟ ହୋଇ ପଡିଥିଲେ। ଅନ୍ୟପକ୍ଷେ ଛାତ୍ରୀଛାତ୍ରମାନେ ରାଖୀ ବାନ୍ଧିବାକୁ ଅସ୍ତବ୍ୟସ୍ତ ହୋଇଥିଲେ। ବିଧାୟକ ସାହୁ ନିଜର ବିଳମ୍ବ ପାଇଁ ଦୁଃଖ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ତହସିଲଦାର ପରିଡାଙ୍କୁ ପଚାରିବାରେ ଅନ୍ୟ ସ୍ଥାନରେ କାର୍ଯ୍ୟକ୍ରମ ସାରି ଏଠାକୁ ଆସିବାରେ ବିଧାୟକ ସାହୁଙ୍କ ବିଳମ୍ବ ହୋଇଥିଲା। ତେବେ ଉପସ୍ଥିତ ପିଲାମାନଙ୍କୁ ଆମ ପକ୍ଷରୁ ସାନ୍ତ୍ୱନା ଦିଆଯିବା ସହ ଦୁଃଖ ପ୍ରକାଶ କରାଯାଇଥିଲା।



ବେଗୁନିଆରେ ଅତିଥି ଆସିବା ବିଳମ୍ବରୁ ପିଲାମାନେ ଖରାରେ ବସିଛନ୍ତି ।

■ ମଦ ବ୍ୟବସାୟୀଙ୍କୁ ସରକାରଙ୍କ ପ୍ରୋତ୍ସାହନ

## ଆନ୍ଦୋଳନକୁ ଓହ୍ଲାଇଲା ଜନକଲ୍ୟାଣ ପ୍ରତିଷ୍ଠାନ

**ବେଗୁନିଆ,୧୬।୮(ଡି.ଏନ.ଏ.)**

ଗାଁ ଗଣ୍ଡାରେ ଚାରିଆଡେ ଏବେ ବେଆଇନ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବେଗୁନିଆ ଥାନା ଅଞ୍ଚଳରେ ଦେଶୀ ରନ୍ଧାମଦ ପ୍ରସ୍ତୁତ ହେଉଛି। ଏଥିଯୋଗୁ ଗାଁ ଗଣ୍ଡାରେ ମଦ ବ୍ୟବସାୟୀମାନେ ଖୁଲମଖୁଲା ମଦ ପାଉଚ ବିକ୍ରି କରୁଛନ୍ତି। ଏହାକୁ ସେବନ କରି ପୁରୁଷ ଲୋକଙ୍କଠାରୁ ଆରମ୍ଭ କରି ଯୁବ ପିଢି ପଥଭ୍ରଷ୍ଟ ହେଉଛନ୍ତି। ମଦ ପିଇବା ଯୋଗୁ ପରିବାର ମଧ୍ୟରେ ବିଶୃଙ୍ଖଳା ବଢିବାରେ ଲାଗିଛି। ଏତେ ବିଶୃଙ୍ଖଳା ସତ୍ତ୍ୱେ ସରକାର ମଦ ବ୍ୟବସାୟୀଙ୍କ ପ୍ରୋତ୍ସହନ ଦେବାକୁ ବେଗୁନିଆରେ ବିରୋଧ କରାଯାଇଛି।



ଥାନା ସମ୍ମୁଖରେ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଧାରଣା ଦିଆଯାଇଛି ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସରେ ଆନ୍ଦୋଳନକୁ ଓହ୍ଲାଇଥିଲା। ବଜାରରେ ମଦ ବିରୋଧୀ ସ୍ଲୋଗାନମାନ ଦେଇ ଶୋଭଯାତ୍ରା ବାହାରିଥିଲା। ପରେ ପ୍ରତିଷ୍ଠାନ ପକ୍ଷରୁ ଥାନା ସମ୍ମୁଖରେ ଏକ ଘଣ୍ଟା ପାଇଁ ଧାରଣା ଦିଆଯାଇଥିଲା। ଏଥିରେ ମହିଳାପୁରୁଷମାନେ ସାମିଲ ହୋଇଥିଲେ। ସରକାର କରିଥିବା ନିୟମକୁ ପ୍ରତ୍ୟାହାର କରନ୍ତୁ ବୋଲି ପ୍ରତିଷ୍ଠାନର ସଦସ୍ୟମାନେ ଦାବି କରିଥିଲେ।

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**ଜଟଣୀ,୧୬।୮(ଡି.ଏନ.ଏ.):** ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନର ୫ କିମି ଦୂର ରଥିପୁର ଲେଭଲ୍ କ୍ରସିଂ ନିକଟରେ ଟ୍ରେନ୍‌ରେ କଟି ସିଦ୍ଧାନ୍ତ ସାହୁ(୧୯)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସ୍ୱାଧୀନତା ଦିବସ ସକାଳେ ଏହା ଘଟିଛି। ରେଳଧାରଣା ଉପରେ ଗଣ୍ଡିମୁଣ୍ଡ ଅଲଗା ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜଟଣୀ ଥାନା ବୁଢ଼ାପଡ଼ା ଗ୍ରାମରେ ମୃତ ଯୁବକଙ୍କ ଘର। ଯୁବକ ଜଣକ ଆତ୍ମହତ୍ୟା କରିଥିବା ନେଇ ରେଲୱେ ପୋଲିସ ସନ୍ଦେହ କରୁଛି। ଏ ନେଇ ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନାରେ ନଂ. ୬୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଶ୍ରୀବଳରାମଦେବଙ୍କ ଜୟନ୍ତୀ

**ଟାଙ୍ଗୀ(ଖୋର୍ଦ୍ଧା),୧୬।୮(ଡି.ଏନ.ଏ.)–** ଟାଙ୍ଗୀସ୍ଥିତ ଶ୍ରୀ ଶ୍ରୀ ବଳରାମଦେବଙ୍କ ମନ୍ଦିରରେ ପ୍ରଭୁଙ୍କ ପବିତ୍ର ଜୟନ୍ତୀ ଏକ ଉତ୍ସବମୁଖର ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗୁରୁବାର ପାଳିତ ହୋଇଯାଇଛି ।

## ବାଣପୁର ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

**ଖୋର୍ଦ୍ଧା ଅଫିସ,୧୬।୮**

ବାଣପୁର ଓକିଲ ସଂଘ ପକ୍ଷରୁ ୨୫ ଦିନ ହେଲା ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଶୁକ୍ରବାର ଜିଲା ଜଜ୍ ସତ୍ୟନାରାୟଣ ମିଶ୍ର ଆନ୍ଦୋଳନକାରୀ ଓକିଲଙ୍କ ସହ ଆଲୋଚନା କରି ମକଦ୍ଦମାକୁ ଆଇନ ଅନୁଯାୟୀ ପ୍ରତ୍ୟାହାର କରି ନେବା ପାଇଁ ପରାମର୍ଶ ଦେବା ପରେ ଓକିଲ ସଂଘ କର୍ମକର୍ତ୍ତା ସମ୍ମତି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଶନିବାର ଓକିଲମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ସଂଘର ସମ୍ପାଦକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଦୁଇବର୍ଷ ପୂର୍ବେ ଦୁଇ ଜଣ ଆଇନଜୀବୀ ଓ ତହସିଲ କର୍ମଚାରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏ ନେଇ ଉଭୟପକ୍ଷରୁ ବାଣପୁର ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଦୁଇଟି ପୃଥକ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିଲା। ତେବେ ଓକିଲ ସଂଘ ଓ ତହସିଲ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ବିବାଦ ପ୍ରଶମିତ ହୋଇଥିଲା। ଉଭୟପକ୍ଷ ମକଦ୍ଦମାକୁ ପ୍ରତ୍ୟାହାର କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତହସିଲ କର୍ମଚାରୀଙ୍କର ପକ୍ଷରୁ ହୋଇଥିବା ମକଦ୍ଦମାରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିବା ବେଳେ ଓକିଲଙ୍କ ତରଫରୁ ହୋଇଥିବା ମକଦ୍ଦମାରେ ଫାଇନାଲ ରିପୋର୍ଟ କରିଥିଲା। ଏହା ଜଣାପଡିବା ପରେ ଓକିଲ ସଂଘ ପ୍ରତିବାଦ କରିଥିଲା। ପ୍ରତିଶ୍ରୁତି ମୁତାବକ ମକଦ୍ଦମାକୁ ପ୍ରତ୍ୟାହାର କରି ନେବାକୁ ଦାବି କରି ଓକିଲ ସଂଘ ପକ୍ଷରୁ ଜୁଲାଇ ୨୩ ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାରୁ କୋର୍ଟ କାର୍ଯ୍ୟ ଅଚଳ ହୋଇପଡିଥିଲା।

## ଆବର୍ଜନା ସଫାକଲେ ଯୁବକ

**କୃଷ୍ଣପ୍ରସାଦ,୧୬।୮(ଡି.ଏନ.ଏ.)–** ପୁରୀ ଜିଲାପାଳଙ୍କ ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ ଅବସରରେ ମୋ ବେଳାଭୂମି ଯୋଜନାରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତଗତ ଚିଲିକା ଉପକୂଳ ପର୍ଯ୍ୟଟନ ସ୍ଥଳରୁ ଶୁକ୍ରବାର ଆବର୍ଜନା ମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ବିଜୁ ଯୁବ ବାହିନୀ ଏଥିରେ ବିଶେଷ ଭୂମିକା ଗ୍ରହଣ କରିଛି। କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି, ଏପିଓ ଅଭିନ୍ନ କୁମାର ପଲାଇଙ୍କ ନେତୃତ୍ୱରେ ଶ୍ରୀଶ୍ରୀ କମଳେଶ୍ୱର ଦେବଙ୍କ ପୀଠ ସଫେଇ କରାଯାଇଥିଲା । ରମେଶ ଚନ୍ଦ୍ର ମହାପାତ୍ର, ସତ୍ୟବାନ ତରେଇ, ସଞ୍ଜୁଲତା ଜେନା ଆଦି ୩ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ଚନ୍ଦ୍ର ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ। ବଡଖାଡ ବିଜୁ ବାହିନୀ ସଭାପତି ବସନ୍ତ ସାହୁ, ସମ୍ପାଦକ ବିଚିତ୍ର କୁମାର ପଲେଇ, ଯୁବ ବାହିନୀ ବ୍ଲକ ସଂଯୋଜକ ମାନସ କୁମାର ନାୟକଙ୍କ ନେତୃତ୍ୱରେ ସାତପଡ଼ା ଜେଟି ପରିସର ସଫେଇ କରାଯାଇଥିଲା । ଘିମୁଦା ଘାଟ ପେଣ୍ଠ ଅଞ୍ଚଳର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବିଜୁବାହିନୀ ସଭାପତି ବିପିନ କୁମାର ନାୟକ, ସମ୍ପାଦକ ଅନିଲ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ।



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜୁ ଯୁବ ବାହିନୀ ଓ ଅନ୍ୟମାନେ।

### ପଞ୍ଚାୟତସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ

**ନିରାକାରପୁର, ୧୬।୮(ଡି.ଏନ.ଏ.)–** ଚଳିତ ବର୍ଷ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ହୃଷୀକେଶ ରାଉତରାୟ ଏଥିରେ ପୌରୋହିତ୍ୟ କରିଥିବାବେଳେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ସାମାଜିକ କର୍ମୀ ଦାଶରଥି ବିଶୋଇ ଓ ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପଞ୍ଚାୟତସ୍ତରୀୟ ଏହି ପ୍ରତିଯୋଗିତାରେ ୭ ସ୍କୁଲରୁ ୨୬୦ଜଣ ଅଂଶ ଗ୍ରହଣ କରିଥିଲେ। ମ୍ୟୁଜିକ୍‌ଚେୟାର, ଝୋଟି, ହୁଳହୁଳି ଆଦି ପ୍ରତିଯୋଗିତାରେ ୧୦୦ଜଣ ପୁରସ୍କୃତ ହୋଇଥିଲେ। ବିଶ୍ୱଭୂଷଣ ସାମନ୍ତରାୟ, ଅଂଶୁମାନ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ବେଆଇନ ପଥର ଖଣି ଖନନ ଘଟଣା

## ତହସିଲଦାର, ଆଇଆଇସିଙ୍କୁ ନୋଟିସ ପରେ ଭୟର ବାତାବରଣ

**ଖୋର୍ଦ୍ଧା ଅଫିସ,୧୬।୮**

ଖୋର୍ଦ୍ଧା ଓ ବେଗୁନିଆ ତହସିଲ ଅଞ୍ଚଳରେ ପଥର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ଦିନକୁଦିନ ବଢ଼ି ଚାଲିଥିଲା। ଅନୁମତି ନ ଥାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୩୦ରୁ ଊର୍ଦ୍ଧ୍ୱ ଗ୍ରାନାଇଟ୍ ପଥରର ପାହାଡରେ ବେଆଇନ ବ୍ଲାଷ୍ଟିଂ ହେଉଥିଲା। ପ୍ରଭାବରେ ଆଖପାଖ ଜନବସତିରେ ବ୍ଲାଷ୍ଟିଂ ସମୟରେ କୃତ୍ରିମ ମୃଦୁ ଭୂମିକମ୍ପ ଅନୁଭୂତ ହେଉଥିଲା। ବହୁ ପାହାଡ ସମତୁଲ ହୋଇ ପରିବେଶ ଉପରେ କୁପ୍ରଭାବ ପକାଉଥିଲା। ଏପରିସ୍ଥଳେ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବାବେଳେ ଜନସାଧାରଣଙ୍କ ଧନଜୀବନ ନଷ୍ଟ ହେବାରେ ଲାଗିଥିଲା। ବ୍ଲାଷ୍ଟିଂ ସମୟରେ ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଥିଲା। ଗୁରୁତର ରୋଗୀ, ଜରୁରୀ କାମଥିବା ଲୋକ, ଛାତ୍ରୀଛାତ୍ର ହଇରାଣର ସମ୍ମୁଖୀନ ହେଉଥିଲେ। ବେଆଇନ ବ୍ଲାଷ୍ଟିଂ ଓ ଖଣି ଖନନକୁ ରୋକିବାକୁ ବିଭିନ୍ନ ସମୟରେ ଅଞ୍ଚଳବାସୀ ପ୍ରତିବାଦ, ଅଭିଯୋଗ କରୁଥିଲେ। ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେଇଥିଲେ। ତଥାପି ଫଳ ଶୂନ ହେଉଥିଲା। ଅଭିଯୋଗର ଫାଇଲ ଶୀତଳଭଣ୍ଡାରକୁ ଚାଲି ଯାଉଥିଲା। ପ୍ରଶାସନ ସବୁ ଜାଣି ଅଜଣା ରହୁଥିବାରୁ ପଥର ବ୍ୟବସାୟୀ ସେମାନଙ୍କର କାରବାରକୁ ଅବାଧରେ ଚାଲୁ ରଖିଥିଲେ। ଏପରିକି ମାମଲା କୋର୍ଟରେ ବିଚାରାଧୀନ ଥିଲେ ମଧ ବେଆଇନ ଖଣି ଖନନକୁ ରୋକା ଯାଇ ପାରି ନ ଥିଲା। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଚଢ଼ାଉ ବେଆଇନ ଖଣି ଖନନକୁ ରୋକ୍ ଲଗାଇଛି। ଏଭଳିସ୍ଥଳେ ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ ଓ ଖୋର୍ଦ୍ଧା ସଦର ଥାନା ଆଇଆଇସି ବିକ୍ରମ କୁମାର ଜେନାଙ୍କୁ ୧୭ ତାରିଖରେ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଯାଇ ହାଜର ହେବା ପାଇଁ ନୋଟିସ୍ ହୋଇଛି। ନୋଟିସ୍ ପରେ ଆଇଆଇସିଙ୍କ ଅଗଷ୍ଟ ୧୫ରେ ମିଳିବାକୁ ଥିବା ପୋଲିସ ପଦକ ବାତିଲ୍ ହୋଇଯାଇଛି। ସେହିଭଳି ଖୋର୍ଦ୍ଧା ତହସିଲଦାରଙ୍କର ପଦୋନ୍ନତି ହୋଇ ସାରିଛି। ତେବେ ଷ୍ଟେଶନ ନ ଛାଡିବା ତାଙ୍କ ପାଇଁ ସମସ୍ୟା ଆଣିଛି। ବେଆଇନ ପଥର ଖନନ ଘଟଣାରେ ଅନେକ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବାରୁ ଦୁଇ ଅଧିକାରୀଙ୍କୁ ନୋଟିସ ଛନକା ସୃଷ୍ଟି କରିଛି। ଦେଖାଯାଉ ଏହି ଘଟଣାରେ ଆଉ କେଉଁମାନଙ୍କୁ ନୋଟିସ ପରିସର ଭୁକ୍ତ କରାଯାଉଛି।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
-କନ୍‌ଫୁସିୟସ



## ସଂକ୍ଷେପରେ

### ଭକ୍ତଙ୍କ ପକେଟମାର, ଜଣେ ଗିରଫ

ପୁରୀ ଅଫିସ, ୧୬।୮: ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ଠାରୁ ପକେଟ ମାର ଅଭିଯୋଗରେ ସିଂହଦ୍ୱାର ପୋଲିସ ଶୁକ୍ରବାର ଜଣକୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱରର ରୋହିତ ମହାପାତ୍ର(୩୬)। ଅନୁଗୋଳର ସୁଦର୍ଶନ ନାୟକ ପରିବାର ସହ ଶ୍ରୀମନ୍ଦିର ଭିତର ଗୁରୁଡ ସ୍ତମ୍ଭ ନିକଟରେ ଦର୍ଶନ କରୁଥିଲେ। ଏହି ସମୟରେ କେହି ରୋହିତ ତାଙ୍କ ପକେଟରୁ ମନିପର୍ସ ଚୋରି କରିନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ମୋବାଇଲ ଲୁଟ୍, ୨ଗିରଫ

ପୁରୀ ଅଫିସ, ୧୬।୮ : ମୋବାଇଲ ଲୁଟ୍ ଅଭିଯୋଗରେ ସମୁଦ୍ରକୂଳ ପୋଲିସ ଶୁକ୍ରବାର ଦୁଇଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମିଥୁନ ଭୋଇ ଓ ଶୁଶାନ୍ତ ସେଠୀ। ସୂଚନା ପ୍ରକାରେ, ଜୁଲାଇ ମାସରେ ବାଙ୍କୀ ମୁହାଣର ରାକେଶ ସାହୁ ବେଳାଭୂମିରେ ବୁଲୁଥିବା ବେଳେ ଗିରଫ ଅଭିଯୁକ୍ତ ଦ୍ୱୟ ମୋବାଇଲ ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା।

### ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ

ସାକ୍ଷୀଗୋପାଳ,୧୬।୮(ଡି.ଏନ.ଏ) ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସତ୍ୟବାଦୀ ବ୍ଲକ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ ୨୫ଟି ତିନି ଚକିଆ ସାଇକେଲ, ୧୧ଟି ହ୍ୱିଲ ଚେୟାର ଓ ୮ ଜଣ ମାନସିକ ବିକାର ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ଚେୟାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଡିଓ ସରୋଜ କୁମାର ଦତ୍ତ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଜେନା, ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଦେବାଶିଷ ରାୟ, ବ୍ଲକ ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା ପ୍ରମୁଖ ଯୋଗଦେଇ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟ ପ୍ରସାଦ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରପଞ୍ଚ ଓ ସମିତି ସଭ୍ୟଙ୍କ ସହିତ ସ୍ୱେଚ୍ଛାସେବୀ ଓ ବ୍ଲକ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

### ପାଗଳା ମାଙ୍କଡ଼କୁ ଧରିଲେ ବନ କର୍ମଚାରୀ

ନିମାପଡ଼ା,୧୬।୮(ଡି.ଏନ୍.ଏ.): ଗତ କିଛିଦିନ ହେବ ଚାରିଛକ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଏକ ପାଗଳା ମାଙ୍କଡକୁ ପାଣିଛତ୍ର ବନବିଭାଗ କର୍ମଚାରୀମାନେ ଗୁରୁବାର ଚାରିଛକ ଫାଣ୍ଡି ନିକଟରୁ କାବୁ କରିଛନ୍ତି। ମାଙ୍କଡର ବୟସ ପ୍ରାୟ ସାଢେ ୩ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଫରେଷ୍ଟର ବିଜୟଲକ୍ଷ୍ମୀ ବଳ, ଫରେଷ୍ଟ ଗାର୍ଡ ଗୁରୁପ୍ରସାଦ ଦାସ ଓ ଆଣ୍ଟି ପୋଚିଙ୍ଗ ୱାଚର କର୍ମଚାରୀମାନେ ଚାରିଛକ ଫାଣ୍ଡି ପୋଲିସ ସହାୟତାରେ ଏହି ମାଙ୍କଡ଼ଙ୍କୁ ଧରିଥିଲେ। ଏହି ମାଙ୍କଡକୁ ଅସ୍ତରଙ୍ଗ ରେଞ୍ଜ ଅଫିସରେ ଚିକିତ୍ସା କରାଯାଉଥିବା ବେଳେ ସୁସ୍ଥ ହେବା ପରେ ଅନ୍ୟତ୍ର ଛଡାଯିବ ବୋଲି ବନକର୍ମଚାରୀ

■ ଶ୍ରୀମନ୍ଦିର ସୁରକ୍ଷାକୁ ଅଣଦେଖା

# ପରିଚୟପତ୍ରକୁ ଗୁରୁତ୍ୱ ଦେଉନି ପ୍ରଶାସନ

ପୁରୀ ଅଫିସ, ୧୬।୮:



ଦେଶର ଅନ୍ୟତମ ପ୍ରମୁଖ ତୀର୍ଥକ୍ଷେତ୍ର ହେଉଛି ପୁରୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ସମୁଦ୍ର ସ୍ନାନ ଓ ବେଳାଭୂମି ବୁଲିବା ଲାଗି ପ୍ରତ୍ୟହ ଦେଶବିଦେଶରୁ ଲକ୍ଷାଧିକ ଭକ୍ତ ଏଠାକୁ ଆସିଥାନ୍ତି। ଏଥିଲାଗି ପୁରୀ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବା ନେଇ ବିଭିନ୍ନ ସମୟରେ ଗୋଇନ୍ଦା ରିପୋର୍ଟ ଦେଇଛି। ଏବେ ପୁଣି ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ଭାରତୀୟ ଗୋଇନ୍ଦା ବିଭାଗ ରିପୋର୍ଟ ଦେବା ସହ ସଜାଗ ଓ ସତର୍କ ରହିବାକୁ ଓଡ଼ିଶା ପୋଲିସକୁ କହିଛି। ରାଜ୍ୟ ପୋଲିସ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ଏବଂ ପୋଲିସକୁ ଅବଗତ କରାଇଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ପ୍ରତ୍ୟେକ ଛୋଟ ଛୋଟ ପ୍ରସଙ୍ଗକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ହେଲେ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ପୋଲିସ ଏହାକୁ ଗୁରୁତ୍ୱ ଦେବା ଭଳି ମନେ ହେଉନାହିଁ। ଏ ଯାଏ ଶ୍ରୀମନ୍ଦିରର ସେବକମାନଙ୍କୁ ପରିଚୟପତ୍ର ନ ମିଳିବା ଘଟଣା ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ମନୋଭାବକୁ ସ୍ପଷ୍ଟ କରୁଛି।

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ୧୨ଟି ସୁପାରିସ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିମଧ୍ୟରେ ଶ୍ରୀମନ୍ଦିର ସେବକ ଓ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ ଲାଗି ନିର୍ଦ୍ଦେଶ ରହିଛି। ହେଲେ ଏହା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇନାହିଁ। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ପରିଚୟପତ୍ର ପ୍ରଦାନର ଯଥେଷ୍ଟ ଆବଶ୍ୟକତା ରହିଛି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ସଚେତନ ଥିବା ମନେ ହେଉନାହିଁ। ସେବକ ଓ କର୍ମଚାରୀମାନେ ଚାରିଦ୍ୱାରରେ ଅବାଧରେ ପ୍ରବେଶ କରୁଛନ୍ତି। କେହି ସାଥିରେ ସ୍ମାର୍ଟଫୋନ ନେଇ ଯାଉଛନ୍ତି ତ ଆଉ କେହି ପାନ, ଗୁଟଖା ଚୋବାଉଛନ୍ତି। ସୁରକ୍ଷା କର୍ମୀମାନେ ସେବକ କିମ୍ବା କର୍ମଚାରୀଙ୍କୁ ଯାଞ୍ଚ କରୁନାହାନ୍ତି। ସେବକଙ୍କ ବେଶଭୂଷା ଓ କର୍ମଚାରୀଙ୍କ ସ୍ୱତନ୍ତ୍ର ପୋଷାକ ଦେଖି ସେମାନେ ବାଟ ଛାଡ଼ି ଦିଅନ୍ତି। ତେଣୁ ଏଠି ପ୍ରଶ୍ନ ଉଠୁଛି, ଯଦି କେହି ମନ୍ଦ ଉଦ୍ଦେଶ୍ୟ ରଖି ସେବକ କିମ୍ବା କର୍ମଚାରୀ ବେଶ ଧାରଣ କରି ଶ୍ରୀମନ୍ଦିରକୁ ପ୍ରବେଶ କରନ୍ତି, ତାହାଲେ ପରିସ୍ଥିତି କ'ଣ ହେବ? ସମ୍ପୃକ୍ତ ବ୍ୟକ୍ତି ଅନାୟାସରେ କିଛି ବି କରିପାରିବେ ବୋଲି କୁହାଯାଉଛି।

ପରିଚୟପତ୍ର ବ୍ୟବସ୍ଥା ହେଲେ ବାହାର ଲୋକଙ୍କୁ ଚିହ୍ନି ରୋକାଯାଇ ପାରିବ। ସେହିପରି ମନ୍ଦିର ଭିତରେ ଯଦି ଶ୍ରଦ୍ଧାଳୁଙ୍କୁ କୌଣସି ସେବକ କିମ୍ବା କର୍ମଚାରୀ ଖରାପ ବ୍ୟବହାର କିମ୍ବା ଶୋଷଣ କରନ୍ତି ତେବେ ଖୁବ୍‌ଶୀଘ୍ର ତାଙ୍କୁ ଚିହ୍ନଟ କରାଯାଇପାରିବ। ଗତ ମାସ ୨୯ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପରିଚୟପତ୍ର ବିଷୟରେ ଆଲୋଚନା ହୋଇଥିଲା। ପ୍ରଥମେ ସୁଆର ମହାସୁଆର ସେବକଙ୍କୁ ଏହା ବଣ୍ଟାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଖୁବ୍‌ଶୀଘ୍ର ସେବକଙ୍କୁ ପରିଚୟପତ୍ର ବଣ୍ଟନ କରାଯିବ। ଫଳରେ ଅନ୍ୟ କେହି ସେବକ ବେଶରେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ।

## ସ୍ୱଚ୍ଛ, ନିଶାମୁକ୍ତ କୋଣାର୍କ ନେଇ ଶୋଭାଯାତ୍ରା




ସ୍ୱଚ୍ଛ, ନିଶାମୁକ୍ତ କୋଣାର୍କ ପାଇଁ ବାହାରିଥିବା ଶୋଭାଯାତ୍ରା।

କୋଣାର୍କ, ୧୬।୮(ଡି.ଏନ୍.ଏ)

କୋଣାର୍କକୁ ସ୍ୱଚ୍ଛ ଓ ନିଶାମୁକ୍ତ କରିବା ଦାବିରେ ଶୁକ୍ରବାର ମହିଳା ମହାସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ମହିଳା ସଂଗଠନର ଆବାହକ ମିନର୍ଭା ରାଉତଙ୍କ ନେତୃତ୍ୱରେ କୋଣାର୍କସ୍ଥିତ ବଡେଇଛକଠାରୁ ଏକ ଶୋଭାଯାତ୍ରା ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା। ଏହି ପ୍ରତିବାଦ ସଭାରେ ସରୋଜିନୀ କାନୁନଗୋ, କିରଣବାଳା ଲେଙ୍କା, ପ୍ରଭାତି ବାରିକ, ଗୀତାଞ୍ଜଳି ନାୟକ, ସୀମା ବିଶ୍ୱାଳ, ମିନତୀ ଜେନା, ସବିତା ବେଉରାଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ୧୦ଦଫା ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ, ଅବକାରୀ ମନ୍ତ୍ରୀ, କ୍ରୀଡାମନ୍ତ୍ରୀ, ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ, କୋଣାର୍କ ଥାନା ଅଧିକାରୀ, ଜିଲାମୁଖ୍ୟ ଚିକିତ୍ସାଧିକାରୀ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

■ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ଜାଗା ଖାଲି ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀ ପୁନର୍ବିଚାର କରନ୍ତୁ: ଜିଲା କଂଗ୍ରେସ

ପୁରୀ ଅଫିସ, ୧୬।୮:

ଶ୍ରୀମନ୍ଦିର ସଂକ୍ରାନ୍ତରେ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍‌ରେ ନିଆଯାଇଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୭୫ ମିଟର ପର୍ଯ୍ୟନ୍ତ ଜାଗା ଖାଲି କରାଯିବ। ବଡ଼ଦେଉଳର ସୁରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିବା ବେଳେ ଜମି ଅଧିଗ୍ରହଣ ଓ ସର୍ଭେ ପାଇଁ ପୁରୀ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। କ୍ଷତିଗ୍ରସ୍ତ ଲୋକ ଏବଂ ସଂସ୍ଥାକୁ ଥଇଥାନ କରାଯିବ। ଏଥିସହ ଆବଶ୍ୟକ କ୍ଷତିପୂରଣ ଦିଆଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ତେବେ ଏହାକୁ ନେଇ ପୁରୀ ସହରରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାର ପୁନର୍ବିଚାର କରନ୍ତୁ ବୋଲି କହିଛି ଜିଲା କଂଗ୍ରେସ।

ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବଡ଼ଦାଣ୍ଡରେ ପର୍ଯ୍ୟାପ୍ତ ଜାଗା ରହିଛି। ରଥଯାତ୍ରାରେ କୌଣସି ଅସୁବିଧା ହେଉନାହିଁ। ଏବେ ପ୍ରଶାସନ ଶହ ଶହ ଉଠାଦୋକାନୀଙ୍କୁ ହଟାଇବା ପରେ ସେମାନଙ୍କୁ ଥଇଥାନ କରିନାହିଁ। ଅନେକ ପେଟପାଟଣା ପାଇଁ ସଂଘର୍ଷ କରୁଛନ୍ତି। ଏଭଳି ସ୍ଥଳେ ପୁଣି ୭୫ ମିଟର ପର୍ଯ୍ୟନ୍ତ ଜାଗା ଖାଲି କରିବା ଲାଗି ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା ବହୁ ମଠ, ମନ୍ଦିର ଓ ଲୋକେ କ୍ଷତିଗ୍ରସ୍ତ ହେବେ। ତେଣୁ ମୁଖ୍ୟମନ୍ତ୍ରୀ ଏହାର ପୁନର୍ବିଚାର କରନ୍ତୁ ବୋଲି ଜିଲା କଂଗ୍ରେସ ଅନୁରୋଧ କରୁଛି। ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରାଯାଇ ଏ ସମ୍ପର୍କରେ ଅନୁରୋଧ କରାଯିବ ବୋଲି ଦାସମହାପାତ୍ର କହିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ସ୍ନେହଲତା ମହାନ୍ତି ସମ୍ମାନିତ

ପୁରୀ ଅଫିସ, ୧୬।୮ :

ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ୭୩ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧିନତା ସଂଗ୍ରାମୀ ସ୍ନେହଲତା ମହାନ୍ତିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ସ୍ୱାଧିନତା ଦିବସ ଆସିଲେ, ଅତିତର କଥା ମନେ ପଡିଯାଏ। ଦେହରେ ସିହରଣ ଖେଳିଯାଏ। ଆଖି ମୁଦିଦେଲେ ଅତୀତର ସ୍ମୃତି ସବୁ ନାଚି ଉଠେ। ଦେଶ ମାତୃକାର ସେବାରେ ଆନନ୍ଦ ଅଛି। ସ୍ୱାଧିନତା ଆନ୍ଦୋଳନରେ ଝାସ ଦେଇ ଜେଲ ମଧ୍ୟ ଯାଇଛି ବୋଲି କୁହନ୍ତି, ସ୍ନେହଲତା ମହାନ୍ତି। ଜଗତସିଂହପୁର ବାଲିକୁଦାର ମୂଳବାସିନ୍ଦା ସ୍ନେହଲତାଙ୍କୁ ୯୫ଟପିଲାଣି। ତଥାପି ସେ ବେଶ ଚଳଚଞ୍ଚଳ। ଏ ବୟସରେ ନିଜ କାମ ନିଜେ କରନ୍ତି। ଗାନ୍ଧୀଙ୍କ ବିଚାରରେ ଅନୁପ୍ରାଣିତ ସ୍ନେହଲତା କୁହନ୍ତି, ମନୁଷ୍ୟକୁ ନିଜ କାମ ନିଜେ କରିବା ଆବଶ୍ୟକ। ଅନ୍ୟ ଉପରେ ନିର୍ଭର କରିବା ପରିବର୍ତ୍ତେ ମନୁଷ୍ୟ ନିଜ ଦାୟିତ୍ୱବୋଧ, କର୍ତ୍ତବ୍ୟ ପ୍ରତି ଯତ୍ନବାନ ହେବା ଉଚିତ।

କମ୍ ବୟସରେ ରାଜକିଶୋର ମହାନ୍ତିଙ୍କୁ ବିବାହ କରିଥିଲେ। ସ୍ୱାମୀ ସ୍ୱାଧିନତା ସଂଗ୍ରାମୀ ଥିଲେ। ବିବାହ ପରେ ସ୍ୱାମୀଙ୍କ ପ୍ରେରଣାରୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରିଥିଲେ। ଉଭୟ ସ୍ୱାମୀ ସ୍ତ୍ରୀ ନିଜ କ୍ଷେତ୍ରରେ କାର୍ଯ୍ୟ କରୁଥିଲୁ। ବେଳେ ବେଳେ ସ୍ୱାମୀଙ୍କ ସହ ଭେଟ ମଧ୍ୟ ହେଉ ନ ଥିଲା। ଦେଶ ସ୍ୱାଧିନ ନ ହେବା ପର୍ଯ୍ୟନ୍ତ ବିଶ୍ରାମ ନ କରିବାକୁ ସଂକଳ୍ପ କରିଥିଲୁ। ଗାନ୍ଧୀଜୀଙ୍କ ଡାକରାରେ ପ୍ରଥମେ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିଥିଲି। ପରେ ସ୍ୱଦେଶୀ ଆନ୍ଦୋଳନରେ ବିଦେଶୀ ବସ୍ତ୍ର ବର୍ଜନ ଅଭିଯାନକୁ ଯୋରଦାର କରିଥିଲି। ଘର ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ବିଦେଶୀ କପଡାକୁ ପୋଡିବା ଲାଗି ଆଗ୍ରହ କରିଥିଲୁ। ସ୍ୱାଧିନତା ଆନ୍ଦୋଳନ ସମୟରେ ବହୁ ମହାପୁରୁଷଙ୍କ ସଂସ୍ପର୍ଶରେ ଆସିଥିବା ସ୍ନେହଲତା ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ପ୍ରତିଭାରେ ସମ୍ମାନିତ ହୋଇଛନ୍ତି। ରାଜ୍ୟ ସରକାର ତାଙ୍କୁ ତାମ୍ର ଫଳକ ପ୍ରଦାନ କରିଥିବା କହିଛନ୍ତି। ଅଗଷ୍ଟ ୧୫ତାରିଖ ଦିନ ପ୍ରଥମ ଜାତୀୟ ପତାକା ଉଡିଲା। ଲାଗିଲା, ଯେପରି ପଞ୍ଜୁରୀ ଭିତରେ ବନ୍ଦି ଜୀବନ କାଟୁଥିବା ଶୁଆ ଏବେ ମୁକ୍ତ ଆକାଶର ବିହଙ୍ଗ। ସ୍ନେହଲତାଙ୍କ ତିନି ପୁଅ ଅଛନ୍ତି। ସେ ଏବେ ପୁରୀ ଚାରିନଳା ସ୍ଥିତ ପତିତପାବନ ନଗରରେ ପୁତ୍ର ନିକୁଞ୍ଜ କେଶରୀ ମହାନ୍ତିଙ୍କ ସହିତ ରହୁଛନ୍ତି। ସକାଳୁ ନିତ୍ୟକର୍ମ ସରିବା ପରେ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା ସାରି ଖବରକାଗଜ ପଢ଼ନ୍ତି। ବିଭିନ୍ନ ପୁସ୍ତକ ଅଧ୍ୟୟନ କରନ୍ତି। ଟେଲିଭିଜନରେ ଦେଶ ବିଦେଶ ଖବର ଦେଖନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସେ ସ୍ୱାଗତ କରିଛନ୍ତି।



ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସ୍ନେହଲତା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶିଶୁ ସାହିତ୍ୟ ଗବେଷଣା ବିଭାଗ ରହୁ

ପୁରୀ ଅଫିସ, ୧୬।୮ :

ଓଡ଼ିଶା ପ୍ରତି ଗୋପବନ୍ଧୁଙ୍କ ଦାଶଙ୍କ ଅବଦାନ ଅତୁଳନୀୟ। ଗୋପବନ୍ଧୁଙ୍କ ଦ୍ୱାରା ପ୍ରାକ୍ ସ୍ୱାଧିନତା ପୂର୍ବରୁ ଗଠିତ ବନ ବିଦ୍ୟାଳୟ ଶିକ୍ଷା ପଦ୍ଧତି କୋଟି କୋଟି ଭାରତୀୟଙ୍କ ଆଖି ଖୋଲି ଦେଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟବାଦୀ ଠାରେ ପ୍ରତିଷ୍ଠା ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଗୋପବନ୍ଧୁ ଦାଶଙ୍କ ନାମରେ ନାମିତ କରିବା ଲାଗି ଦାବି ହୋଇଛି। ଗୁରୁବାର ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶିକ୍ଷାଶ୍ରୀଲେନ୍ ସ୍ଥିତ ଭଗବତୀ ବିଦ୍ୟା ନିକେତନ ପରିସରରେ ଆୟୋଜିତ କବି ଗଙ୍ଗାଧର ମେହେରାଙ୍କ ଜୟନ୍ତୀ ଉତ୍ସବରେ ମତ ପ୍ରକାଶ ପାଇଛି। ଏହି ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ଶିଶୁ ସାହିତ୍ୟ ବିକାଶ ଲାଗି ଏକ ଶିଶୁ ସାହିତ୍ୟ ବିଭାଗ ଖୋଲାଯିବ ସହ ଶିଶୁ ସାହିତ୍ୟ ଗବେଷଣା ଓ ଉଚ୍ଚତର ଶିଶୁ ସାହିତ୍ୟ ଶିକ୍ଷା ଉପରେ ପ୍ରାଧାନ୍ୟ ଦେବା ଲାଗି ମତ ପ୍ରକାଶ ପାଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ହରିହର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ବିଶିଷ୍ଟ ଭାଷାବିତ୍ ଡ.କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ୱଭାବ କବିଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରିଷ୍ଣା ମହାପାତ୍ର, ଦୁର୍ଗବତୀ ପ୍ରଧାନ, ମିନତୀ ପଟ୍ଟନାୟକଙ୍କ ସଂଯୋଜନାରେ ୨୨ଜଣ ବିଦ୍ୟାର୍ଥୀ ଶିଶୁ କବିତା ଆବୃତି କରିଥିଲେ।

■ ବନ୍ୟାଜଳରେ ଭାସିଗଲା ଲଞ୍ଚ

## ଗଛ ଡାଳ ଧରି ଜୀବନ ବଞ୍ଚାଇଲେ ଲଞ୍ଚ ଚାଳକ

ଗୋପ,୧୬।୮(ଡି.ଏନ୍.ଏ.)

କୁଶଭଦ୍ରା ନଦୀରେ ବନ୍ୟାଜଳ ଆସିବାରେ ଗୁରୁବାର ବିଳମ୍ବିତ ରାତିରେ ଗୋପ ବ୍ଲକ୍ ନିକଟ କୁଶଭଦ୍ରା ନଦୀ କଡ଼ରେ ଥିବା ଗୋଟିଏ ଲଞ୍ଚଟି ଭାସିଯାଇଥିଲା। ଏଥିରେ ଲଞ୍ଚର ଚାଳକ ପ୍ରକାଶ ବେହେରା ମଧ୍ୟ ଭାସି ଯାଇଥିଲେ। ପରେ ଏକ ଗଛ ଡାଳକୁ ଧରି ଲଞ୍ଚ ଚାଳକ ନିଜ ଜୀବନ ବଞ୍ଚାଇଥିଲେ। କୁଶଭଦ୍ରା ନଦୀରେ ବନ୍ୟା ଆସିବା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ନଦୀ ତଟବର୍ତ୍ତୀ ସମସ୍ତ ଲୋକଙ୍କୁ ସଜାଗ ରହିବାକୁ ବ୍ଲକ୍‌କୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଉକ୍ତ ଲଞ୍ଚ ଚାଳକ ପ୍ରକାଶ ବ୍ଲକ୍ ପକ୍ଷରୁ ଥିବା ଲଞ୍ଚରେ ଶୋଇଥିଲେ। ପ୍ରକାଶ ଲଞ୍ଚରେ ଥିବା ସତ୍ତ୍ୱେ ଲଞ୍ଚ ଭାସିଯିବାର ଜାଣି ନ ଥିଲେ। ସକାଳେ ହଠାତ୍ ତାଙ୍କ ନିଦ ଭାଙ୍ଗିବାରୁ ଲଞ୍ଚ ଭାସୁଥିବା ଦେଖିଥିଲେ। ପ୍ରାୟ ୬କି.ମି. ଭାସିବା ପରେ ନିଜର ଜୀବନ ବଞ୍ଚାଇବା ଲାଗି ଏକ ଗଛକୁ ଧରି ରହିଥିଲେ। ସ୍ଥାନୀୟ ଲୋକ ଜାଣିବା ପରେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଗୋପ ଅଗ୍ନିଶମ ବିଭାଗ କର୍ମଚାରୀ ଟିଣ୍ଡିଅର ନିକଟ କୁଶଭଦ୍ରା ନଦୀ ନିକଟରେ ପହଞ୍ଚି ଚାଳକକୁ ଉଦ୍ଧାର କରିବା ସହ ଲଞ୍ଚକୁ ଡଙ୍ଗା ମାଧ୍ୟମରେ ବ୍ଲକ୍ ନିକଟକୁ ଆଣିଥିଲେ।

■ ମିଶନ ଆଶାଲୋକ ଅଭିଯାନର ଶୁଭାରମ୍ଭ

## ୧୮ ମାନସିକ ବିକାରଗ୍ରସ୍ତ ପୁରୁଷ ଉଦ୍ଧାର

ପୁରୀ ଅଫିସ, ୧୬।୮:

ଅନେକ ମାନସିକ ବିକାରଗ୍ରସ୍ତ ରାସ୍ତାଘାଟରେ ଏଣେତେଣେ ବୁଲୁଥାନ୍ତି। କେହି କେହି ଲୋକଙ୍କୁ ମାଗି ଖାଇଥାନ୍ତି ତ ଆଉ କେହି ଅଳିଆ ଆବର୍ଜନା ଗଦାରୁ ପେଟର ଭୋକ ମେଣ୍ଟାନ୍ତି। ହେଲେ ଏମାନଙ୍କ ପ୍ରତି ସହାନୁଭୂତିର ହାତ ବଢ଼ାଇବା ଲୋକ ପ୍ରାୟ କ୍ୱଚିତ ଦେଖିବାକୁ ମିଳିଥାନ୍ତି। ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲାରେ ଶହ ଶହ ସଂଖ୍ୟାରେ ମାନସିକ ବିକାରଗ୍ରସ୍ତ ରହିଛନ୍ତି। ତେବେ ବାସହୀନ ମାନସିକ ବିକାରଗ୍ରସ୍ତ ପୁରୁଷଙ୍କ ପାଇଁ ଏବେ ଆଶାର ଆଲୋକ ସାଜିଛି ପିପୁଲ୍‌ସ ଫୋରମର ମିଶନ ଆଶାଲୋକ ଅଭିଯାନ। ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ପବିତ୍ର ଶ୍ରୀକ୍ଷେତ୍ର ମାଟିରୁ ଆରମ୍ଭ ହୋଇଛି ଏହି ଅଭିଯାନ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପତାକା ଦେଖାଇ ପିପୁଲ୍‌ସ ଫୋରମ୍‌ର ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିବସରେ ପୁରୀ ସହରରୁ ୧୮ ଜଣ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କରାଯାଇଛି।

୧୭ ବର୍ଷ ଧରି ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲ୍‌ସ ଫୋରମ ମହିଳା ଅସହାୟ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା ଏବଂ ଥଇଥାନ କରିଆସୁଛି। ମହିଳା ମାନସିକ ବିକାରଗ୍ରସ୍ତଙ୍କ ପରି ପୁରୁଷ ମାନସିକ ବିକାରଗ୍ରସ୍ତମାନେ ମଧ୍ୟ ଅକଥନୀୟ ଯନ୍ତ୍ରଣା ପାଉଛନ୍ତି। ପୁରୀରେ ମଧ୍ୟ ଏହିଭଳି ବହୁ ପୁରୁଷ ମାନସିକ ବିକାରଗ୍ରସ୍ତ ବୁଲୁଛନ୍ତି। ସେମାନଙ୍କ ଉପଦ୍ରବ, ଅକୁହା ଅବ୍ୟକ୍ତ ଯନ୍ତ୍ରଣାକୁ ଉପଲବ୍ଧି କରି ସେମାନଙ୍କର ଚିକିତ୍ସା ଏବଂ ଥଇଥାନ ପାଇଁ ମିଶନ ଆଶାଲୋକରେ ବ୍ୟବସ୍ଥା କରାଯାଇଛି। ଗୁରୁବାର ପ୍ରଥମ ଦିବସରେ ବଡ଼ଦାଣ୍ଡ, ରେଳ ଷ୍ଟେଶନ, ଗୁଣ୍ଡିଚା ମନ୍ଦିର ପ୍ରଭୃତି ସ୍ଥାନରୁ ପିପୁଲ୍‌ସ ଫୋରମର ସଭ୍ୟ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଟି ଆମ୍ବୁଲାନ୍ସ ସହ ସଞ୍ଜୟ ପଟ୍ଟନାୟକ, ପ୍ରଦୀପ ଚମ୍ପତିରାୟ, ନାଗେଶ ସୁନ୍‌କାରୀ, ଦର୍ଶନ ସୂର୍ଯ୍ୟ ସାହୁ, ସୁଜିତ୍ ମହାନ୍ତି ପ୍ରମୁଖ ୫୦ ସ୍ୱେଚ୍ଛାସେବୀ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ। ୧୮ ଜଣଙ୍କୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ଗଙ୍ଗପଡ଼ାସ୍ଥିତ ମିଶନ ଆଶାଲୋକ ଥଇଥାନ କେନ୍ଦ୍ରକୁ ନିଆଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ ଉପସ୍ଥିତ ଥିଲେ।



ସଂଗଠନର କର୍ମକର୍ତ୍ତାମାନେ ଜଣେ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କରୁଛନ୍ତି।

■ ସତ୍ୟବାଦୀରେ ପୋତିହେଉଛି ରନ୍ଟିରା ନଦୀ

## ସଂକୀର୍ଣ୍ଣ ବ୍ରିଜ୍‌ରେ ଅଟକିଛି ବିଲାତି ଦଳ

ସାକ୍ଷୀଗୋପାଳ,୧୬।୮(ଡି.ଏନ୍.ଏ.)

ପୁରୀ ଜିଲାରେ ପ୍ରବାହିତ ରନ୍ଟିରା ନଦୀ ଏବେ ସତ୍ୟବାଦୀ ଅଞ୍ଚଳରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ କେତେକ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସ୍ୱେଚ୍ଛାଚାରିତା ଯୋଗୁ ପୋତି ହେବାରେ ଲାଗିଛି। ପିପିଲି ହରିପୁରଠାରୁ ଭାର୍ଗବୀ ନଦୀରୁ ବାହାରି ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରି ବ୍ଲକର ତଳମୁଣ୍ଡ ଗୋବର୍ଦ୍ଧନପୁର ପର୍ଯ୍ୟନ୍ତ ଦୀର୍ଘ ୫୦ କିଲୋମିଟର ବିଶିଷ୍ଟ ରନ୍ଟିରା ନଦୀକୁ ସରକାରୀ କାଗଜପତ୍ରରେ ଖଲାସି ନାଳଭାବେ ଚିତ୍ରଣ କରାଯାଇଛି। ଏହି ଖଲାସି ନାଳର ଜଳ ପରିଚାଳନା ଭାର ଭୁବନେଶ୍ୱର ଡ୍ରେନେଜ ଡିଭିଜନ ହାତରେ ରହିଛି। କିନ୍ତୁ ଉକ୍ତ ଡିଭିଜନ ରନ୍ଟିରା ନଦୀ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏହାର ଶଯ୍ୟା ଧୀରେଧୀରେ ପୋତି ହୋଇପଡିବା ସହ ସତ୍ୟବାଦୀ ଅଞ୍ଚଳର ଥିବା ୧୨ଟି ସଂକୀର୍ଣ୍ଣ ବ୍ରିଜରେ ବିଲାତି ଦଳ ଜମି ରହିଛି। ପଟ୍ଟନାୟିକିଆ–ବଳପୁର ରାସ୍ତାର ମହାବଳପଡା, ରାଜପଥର ଚଣାଗୋରଡା ଓ କାଞ୍ଚିଆ, ବୀରରାମଚନ୍ଦ୍ରପୁର, କଲେଜ ରାସ୍ତା, ରେଳବ୍ରିଜ, ସାକ୍ଷୀଗୋପାଳ ବଜାର, ଶ୍ରୀରାମଚନ୍ଦ୍ରପୁର ପଚାଶଙ୍ଖ, ବଡବନ୍ଧ, ମଠସାହି, ପରହାଟ ଓ ପୁରୀ ନୂଆ ଜଗନ୍ନାଥ ସଡକର ଯମୁନାକୁଦ ବ୍ରିଜ ନିକଟରେ ଖରା ବର୍ଷା ସବୁ ସମୟରେ ବିଲାତି ଦଳ ନିଷ୍କାସନ ହୋଇ ନ ପାରି ଜମି ରହିବାରୁ ଜଳ ନିଷ୍କାସନରେ ବାଧା ଉପୁଜିଛି। ନଦୀ ମଧ୍ୟରେ ଅମରୀ ଓ ଅନାବନା ଗଛ ବଢ଼ିବାରେ ଲାଗିଛି। ଏହାସହ ଫନୀ ବାତ୍ୟାରେ ନଦୀ ମଧ୍ୟକୁ ଭାଙ୍ଗି ପଡିଥିବା ଗଛ ଓ ଡାଳ ଏବେ ବି ପାଣିରେ ପଡିରହିଛି। ଗୋଟିଏ ପଟେ ଜଳ ନିଷ୍କାସନ ଭଳି ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ବେଳେ କିଛି ସ୍ଥାନୀୟ ଲୋକେ ନଦୀଶଯ୍ୟାକୁ କିଣି ସେଠାରେ ପୋଖରୀ ଖୋଳି ବନ୍ଧ ପକାଇବାଠାରୁ ଶଯ୍ୟା ପୋତି ପକ୍କାଘର ନିର୍ମାଣ କରୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଛି। ଦିନଥିଲା ଭାର୍ଗବୀ ନଦୀରେ ଆସୁଥିବା ବନ୍ୟାଜଳ ନିୟନ୍ତ୍ରଣ କରିବାରେ ରନ୍ଟିରା ସହାୟକ ହେଉଥିଲା। ଏବେ ଜଳନିଷ୍କାସନରେ ବାଧକ ସାଜିବାରୁ ଏହାର ଅବବାହିକାକୁ ଲାଗି ରହିଥିବା ଶତାଧିକ ଗ୍ରାମ ବର୍ଷା ସମୟରେ ଜଳ ସଂକୋଚନ ସମସ୍ୟାରେ ଉବୁଟୁବୁ ହେଉଛନ୍ତି। ବାଡି ବଗିଚାରୁ ଜଳ ନିଷ୍କାସନ ହୋଇ ନ ପାରି ଖରିଫ ଓ ପନିପରିବା ଚାଷ ପ୍ରଭାବିତ ହେଉଛି। ଦଳ ଯୋଗୁ ମଶା ଉପଦ୍ରବ ଅସହ୍ୟ ହେଉଛି। ରନ୍ଟିରା ନଦୀ ଖନନ କରିବା ସହିତ ତନ୍ମଧ୍ୟରୁ ଦଳ ସଫା କରିବାକୁ ନିଳାଚଳ କୃଷକ ମହାସଂଘ ବାରମ୍ବାର ଦାବି କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କଲେ ବି କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଲଗାଣ ବର୍ଷାରେ ନଦୀକୂଳ ଗ୍ରାମଗୁଡିକର ବାଡି ଅଗଣାରେ ପାଣି ଜମିବାରେ ଲାଗିଛି। ତୁରନ୍ତ ପଦକ୍ଷେପ ନେବାକୁ ପେଣ୍ଠପଡା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମହାପାତ୍ର ଓ ମୁଳଅଳସା ପୂର୍ବତନ ସରପଞ୍ଚ ଶଙ୍କର ପ୍ରଧାନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।



ବିଜ୍ ନିକଟରେ ଜମିଥିବା ଦଳ।

■ଜଳ ନିଷ୍କାସନରେ ବାଧା

■ତୁରନ୍ତ ପଦକ୍ଷେପ ନେବାକୁ ଦାବି